R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୧
ତିଥି : ନବମୀ
୦୩ ନଭେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
03 November 2026, Tuesday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

୧୨୦ କିମି ବେଗରେ ଆନ୍ଧ୍ର ସ୍ଥଳଭାଗରେ 'ମୁରାସୁ'



- ଦକ୍ଷିଣ ଓଙ୍ଗୋଲରୁ କାଭାଲି ମଧ୍ୟରେ ଲ୍ୟାଣ୍ଡଫଲ
- ବିଳମ୍ବିତ ରାତିରୁ ଭୋର ଯାଏଁ ପ୍ରବେଶ ପ୍ରକ୍ରିୟା
- ଆଜି ସନ୍ଧ୍ୟା ସୁଦ୍ଧା ଦୁର୍ବଳ ହୋଇ ବାତ୍ୟାରେ ପରିଣତ
- ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨ ।୧୧ (ସବୁ୍ୟ): ଅର୍ଣ୍ଣବ ବାତ୍ୟାର ତାଣ୍ଡବରୁ ଆନ୍ଧ୍ରପ୍ରଦେଶ ବାହାରିନଥିବା ବେଳେ ପୁଣି ମୁରାସୁ ବାତ୍ୟା ଭୀଷଣ ରୂପ ନେଇ ପ୍ରବେଶ କରିଛି । ଫଳରେ ଦକ୍ଷିଣ ଆନ୍ଧ୍ରର ଓଙ୍ଗୋଲ, କାଭାଲି, ନେଲ୍ଲୁର ଅଞ୍ଚଳରେ ମୁରାସୁ କରାଳ ରୂପ ଦେଖାଇଛି । ମୁରାସୁ ୧୨୦ କି.ମି. ବେଗରେ ଦକ୍ଷିଣ ଆନ୍ଧ୍ରର ଓଙ୍ଗୋଲରୁ କାଭାଲି ମଧ୍ୟରେ ସ୍ଥଳଭାଗ ଛୁଇଁଥିବା ଜଣାପଡ଼ିଛି । ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ସତର୍କତା କରିଛି ପାଣିପାଗ ବିଭାଗ ।

ସୋମବାର ସନ୍ଧ୍ୟା ୫.୩୦ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଭୀଷଣ ବାତ୍ୟା ମୁରାସୁ ଘଣ୍ଟାପ୍ରତି ୧୨ କିମି ବେଗରେ ଉତ୍ତର ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଆନ୍ଧ୍ରର ନେଲ୍ଲୁରଠାରୁ ୮୦ କିମି, କାଭାଲି ଠାରୁ ୮୦ କିମି, ଓଙ୍ଗୋଲ ଠାରୁ ୧୧୦ କିମି, ଚେନ୍ନାଇ ଠାରୁ ୧୯୦ କିମି ଦୂରରେ ରହିଥିଲା । ଏହା ବିଳମ୍ବିତ ରାତିରେ ଓଙ୍ଗୋଲରୁ କାଭାଲି ନିକଟରେ ସ୍ଥଳଭାଗ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରି ମଙ୍ଗଳବାର ଭୋରରୁ ଶେଷ ହୋଇଛି। ସେତେବେଳେ ପବନ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଓ ଝଟକା ୧୨୦ କିମି ରହିଥିଲା ।

ଆନ୍ଧ୍ର ସ୍ଥଳଭାଗ ଚୁଇଁବା ସମୟରେ ସମୁଦ୍ର ଉପକୂଳରେ ଥିବା ରାସ୍ତା ଉପରକୁ ଉଚ୍ଚ ଜୁଆର ମାଡ଼ି ଆସିଥିଲା । ଫଳରେ ରାସ୍ତା ଧୋଇଯାଇଥିବା ବେଳେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିଥିଲା । ଏଥିସହ ବାତ୍ୟା ମାଡ଼ରେ କଚ୍ଚା ଘର ମଧ୍ୟ ଭାଙ୍ଗିଯାଇଥିବା ଜଣାପଡ଼ିଛି । ସ୍ଥଳଭାଗ ଛୁଇଁବା ମାତ୍ରେ ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଦୁର୍ବଳ ହୋଇ ବାତ୍ୟା ରୂପ ନେବାର ସମ୍ଭାବନା ଅଛି ।

ବାତ୍ୟା ପ୍ରଭାବରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଦକ୍ଷିଣ ଓଡ଼ିଶାର ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଏହି ସମୟରେ ପବନ ଘଣ୍ଟାପ୍ରତି ୪୦ରୁ ୫୦ କିମି ଓ ଝଟକା ୬୦ କିମି ରହିବ । ବାକି ଜିଲ୍ଲାଗୁଡ଼ିକରେ ବର୍ଷା ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

ବାତ୍ୟା ମୁକାବିଲା ଲାଗି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ



ଭୁବନେଶ୍ୱର, ୨ ।୧୧ (ସବୁ୍ୟ) : ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ

- ଜୀବନ, ସମ୍ପତ୍ତି ସୁରକ୍ଷା ପାଇଁ ସରକାରଙ୍କ ବ୍ୟାପକ ପ୍ରସ୍ତୁତି
- ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ପ୍ରଶାସନ ସଜାଗ
- ରାଜ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର, ରିଲିଫ୍ କାର୍ଯ୍ୟ ଜାରି
- ଅର୍ଣ୍ଣବ ପ୍ରଭାବରେ ୪୧ ବ୍ଲକ, ୪୮୮ ପଞ୍ଚାୟତର ୨.୧୦ ଲକ୍ଷ ପ୍ରଭାବିତ
- କ୍ଷୟକ୍ଷତି ଆକଳନ ଲାଗି ଓଡ଼ିଶାରେ ପହଞ୍ଚିଲେ କେନ୍ଦ୍ରୀୟ ଟିମ୍

ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି । ବାତ୍ୟା ଓ ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଆସି ପହଞ୍ଚିଛନ୍ତି । ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିବେ । ବାତ୍ୟା ମୁରାସୁ ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ଭୟଭୀତ ନହୋଇ ସଚେତନ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ଏହା ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ପୁରା ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି ।

ରାଜୀବ ଭବନସ୍ଥିତ (୯ ପୃଷ୍ଠାରେ)

ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ୩ ଜିଲ୍ଲାରେ ଘରକୁ ଘର ସର୍ଭେ ଅବଧି ବୃଦ୍ଧି

ଗଞ୍ଜାମ ଜିଲ୍ଲାରେ ନଭେମ୍ବର ୨୧, ଗଜପତି ଓ କନ୍ଧମାଳ ଜିଲ୍ଲାରେ ନଭେମ୍ବର ୧୪ ଯାଏଁ ସର୍ଭେ ଚାଲିବ

ଭୁବନେଶ୍ୱର, ୨ ।୧୧ (ସବୁ୍ୟ) : ସାମ୍ପ୍ରତିକ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ପ୍ରବଳ ବର୍ଷା ଓ ପ୍ରତିକୂଳ ପାଣିପାଗ ପରିସ୍ଥିତି ଯୋଗୁଁ ଚାଲୁ ରହିଥିବା ଘରକୁ ଘର ସର୍ଭେ କାର୍ଯ୍ୟ ପ୍ରଭାବିତ ହୋଇଛି । ଏହାଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ଭେ ସମ୍ପୂର୍ଣ୍ଣ କରିବାରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ କମିଶନଙ୍କ ଦୃଷ୍ଟିକୁ ଆସିଛି ।

ଏହି ପରିସ୍ଥିତିକୁ ବିଚାରକୁ ନେବା ସହ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ଏବଂ ସର୍ଭେ କାର୍ଯ୍ୟରେ ସଠିକତା ଓ ସମ୍ପୂର୍ଣ୍ଣତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉକ୍ତ ତିନୋଟି ଜିଲ୍ଲାରେ ଘରକୁ ଘର ସର୍ଭେ କାର୍ଯ୍ୟ ସମାପ୍ତିର ସମୟସୀମା ବୃଦ୍ଧି କରାଯାଇଛି । ସଂଶୋଧିତ ସମୟସୀମା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ନଭେମ୍ବର ୨୧, ୨୦୨୬ ଏବଂ ଗଜପତି ଓ କନ୍ଧମାଳ ଜିଲ୍ଲାରେ ନଭେମ୍ବର ୧୪, (୯ ପୃଷ୍ଠାରେ)

ବହୁ ଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲା


ଆତ୍ମସମର୍ପଣ ପରେ ଜେଲ୍ ଗଲେ ବିଦ୍ୟାଭାରତୀ



ପାରଳାଖେମୁଣ୍ଡି, ୨ ।୧୧ (ସବୁ୍ୟ) : ଓଡିଶାର ବହୁ ଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ ସୋମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତା ପତ୍ନୀ ବିଦ୍ୟାଭାରତୀ ପାରଳାଖେମୁଣ୍ଡି ଜେଲ ହାଜତକୁ ସୋମବାର ଏସଡିଜେଏମଙ୍କ ନିର୍ଦ୍ଦେଶକ୍ରମେ ପଠାଇ ଦିଆଯାଇଥିବା ସୂଚନା ମିଳିଛି । ସୋମବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ବିଦ୍ୟାଭାରତୀ ପଣ୍ଡା ଆତ୍ମ ସମର୍ପଣ କରିଥିଲେ । ପରେ ବିଦ୍ୟାଭାରତୀଙ୍କ ଓକିଲ ଏସଡିଜେଏମ କୋର୍ଟରେ ଜାମିନ ଆବେଦନ କରିଥିଲେ । ଜାମିନ ଆବେଦନ ଖାରଜ ହେବାରୁ ଏସଡିଜେଏମଙ୍କ ନିର୍ଦ୍ଦେଶରେ ବିଦ୍ୟାଭାରତୀଙ୍କୁ ପାରଳାଖେମୁଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

ଉଲ୍ଲେଖଯୋଗ୍ୟ ବିଗତ ୨୦୨୧ ମସିହାରେ ପାରଳାଖେମୁଣ୍ଡି ଏସିଏଫ ସୋମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ତତ୍କାଳୀନ ପାରଳା ଡ଼ିଏଫଓ (୯ ପୃଷ୍ଠାରେ)

ଡା. ଅଶୋକ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୨ ।୧୧ (ସବୁ୍ୟ) : ପ୍ରଖ୍ୟାତ ସ୍ୱାସ୍ଥ୍ୟସଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ଆଜି ରାତି ୯.୧୫ରେ ତାଙ୍କର ପରଲୋକ ହୋଇଥିବା ସୂଚନା ଏମ୍ସ ପକ୍ଷରୁ ଜାରି କରାଯାଇଥିଲା । ସେ ମସ୍ତିସ୍କ କର୍କଟରେ ପୀଡିତ ଥିଲେ । ଅସୁସ୍ଥତା କାରଣରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ସେପ୍ଟେମ୍ବର ୨୭ରେ ଭର୍ତ୍ତି ହୋଇଥିଲେ । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

ଅକ୍ଟୋବର ୫ରେ ତାଙ୍କର ଅପରେସନ୍ ହୋଇଥିଲା । ନୂଆଦିଲ୍ଲୀ ଏମ୍ସର ପ୍ରଫେସର ଆଶିଷ ପୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଚାଲିଥିଲା । ସ୍ୱାସ୍ଥ୍ୟ ସଲ୍ୟ ଚିକିତ୍ସା କ୍ଷେତ୍ରରେ ଡ. ମହାପ୍ରତଙ୍କର ଦେଶବ୍ୟାପୀ ସୁନାମ ରହିଥିଲା । ନିଜର ଦୀର୍ଘ ଅଭିଜ୍ଞତା, ଚିକିତ୍ସା, ସେବା ଓ ଅବଦାନ ପାଇଁ ଚିକିତ୍ସା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଡା. ମହାପାତ୍ର ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜରୁ ୧୯୭୫ରେ ଏମ୍ବିବିଏସ୍ ଡିଗ୍ରୀ ହାସଲ କରିବା ପରେ ନୂଆଦିଲ୍ଲୀ ଏମ୍ସରେ ଉଚ୍ଚଶିକ୍ଷା ଗ୍ରହଣ କରି ୧୯୭୯ରେ ଏଏମ୍ଏସ୍ ଓ ୧୯୨୨ରେ ସ୍ୱାସ୍ଥ୍ୟ ସଲ୍ୟ ଚିକିତ୍ସାରେ ଏମ୍ସିଏଚ୍ ଡିଗ୍ରୀ ହାସଲ କରିଥିଲେ । ୪୦ ବର୍ଷରୁ ଅଧିକ ସମୟ ଧରି ଏମ୍ସ ନୂଆଦିଲ୍ଲୀ ସହ ଜଡ଼ିତ ରହି ନିରୋ ସର୍ଜରୀ ବିଭାଗର ମୁଖ୍ୟ, ନିରୋ ସାଇନ୍ସ (୯ ପୃଷ୍ଠାରେ)

୫ ଲକ୍ଷ ଲାଞ୍ଚ ମାଗି ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଗିରଫ

ସମ୍ବଲପୁର, ୨ ।୧୧ (ସବୁ୍ୟ) : ଲାଞ୍ଚ ନେବା ବେଳେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଅଜୟ କୁମାର ଗଡନାୟକଙ୍କୁ ଭିଜିଲାନ୍ସ ପୋଲିସ ଗିରଫ କରିଛି । ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ବୋଳା ୩ ଲକ୍ଷ ୧୦ ହଜାର ଟଙ୍କା ଜବତ ହୋଇଛି । ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୨୦/୨୬ରେ ଏକ ମାମଲା ରୁଜୁ କରାଯାଇଛି । ପରେ ତାଙ୍କ ଅନୁଗୋଳ ସ୍ଥିତ ସରକାରୀ ବାସଭବନ, ଢେଙ୍କାନାଳ ଜିଲ୍ଲା ରସୋଳ ସ୍ଥିତ ତାଙ୍କ ପୈତୃକ ଘର ଓ ଅଫିସ ଚାମ୍ବରରେ ଏକକାଳୀନ ଚଢାଉ କରାଯାଇଥିଲା ।

ସୂଚନାଯୋଗ୍ୟ, ସମ୍ବଲପୁର-ତାଳଚେର ରେଳ ଲାଇନ ଦୋହରୀକରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବାବଦ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କା କ୍ଷତିପୂରଣ ମୁକ୍ତ କରିବା ପାଇଁ ଏହି ଅଧିକାରୀ ଜଣକ ଜମି ମାଲିକଙ୍କ ଠାରୁ ୫ ଲକ୍ଷ (୯ ପୃଷ୍ଠାରେ)

ଦୁଇଦିନିଆ ଦିଲ୍ଲୀଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨ ।୧୧ (ସବୁ୍ୟ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଦିଲ୍ଲୀର ଭାରତ ମଣ୍ଡପରେ ହେବାକୁଥିବା ଭାରତ ଅକ୍ଷୟଶକ୍ତି ସମିଟ ଓ ପ୍ରଦର୍ଶନୀ ୨୦୨୬ରେ ସେ ଯୋଗଦେବେ । ସବୁଜ ଓ ଅକ୍ଷୟଶକ୍ତି କ୍ଷେତ୍ରରେ ବିକାଶ ତଥା ନିବେଶ ଓଡ଼ିଶାରେ ବଢ଼ାଇବା ଏହାର ମୁଖ୍ୟ ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀଙ୍କ ସମେତ କେଭି ସିଂଦେଓ ଓ ଶକ୍ତିବିଭାଗ ଓ ଅତିରିକ୍ତ ସଚିବ ମୁଖ୍ୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ । ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି କେନ୍ଦ୍ରୀୟ ସହାୟତା ପାଇଁ ଦାବି କରିପାରନ୍ତି ।

ବିଦେଶୀ ସହାୟତା ପ୍ରସଙ୍ଗରେ ରାହୁଲଙ୍କ ଜବାବ

ଖୋଲା ମଞ୍ଚରେ ବିତର୍କ ଲାଗି ମୋଦୀଙ୍କୁ ଆହ୍ୱାନ

ନୂଆଦିଲ୍ଲୀ, ୨ ।୧୧ : ବିରୋଧୀ ଦଳକୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ମନ୍ତବ୍ୟର ଜବାବ ଦେଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ବିଦେଶୀ ସହାୟତାରେ ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିବା ଏବଂ ପଦରେ ରହିଥିବା ଅଭିଯୋଗ କରିବା ସହ ତାଙ୍କୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ରାହୁଲ । ଯେକୌଣସି ମଞ୍ଚରେ ଓ ଯେକୌଣସି ସମୟରେ ବିତର୍କ ପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି ।

ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟିଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ମୋଦୀ ବିରୋଧୀଙ୍କୁ ଟାର୍ଗେଟ୍ କରିଥିଲେ । ସରକାରଙ୍କ ନୀତିକୁ ପ୍ରଶ୍ନ କରିବା ବଦଳରେ ବିରୋଧୀ ଗଣତାନ୍ତ୍ରିକ ଦାୟିତ୍ୱରୁ ଦୂରେଇ ଯାଇ ଦେଶର ବିକାଶରେ ବାଧା ସୃଷ୍ଟି କରୁଥିବା ସେ ଅଭିଯୋଗ କରିଥିଲେ। ଏହାର ଜବାବରେ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି, "ଶ୍ରୀ ମୋଦୀ, ଦେଶକୁ ମିଛ କହିବା ବନ୍ଦ କରନ୍ତୁ । ବିଦେଶୀ ସହାୟତାରେ ଆପଣ ପ୍ରଧାନମନ୍ତ୍ରୀ ହୋଇଥିଲେ। ବିଦେଶୀ ସହାୟତାରେ ହିଁ ଆପଣ ପ୍ରଧାନମନ୍ତ୍ରୀ ରହିଛନ୍ତି।" (୯ ପୃଷ୍ଠାରେ)

ଏସ୍ଆଇଆର ପରେ ନିର୍ବାଚନ ହେବାକୁ ଥିବା ୫ ରାଜ୍ୟରୁ କଟିଲେ ୨.୨୯ କୋଟି ଭୋଟର

ନୂଆଦିଲ୍ଲୀ, ୨ ।୧୧ : ଆଗାମୀ ବର୍ଷ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ହେବାକୁ ଥିବା ୫ଟି ରାଜ୍ୟରେ ଭୋଟର ତାଲିକାର ଏସ୍ଆଇଆର୍ ପରେ ମୋଟ ୨.୨୯ କୋଟି ଭୋଟରଙ୍କ ସଂଖ୍ୟା ହ୍ରାସ ପାଇଛି । ଉତ୍ତରପ୍ରଦେଶରେ ସର୍ବାଧିକ ଭୋଟର ହ୍ରାସ ଘଟିଥିବାବେଳେ ମୋଟ ହ୍ରାସର ପ୍ରାୟ ୯୦ ପ୍ରତିଶତ ଏହି ରାଜ୍ୟରୁ ହୋଇଛି ।

ଝୁଟିରୁ ସର୍ବାଧିକ ୨.୦୪ କୋଟି



ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ପଞ୍ଜାବ ଓ ମଣିପୁରରେ ଭୋଟର ତାଲିକା ସଂଶୋଧନ ପରେ ଭୋଟରଙ୍କ ସଂଖ୍ୟା ୬.୩୩ ପ୍ରତିଶତରୁ ୧୩.୨୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଏହି ୫ଟି ରାଜ୍ୟରେ ନିର୍ବାଚନ ପୂର୍ବରୁ ମୋଟ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୮.୭୧ କୋଟି ଥିବାବେଳେ ଚୂଡ଼ାନ୍ତ ତାଲିକାରେ ଏହା ୧୬.୪୩ କୋଟିକୁ ହ୍ରାସ ପାଇଛି । ନିର୍ବାଚନ ଆୟୋଗ ଓ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଏହା ଜଣାପଡ଼ିଛି ।

ଦେଶର ସର୍ବାଧିକ ଭୋଟର ଥିବା ଉତ୍ତରପ୍ରଦେଶରେ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍ଆଇଆର୍ କରାଯାଇଥିଲା । ସଂଶୋଧନ ପୂର୍ବରୁ (୯ ପୃଷ୍ଠାରେ)

ବିମାନ ଭଡ଼ା ୭୦୦% ବୃଦ୍ଧି ଅଭିଯୋଗ

ବିମାନରେ ଯାତ୍ରା କରନ୍ତୁ ନାହିଁ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨ ।୧୧ : ବିମାନ ଭଡ଼ାରେ ପ୍ରାୟ ୭୦୦% ବୃଦ୍ଧି ହୋଇଥିବା ଅଭିଯୋଗ ସମ୍ପର୍କିତ ଏକ ଆବେଦନର ଜରୁରି ଶୁଣାଣି ପାଇଁ ସୋମବାର ଅନୁମତି ଦେଇନାହାନ୍ତି ସୁପ୍ରିମକୋର୍ଟ । ଏହି ମାମଲାରେ ଜରୁରି ଶୁଣାଣି ଦାବି କରିଥିବା ଜଣେ ଆଇନଜୀବୀଙ୍କୁ ଶୀର୍ଷ ଅଦାଲତ 'ବିମାନରେ ଯାତ୍ରା କରନ୍ତୁ ନାହିଁ' ବୋଲି କହିଥିବା ଜଣାପଡ଼ିଛି ।

ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହତା ଓ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଆଇନଜୀବୀ ଏହି ପ୍ରସଙ୍ଗ ଉଠାଇଥିଲେ । ବିମାନ ଯାତ୍ରା ଏକ ଅତ୍ୟାବଶ୍ୟକ ସେବା ଏବଂ ଭଡ଼ା ବୃଦ୍ଧି ଆଇନ ଆଗରେ ସମାନତା ସମ୍ପର୍କିତ ସମ୍ବିଧାନର ଧାରା (୯ ପୃଷ୍ଠାରେ)

ଇତିହାସ

୧୪୯୩- କ୍ରିଷ୍ଟୋଫର୍ କଲମ୍ବସ ଡୋମିନିକା ଦ୍ୱୀପର ଠାବ କଲେ ।

୧୬୫୫- ସୈନ୍ୟ ଏବଂ ଆର୍ଥିକ ପ୍ରସଙ୍ଗରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଚୁକ୍ତି ।

୧୭୯୬- ଜନ୍ ଆଡମ୍ସ ଆମେରିକାର ରାଷ୍ଟ୍ରପତି ହେଲେ ।

୧୯୩୩- ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କ ଜନ୍ମ ।

୧୯୪୭- ପରମବୀର ଚକ୍ର ପାଇଥିବା ପ୍ରଥମ ଭାରତୀୟ ସହିଦ ସୋମନାଥ ଶର୍ମାଙ୍କ ପରଲୋକ ।

୧୯୪୮- ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ସଂଯୁକ୍ତରାଷ୍ଟ୍ର ମହାସଭାରେ ନିଜର ପ୍ରଥମ ଭାଷଣ ଦେଲେ ।

୧୯୬୨- ଚୀନ୍ ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତରେ ଗୋଲ୍ଡ ବଣ୍ଡ ସ୍କିମ୍‌ର ଘୋଷଣା କରାଗଲା ।

୧୯୮୪- ଭାରତରେ ହୋଇଥିବା ଶିଖ୍ ବିରୋଧି ଆନ୍ଦୋଳନରେ ୩ ହଜାର ଲୋକଙ୍କ ମୃତ୍ୟୁ ।


୨୦୦୦- ଭାରତରେ ଡାଇରେକ୍ଟ ଟୁ ହୋମ୍ ପ୍ରସାରଣ ସେବାର ଶୁଭାରମ୍ଭ ।

ସୋସିଆଲ କୋଟ୍ସ



ଆପଣମାନେ ମୋ ଶବ୍ଦର ଖରାପ ବ୍ୟବହାର କରି ମୋର ଅପମାନ କରିଛନ୍ତି । ମୋର ଫଲୋଅର୍ସମାନେ ଚାହିଁକି ରହିଛନ୍ତି, ମୁଁ କହିବାମାତ୍ରେ ସେମାନେ ଆପଣଙ୍କ ସମସ୍ୟା ବଢାଇଦେବେ ।

ଅମିତାଭ ବଚ୍ଚନ, ଅଭିନେତା



ମୋତେ ସ୍କ୍ରିପ୍ଟ ପସନ୍ଦ ଥିଲା । ମୁଁ ଓ ସଞ୍ଜୟ ଏହା ଉପରେ କାମ ମଧ୍ୟ ଆରମ୍ଭ କରିଥିଲୁ, ହେଲେ ଏଭଳି ଘଟଣା ଘଟିଲା ।

ରାକେଶ ରୋଶନ, ଫିଲ୍ମମେକର



ମୁଁ ଦର୍ଶକଙ୍କ ଭଲପାଇବା ପାଇଁ ଆଜି ଏତେ ବାଟରେ ପହଞ୍ଚିଛି । ସେମାନଙ୍କ ଭଲ ପାଇବା ମୋ ପାଇଁ ସବୁକିଛି ।

ଦିଲଜିତ ଦୋସାଞ୍ଜ୍ଞା, ସିଙ୍ଗର

ବିଶ୍ୱ ଜେଲିଫିସ ଦିବସ

ପ୍ରତିବର୍ଷ ନଭେମ୍ବର ୩ ତାରିଖକୁ ବିଶ୍ୱବ୍ୟାପୀ 'ବିଶ୍ୱ ଜେଲିଫିସ ଦିବସ' ଭାବେ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୃଥିବୀର ଏହି ପ୍ରାଚୀନ ତଥା ରହସ୍ୟମୟ ସାମୁଦ୍ରିକ ଜୀବ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ସାମୁଦ୍ରିକ ଜୀବବିଜ୍ଞାନୀ ଏବଂ ପ୍ରକୃତିପ୍ରେମୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଦିବସ ମାଧ୍ୟମରେ ସମୁଦ୍ରର ବାସ୍ତବିକ ସନ୍ତୁଳନ ରକ୍ଷାରେ ଜେଲିଫିସର ଅବଦାନକୁ ସ୍ମରଣ କରାଯାଏ । ଉଲ୍ଲେଖଯୋଗ୍ୟ ଯେ, ଜେଲିଫିସ କୌଣସି ପ୍ରକୃତ ମାଛ ନୁହଁନ୍ତି, ବରଂ ଏଗୁଡ଼ିକ ମସ୍ତିଷ୍କ, ହୃତପିଣ୍ଡ, ହାଡ଼ ଓ ରକ୍ତବିହୀନ ଜେଲି-ସଦୃଶ ସାମୁଦ୍ରିକ ପ୍ରାଣୀ । ଯେଉଁମାନେ ଡାଇନୋସରଙ୍କ ଆବିର୍ଭାବର ପ୍ରାୟ ୫୦୦ ନିୟୁତ ବର୍ଷ ପୂର୍ବରୁ ପୃଥିବୀର ମହାସାଗରଗୁଡ଼ିକରେ ବାସ କରିଆସୁଛନ୍ତି । ପାରିସ୍ଥିତିକ ସନ୍ତୁଳନ ଦୃଷ୍ଟିରୁ ଜେଲିଫିସର ଗୁରୁତ୍ୱ ଢେର ଅଧିକ । ଏଗୁଡ଼ିକ ତିମି ଏବଂ ଅନ୍ୟାନ୍ୟ ବଡ଼ ସାମୁଦ୍ରିକ ଜୀବଙ୍କର ମୁଖ୍ୟ ଆହାର ହୋଇଥିବା ବେଳେ ସମୁଦ୍ରର କାର୍ବନ ସାଇକେଲକୁ




ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରନ୍ତି । ଏହାଛଡ଼ା, ଜେଲିଫିସର ଦେହରୁ ମିଳୁଥିବା 'ଗ୍ରୀନ୍ ଫ୍ଲୋରସେଣ୍ଟ ପ୍ରୋଟିନ୍' ବୈଜ୍ଞାନିକ ଓ ଚିକିତ୍ସା ଗବେଷଣାରେ କର୍କଟ ତଥା ଅନ୍ୟାନ୍ୟ ଜଟିଳ ରୋଗର ଅନୁସନ୍ଧାନ ପାଇଁ ବହୁଳ ଭାବରେ ବ୍ୟବହୃତ ହେଉଛି । ତେବେ ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପ୍ରଦୂଷଣ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଏବଂ ଅତ୍ୟାଧିକ ମାଛ ଧରାଯିବା ହେତୁ ସାମୁଦ୍ରିକ ସଂସ୍ଥାରେ ଅସନ୍ତୁଳନ ଦେଖାଦେଉଛି । ଯାହା ଫଳରେ ଜେଲିଫିସଙ୍କ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ଘଟୁଛି । ତେଣୁ ଏହି ବିଶ୍ୱ ଜେଲିଫିସ ଦିବସ ଅବସରରେ ମହାସାଗରଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଏହି ଅଦ୍ଭୁତ କାଳଜୟୀ ଜୀବଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ।




ଇଂଲଣ୍ଡ ଗଲା ଭାରତୀୟ ଅଟୋ

ଇଂଲଣ୍ଡ ଭ୍ରମଣରେ ଆସିଥିବା ବ୍ରିଟେନର ହେଲେନ୍ ଏବଂ ମିକ୍ ନାମକ ଏକ ଦମ୍ପତି ଚେନ୍ନାଇରୁ ଏକ ଲାଲ୍ ଓ କଳା ରଙ୍ଗର ବାଜାଜ୍ ଅଟୋ-ରିକ୍ସା କିଣି ଏହାକୁ ଇଂଲଣ୍ଡ ନେଇଥିବା ଜଣାପଡିଛି । ସେମାନେ ଏହି ଅଟୋର ନାମ 'ଟିମି ଦି ଟିନ୍ କ୍ୟାନ୍' ରଖିଥିଲେ ଏବଂ ୭୫ ଦିନ ମଧ୍ୟରେ ଗୋଆ, ଜୟପୁର, ମୁମ୍ବାଇ ଓ ଆଗ୍ରା ସମେତ ଭାରତ ଅନେକ ସ୍ଥାନ ବୁଲିଥିଲେ । ନିଜ ଯାତ୍ରା ସମୟରେ ସେମାନେ ଅଟୋ ନାମରେ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ୍ ଖୋଲିଥିଲେ, ଯାହାର ୧୭,୦୦୦ରୁ ଅଧିକ ଫଲୋଅର୍ସ ଅଛନ୍ତି । ଭାରତ ଭ୍ରମଣ ଶେଷ କରିବା ପରେ, ସେମାନେ ଜାହାଜ ଯୋଗେ ଅଟୋଟିକୁ ୟୁକେ ପଠାଇଥିଲେ । ଯାହା ଛଅ ମାସର ସମୁଦ୍ର ଯାତ୍ରା ପରେ ୨୦୨୬ ଅକ୍ଟୋବରରେ ଲଣ୍ଡନରେ ପହଞ୍ଚିଛି । ତେବେ ବ୍ରିଟିଶ୍ ରାସ୍ତାରେ ଚଲାଇବା ପୂର୍ବରୁ ଏହାକୁ ଆବଶ୍ୟକୀୟ ସୁରକ୍ଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ଏବଂ ୟୁକେ ମାନଦଣ୍ଡ ପୂରଣ କରିବା ପାଇଁ କିଛି ପରିବର୍ତ୍ତନ ମଧ୍ୟ କରିବାକୁ ପଡ଼ିପାରେବୋଲି ଜଣାପଡିଛି ।

ଅନଲାଇନରେ ତନ୍ତ୍ରସେବା



ଆଜିକାଲି ଇଣ୍ଟରନେଟ୍ ଜରିଆରେ କେବଳ ସାମଗ୍ରୀ ନୁହେଁ, ବରଂ ପ୍ରେମ , ଚାକିରି, ଟଙ୍କା ରୋଜଗାର ପାଇଁ ଅନଲାଇନ ମନ୍ତ୍ର-ତନ୍ତ୍ର ସେବା ଉପଲବ୍ଧ ହେଉଛି । ଇଟାସି ଭଳି ଅନଲାଇନ୍ ପ୍ଲାଟଫର୍ମରେ ମହିଳାମାନେ ନିଜକୁ ତନ୍ତ୍ରସାଧିକା ଭାବେ ପ୍ରଚାର କରି ବିଭିନ୍ନ ପ୍ରକାର ମନ୍ତ୍ର ବିକ୍ରି କରୁଛନ୍ତି । ସୋସିଆଲମିଡିଆର ସୂଚନା ଅନୁସାରେ ସ୍କଟଲାଣ୍ଡର ୨୪ ବର୍ଷୀୟା ଅଲେସିଆ କାହିଲ୍ ଏପର୍ଯ୍ୟନ୍ତ ୨,୦୦୦ରୁ ଅଧିକ ଏସମ୍ପର୍କିତ ଅର୍ଡର ପାଇଛନ୍ତି । ଧନ ଓ ସଫଳତା ଆକର୍ଷିତ କରୁଥିବା 'ଆବଣ୍ଡାନ୍ସ ସ୍ପେଲ୍' ସବୁଠାରୁ ଅଧିକ ଲୋକପ୍ରିୟ ବୋଲି ସେ କହିଛନ୍ତି । କ୍ୟାରିୟର, ସମ୍ପର୍କ ଏବଂ ଏକୁଟିଆ ପଣ ଯୋଗୁଁ ଯୁବପିଢ଼ି ଏହି ସେବା ପ୍ରତି ଆକୃଷ୍ଟ ହେଉଥିବା ସେ ମତ ଦେଉଛନ୍ତି । ଯେଉଁଠାରେ ଗ୍ରାହକମାନେ ନିଜ ବ୍ୟକ୍ତିଗତ ସମସ୍ୟା ବାଣ୍ଟି ଭାବପ୍ରବଣ ସମର୍ଥନ ମଧ୍ୟ ପାଉଛନ୍ତି । ମାତ୍ର କମ୍ପାନୀର ନିୟମାନୁଯାୟୀ ଏହି ସାମଗ୍ରୀଗୁଡ଼ିକ କେବଳ ମନୋରଞ୍ଜନ ଉଦ୍ଦେଶ୍ୟରେ ବିକ୍ରୟ କରାଯାଉଛି ।



ବିରଳ ମାଛ ଠାବ

ପ୍ରଶାନ୍ତ ମହାସାଗରର ମଣ୍ଟେରେ କାନିୟନ୍ ଠାରୁ ପ୍ରାୟ ୫୫ ମାଇଲ୍ ଦୂରରେ ଏବଂ ୧,୯୭୦ ଫୁଟ୍ ଗଭୀରତାରେ 'ମଣ୍ଟେରେ ବେ ଆକ୍ୱାରିୟମ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ର ଗବେଷକଙ୍କୁ ଏକ ଅଦ୍ଭୁତ ଧରଣର ମାଛ ମିଳିଛି । ଗବେଷକମାନେ 'ଡେଭିଡ୍ ପ୍ୟାକାର୍ଡ' ଜାହାଜ ଏବଂ 'ଡକ୍ ରିକେଟ୍ସ' ନାମକ ଏକ ରିମୋଟ୍ ଦ୍ୱାରା ପରିଚାଳିତ ଯାନ ଜରିଆରେ ଟ୍ରାନ୍ସପରେଣ୍ଟ ମୁଣ୍ଡ ଓ ନିଆରା ସବୁଜ ଆଖି ବିଶିଷ୍ଟ ଅତି ବିରଳ 'ବାର୍‌ଲିଆଇ ଫିସ୍'ର ୨୦ ମିନିଟର ଏକ ହାଇ-ଡେଫିନିସନ୍ ଭିଡିଓ କ୍ୟାପଚର୍ କରିଛନ୍ତି । ଏହି ୬ ଇଞ୍ଚ ଲମ୍ବା ମାଛଟି ମହାସାଗରର ୨,୦୦୦ ରୁ ୨,୬୦୦ ଫୁଟ୍ ଗଭୀରତାରେ ରହୁଥିବାରୁ ଏହାକୁ ବହୁତ କମ୍ ଦେଖିବାକୁ ମିଳେ । ୪୦ ବର୍ଷର ସମୁଦ୍ର ଅନୁସନ୍ଧାନ ମଧ୍ୟରେ ଏମ୍‌ବିଏଆର୍‌ଆଇ ଟିମ୍ ଏହାକୁ ମାତ୍ର ଦଶ ଥର ଦେଖିଛନ୍ତି । ମାଛଟିର ଟ୍ରାନ୍ସପରେଣ୍ଟ ମୁଣ୍ଡ ଆବରଣ ଯୋଗୁଁ ବାହାରୁ ଏହାର ସବୁଜ ଆଖି ସ୍ପଷ୍ଟ ଦୃଶ୍ୟମାନ ହୋଇଥାଏ । ଯାହାକୁ ଜୀବନ୍ତ ଅବସ୍ଥାରେ ଦେଖିବା ଏକ ବିଶେଷ ସୌଭାଗ୍ୟ ବୋଲି ବରିଷ୍ଠ ବିଜ୍ଞାନୀ ଷ୍ଟିଭେନ୍ ହାଡକ୍ ବର୍ଣ୍ଣନା କରିଛନ୍ତି । କାରଣ ପୂର୍ବରୁ ମିଳିଥିବା ଟ୍ରାନ୍ସପରେଣ୍ଟ ମୁଣ୍ଡ ଆବରଣ ନଷ୍ଟ ହୋଇଯାଉଥିବାରୁ ପୂର୍ବରୁ ଏହାର ପ୍ରକୃତ ରୂପ ଚିହ୍ନିବା କଷ୍ଟକର ଥିଲା ।

ମା'ଙ୍କ ସ୍ମୃତିକୁ ରଖୁଛନ୍ତି ଜୀବନ୍ତ



ଅଭିନେତ୍ରୀ ଜାହ୍ନବୀ କପୁର ନିକଟରେ ହାଲୋୱିନ୍ ଅବସରରେ ଏକ ରେଟ୍ରୋ ଲୁକ କ୍ରିଏଟ କରିବାର ଅଛି । ୧୯୮୬ ମସିହାରେ ମୁକ୍ତିଲାଭ କରିଥିବା ପ୍ରସିଦ୍ଧ ଚଳଚ୍ଚିତ୍ର 'ନାଗିନ୍'ରୁ ତାଙ୍କ ସ୍ୱର୍ଗତ ମା' ତଥା କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କ ଆଇକନିକ୍ ଲୁକ୍‌କୁ ଆଉଥରେ କ୍ରିଏଟ କରି ସେ ଏହି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଜାହ୍ନବୀଙ୍କ ସହ ତାଙ୍କ ବନ୍ଧୁ ଓରୀ, ସ୍ୱର୍ଗତ ଅଭିନେତା ଋଷି କପୁରଙ୍କ ଲୁକ୍‌ରେ ନଜର ଆସିଛନ୍ତି । ଏହି ସିନର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । କେବଳ ହାଲୋୱିନ୍ ନୁହେଁ, ପୂର୍ବରୁ ମଧ୍ୟ ଜାହ୍ନବୀ 'ଚାନ୍ଦନୀ' ଚଳଚ୍ଚିତ୍ରର ଲୁକ୍ କୁ ମଧ୍ୟ ରିକ୍ରିଏଟ କରିଥିଲେ । ସେହିଭଳି ୨୦୧୮ରେ ଶ୍ରୀଦେବୀଙ୍କ ମରଣୋତ୍ତର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିବା ସମୟରେ ଏବଂ ୨୦୨୫ ସେପ୍ଟେମ୍ବରରେ ନିଜ ଚଳଚ୍ଚିତ୍ର 'ହୋମ୍‌ବାଉଣ୍ଡ'ର ପ୍ରିମିୟରରେ ମା'ଙ୍କ ଶାଢି ପିନ୍ଧିବାର ଦେଖିବାକୁ ମିଳିଥିଲା । 'ନାଗିନ୍', 'ଚାନ୍ଦନୀ', 'ମିଷ୍ଟର ଇଣ୍ଡିଆ' ଓ 'ମମ୍' ଭଳି କାଳଜୟୀ ସିନେମା ମାଧ୍ୟମରେ ଭାରତୀୟ ସିନେମା ଜଗତରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଥିବା ଶ୍ରୀଦେବୀଙ୍କ ଅଭିନୟ ଓ ଫ୍ୟାଶନ ଜାହ୍ନବୀଙ୍କ ମାଧ୍ୟମରେ ଜୀବନ୍ତ ହୋଇ ରହିଛି । ଜାହ୍ନବୀ ସବୁବେଳେ ମାଆଙ୍କର ସ୍ମୃତିକୁ ଆଗକୁ ନେବାକୁ ଚେଷ୍ଟା ଜାରି ରଖିଛନ୍ତି ।

ନିଜ ରକ୍ତଦେଇ ପାଳୁଛନ୍ତି ଛାରପୋକ

ୟୁକେର ଗ୍ଲୋସେଷ୍ଟରଶାୟାରରେ ରହୁଥିବା କୀଟବିଜ୍ଞାନୀ ଡକ୍ଟର ରିଚାର୍ଡ ନେଲର୍ ନୂତନ ଉତ୍ପାଦ ଏବଂ କୀଟନାଶକ ପରୀକ୍ଷା କରିବା ପାଇଁ ଗତ ପାଞ୍ଚ ବର୍ଷ ଧରି ପ୍ରାୟ ୨୦,୦୦୦ ଓଡଶ ବା ଛାରପୋକଙ୍କୁ ନିଜ ରକ୍ତ ପିଆଇ ଆସୁଛନ୍ତି । ନିଜ ଘର ବଗିଚାରେ ଥିବା ଏକ ଲାବୋରେଟୋରୀରେ ପ୍ରାୟ ୬୦,୦୦୦ ଓଡଶ ପାଳନ କରୁଥିବା ଡକ୍ଟର ନେଲର୍ ସପ୍ତାହକୁ ଦୁଇଥର ହାତରେ ଏକ ସ୍ୱତନ୍ତ୍ର ପାତ୍ର ବାନ୍ଧି କୀଟମାନଙ୍କୁ ରକ୍ତ ଶୋଷିବାକୁ ଦିଅନ୍ତି । ଏପରିକି ସେମାନଙ୍କ ସହ ଗୋଟିଏ ବିଛଣାରେ ଶୋଇ ପରୀକ୍ଷା ନିରୀକ୍ଷା କରନ୍ତି । ବାରମ୍ବାର କାମୁଡ଼ା ଯୋଗୁଁ ତାଙ୍କ ହାତରେ ଲାଲ୍ ଚିହ୍ନ ସୃଷ୍ଟି ହେଉଥିଲେ ବି ତାହା ୩୦ ମିନିଟ୍ ମଧ୍ୟରେ ଲିଭିଯାଏ । ବର୍ତ୍ତମାନ ସାଧାରଣ କୀଟନାଶକ ପ୍ରତି ଓଡଶଙ୍କର ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଥିବାରୁ, ସାରା ବିଶ୍ୱର ବିଭିନ୍ନ କମ୍ପାନୀ ପାଇଁ ଓଡଶ ଦମନ କରିବାର ନୂତନ ଓ ପ୍ରଭାବଶାଳୀ ଉପାୟ ଖୋଜିବା ଉଦ୍ଦେଶ୍ୟରେ ସେ ଏହି ଅନୁସନ୍ଧାନ ଜାରି ରଖିଛନ୍ତି ।



ରାଶି ମଣ୍ଡା



ସାମଗ୍ରୀ- ସଫା ଅରୁଆ ଚାଉଳ ଏ କିଲୋ, ରାଶି ଅଧା କିଲୋ,ଗୁଡ ୨୫୦ ଗ୍ରାମ, ନଡିଆ ଫାଳେ, ଗୁଜୁରାତି ୩ଟା ଓ ଆବଶ୍ୟକ ଅନୁସାରେ ଲୁଣ ।

ପ୍ରଣାଳୀ- ପ୍ରଥମେ ଅରୁଆ ଚାଉଳକୁ ଧୋଇ ଭିଜାଇ ଛାଣି ପଙ୍ଖାତଳେ ଶୁଖାଇ ନିଅନ୍ତୁ । ଏହାପରେ ଏହି ଚାଉଳକୁ ଗ୍ରାଇଣ୍ଡରେ ଗୁଣ୍ଡ କରି ନିଅନ୍ତୁ । ଏହାପରେ ଦରକାର ମୁତାବକ ପାଣିଦେଇ ଭଲଭାବେ ଜନ୍ତି ନିଅନ୍ତୁ । ଏହି ଜନ୍ତା ଥଣ୍ଡା ହୋଇଗଲେ ଭଲଭାବେ ଚକଟି ଛୋଟଛୋଟ ଗୁଳା କରି ନିଅନ୍ତୁ । ରାଶିର ଚୋପା ଛଡାଇ ଭାଜି ଏହାକୁ ସିଝାଇ ନିଅନ୍ତୁ । ଏହାପରେ ସିଝା ରାଶିରୁ ପାଣି କାଢି ଏହାକୁ ଫ୍ୟାନତଳେ ଶୁଖାଇ ନିଅନ୍ତୁ । ଏହାପରେ କରେଇରେ ଗୁଡ ଗରମ କରି ଏଥିରେ ନଡିଆ ପାତି ପକାନ୍ତୁ । ତାପରେ ଏଥିରେ ସିଝା ରାଶିକୁ ପକାଇ ଗୋଳେଇ ଦିଅନ୍ତୁ । ଜନ୍ତା ଗୁଳାକୁ ପତଳା କରି ଏଥିରେ ରାଶି ପୁର ଦେଇ ଗଢନ୍ତୁ । ଏହାପରେ ଏହାକୁ ଅଥାର କିମ୍ବା ଛାଞ୍ଚରେ ସିଝାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ରାଶିମଣ୍ଡା ।

ଗଞ୍ଜାମ ଜିଲ୍ଲାରେ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ଭିତ୍ତିଭୂମିର

ପୁନରୁଦ୍ଧାର ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଭିତ୍ତିଭୂମିର ପୁନରୁଦ୍ଧାର ସ୍ଥିତି ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି । ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାର ସ୍ୱାଭାବିକୀକରଣ, ହସ୍ପିଟାଲଗୁଡ଼ିକର କାର୍ଯ୍ୟକ୍ଷମତା, ରୋଗୀଙ୍କ ପାଇଁ ଆବଶ୍ୟକ ସୁବିଧା, ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ବିଦ୍ୟୁତ୍, ପାନୀୟ ଜଳ ଓ ଟେଲିକମ୍ ସେବାର ପୁନରୁଦ୍ଧାର ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର କୌଣସି ରୋଗୀ ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀ ଉପଖଣ୍ଡ ଚିକିତ୍ସାଳୟ, ଆସିକା ପରିଦର୍ଶନ କରି ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା ସେବା, ରୋଗୀଙ୍କ ପାଇଁ ରହିଥିବା ସୁବିଧାସୁଯୋଗ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି, ହସ୍ପିଟାଲ ପରିସରର ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବିଶେଷକରି ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଓ ସାଧାରଣ ବର୍ଜ୍ୟବସ୍ତୁର ପୃଥକୀକରଣ, ନିୟମିତ ସଫେଇ ଓ ସୁରକ୍ଷିତ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।



ବନ୍ୟା ପରିସ୍ଥିତି ଯୋଗୁଁ ହସ୍ପିଟାଲର ନିୟମିତ ଚିକିତ୍ସା ସେବା ପ୍ରଭାବିତ ହୋଇଥିବା ସ୍ଥିତିରେ ସାଧାରଣ ରୋଗୀଙ୍କୁ ଯେପରି ଅସୁବିଧା ନହୁଏ, ସେଥିପାଇଁ ଆସିକାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଦୁଇଟି ଅସ୍ଥାୟୀ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମହିଳା ମହାବିଦ୍ୟାଳୟରେ ଚିକିତ୍ସା ଆରମ୍ଭ ହୋଇଛି । ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହାର କରି ଆବଶ୍ୟକ ଡାକ୍ତର, ନର୍ସ, ଔଷଧ ଓ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବାକୁ କୁହାଯାଇଛି। ଏହି ଦୁଇଟି କେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ପ୍ରାଥମିକ ଓ ଜରୁରୀ ଚିକିତ୍ସା ସେବା ଯୋଗାଇଦେବା ସହ ଆବଶ୍ୟକ ସ୍ଥଳେ ଉଚ୍ଚତର ଚିକିତ୍ସା ପାଇଁ ରୋଗୀଙ୍କୁ ଉପଯୁକ୍ତ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ବନ୍ୟା ପ୍ରଭାବିତ ଦୁର୍ଗମ ଓ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ଅତିରିକ୍ତ ୨୧ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ନିୟୋଜନ ହେବ । ଏଥିପାଇଁ ପଡ଼ୋଶୀ ଜିଲ୍ଲାରୁ ଅତିରିକ୍ତ ମୋବାଇଲ୍ ହେଲ୍ଥ ୟୁନିଟ୍ ଓ ଡାକ୍ତରୀ ଦଳ ଅଣାଯାଇ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯିବ। ଆଜି

ଅସ୍ଥାୟୀ ହସ୍ପିଟାଲ ଆରମ୍ଭ ପାଇଁ ନିର୍ଦ୍ଦେଶ

ସୁଦ୍ଧା ୧୦ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ପହଞ୍ଚି କାମ ଆରମ୍ଭ କରିଛନ୍ତି ।

ଏହାପରେ ମନ୍ତ୍ରୀ ଜଗମୋହନ ଓ ଜାହାଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ବନ୍ୟା ପରବର୍ତ୍ତୀ ସ୍ଥିତି, ଚିକିତ୍ସା ସେବାର ଉପଲବ୍ଧତା, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ମହଜୁଦ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଭିତ୍ତିଭୂମିର ପୁନରୁଦ୍ଧାର ଉପରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ। ବିଏସଏନଏଲ ସମେତ ଅନ୍ୟ ସେବା ପ୍ରଦାନ କାରି ସଂସ୍ଥାକୁ ଯଥାଶୀଘ୍ର ନେଟୱାର୍କ ସେବା ପହଞ୍ଚାଇବାକୁ କହିଛନ୍ତି। ସେହିପରି ପାନୀୟ ଜଳଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରି ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ। ଏହି ଗସ୍ତ ସମୟରେ ସ୍ୱତନ୍ତ୍ର ଶାସନ ସଚିବ (ବୈଷୟିକ) ଡ. ଭବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବ୍ରହ୍ମପୁର ସିଡିଏମ୍ଓ ଡ. କାମେଶ୍ୱର ରାଓ, ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଭାଶିଷ ମହାନ୍ତି, ଫୁଡ଼ ସେଫଟି ନିର୍ଦ୍ଦେଶକ ସଞ୍ଜୟ ରାୟ , ଓକାକ ଟେଲିକମ ଆଡଭାଇଜର ଉପସ୍ଥିତ ଥିଲେ ।

ଜିଆର୍‌ପି ଓ ଆର୍‌ପିଏଫ୍‌ର ମିଳିତ ପ୍ରୟାସ

ଜବତ ହେଲା ଲକ୍ଷାଧିକ ଟଙ୍କାର ସୁନା ଓ ଟଙ୍କା

ଜଟଣୀ, (ସବ୍ୟୁ): ଚଳନ୍ତା ରେଳଗାଡ଼ିରେ ମଧ୍ୟ ରାତ୍ରିରେ ଶୋଇଥିବା ଅବସ୍ଥାରେ ଯାତ୍ରୀଙ୍କ ଠାରୁ ଲୁଟ ହୋଇଯାଇଥିବା ଲକ୍ଷାଧିକ ଟଙ୍କାର ଗହଣାଗଣ୍ଠି ଓ ଟଙ୍କାର ପରଦାଫାର୍ସ କରି ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛନ୍ତି ଖୋର୍ଦ୍ଧାରୋଡ଼ ଜିଆରପି ଏବଂ ଆରପିଏଫ (ସିଆଇବି) ର ବିଭାଗୀୟ ଅଧିକାରୀ ମାନେ। ଏ ନେଇ ଉପ-ମଣ୍ଡଳ ରେଳ ପୁଲିସ ଅଧିକାରୀ ଜଗନ୍ନାଥ ମଲିକଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ ଗତ ଅକ୍ଟୋବର ମାସ ୧୪ ତାରିଖରେ ଟ୍ରେନ୍ ନମ୍ବର ୧୨୮୬୩ ର କୋଚ୍ / କ୍ୟାବିନ ନଂ ଏଚ ୧, ବର୍ଥ ନମ୍ବର ୭, ୮ ଏବଂ ୯ ରେ ହାୱଡ଼ା ରେଳ ଷ୍ଟେସନରୁ ବିଶାଖାପାଟଣା ଅଭିମୁଖେ ରାତି ପ୍ରାୟ ୧୧:୦୦ ଟା ସମୟରେ ବି. ବରୁଣ ଚନ୍ଦ୍ର ଶେଖର,ତାଙ୍କ ପତ୍ନୀ ବଦନା ବବିଥା ରେଶ୍ମା (୩୪ ବର୍ଷ), ପୁଅ, ଝିଅ ଏବଂ ଶାଶୁଙ୍କ ସହିତ ଯାତ୍ରା କରୁଥିଲେ।ଯାତ୍ରା ସମୟରେ ରାତି ପ୍ରାୟ ୧୨:୩୬ ରେ ସେମାନେ ଶୋଇପଡିଥିଲେ ଏବଂ ତା ପରଦିନ ଅର୍ଥାତ ୧୫ ତାରିଖ ସକାଳ ପ୍ରାୟ ୮:୩୦ ରେ ଉଠିଥିଲେ।ପରବର୍ତ୍ତୀ ସମୟରେ ସକାଳ ପ୍ରାୟ ୯:୧୫ ରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ ଠାରେ ଅଭିଯୋଗକାରିଣୀ ଶ୍ରୀମତୀ ରେଶମା ଜାଣିବାକୁ ପାଇଥିଲେ ଯେ ନଗଦ ଟଙ୍କା, ସୁନା ଅଳଙ୍କାର, ହୀରା ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ତାଙ୍କର ବ୍ୟାଗଟି ଚୋରି ହୋଇଯାଇଛି। ଯେଉଁଥିରେ ନଗଦ ୧୫ ହଜାର ଟଙ୍କା, ୨୦ ଗ୍ରାମର ୨ ଟି ଚେନ, ୧୫ ଗ୍ରାମର ଗୋଟିଏ ହୀରା ଖଚିତ ମଙ୍ଗଳସୂତ୍ର, ୧୦ ଗ୍ରାମର ଦୁଇଟି ହୀରା ଜଡିତ ହାତ ମୁଦି, ୨୦ ଗ୍ରାମର ୪ଟି ହାତ ମୁଦି ଇତ୍ୟାଦି ରହିଥିଲା। ଏ ନେଇ ଅଭିଯୋଗକାରିଣୀ ସଙ୍ଗେସଙ୍ଗେ ଜିଆରପିରେ ଅଭିଯୋଗ କରିବାପରେ ଜିଆରପି ଓ ଆରପିଏଫ



ପକ୍ଷରୁ ମିଳିତ ଭାବେ ଏକ ଟିମ ଗଠନ କରାଯାଇ ଖୋର୍ଦ୍ଧାରୋଡ୍ ଜିଆରପିଏସ୍ ନଂ ୧୩୬ /୨୦୨୬ ରେ ଏକ ମାମଲା ରୁଜୁ କରାଯାଇ କଟକ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ଏହି ଲୁଟ ଘଟଣା ଉଭୟ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହୋଇପଡିଥିବା ବେଳେ ବହୁ ଖୋଜାଖୋଜି ପରେ ଲୁଟ ବାବଦରେ ସୁରାକ ପାଇ ଅଭିଯୁକ୍ତ ମାନଙ୍କୁ ଠାବ କରିବାରେ ସଫଳତା ମିଳିଥିଲା । ଶେଷରେ କଟକ ଜିଲ୍ଲା ଲାଲବାଗ ଥାନା ଅନ୍ତର୍ଗତ କାଜି ବଜାରର ଅନୁପ ବର୍ମାଙ୍କ ପୁଅ ଆକାଶ ବର୍ମା (୩୨) ଙ୍କୁ ଧରା ଯାଇଥିଲା ଯିଏକି ଚୋରା ଗହଣା ରଖି ତାକୁ ପରବର୍ତ୍ତୀ ସମୟରେ ତରଳାଇଦେଇଥିଲେ । ବଣିଆ ଠାରୁ ସୂଚନା ପାଇ ଲୁଟେରା ରାଜସ୍ଥାନ ବିକାନେର ଜିଲ୍ଲାର ଡୁଙ୍ଗରଗଡ ଥାନା ଏରିଆର ଅଶୋକ କୁମାର ବ୍ୟାସଙ୍କ ପୁଅ ଅଭିଯୁକ୍ତ ଅନୁମୂଳ ବ୍ୟାସ (୨୫)ଙ୍କୁ ଗିରଫ କରାଯାଇ ଅଣାଯାଇଥିଲା । ଜିଆରପି ଅଭିଯୁକ୍ତ ମାନଙ୍କ ଠାରୁ ପ୍ରାୟ ୬୬.୮୨୦ ଗ୍ରାମ ଓଜନର ଦୁଇଟି ତରଳା ଯାଇଥିବା ସୁନା ଖଣ୍ଡ, ନଗଦ ୩,୮୦୦ ଟଙ୍କା, ଗୋଟିଏ ସାମସଙ୍ଗ ମୋବାଇଲ ଫୋନ୍, ୩ଟି ହାତ ଘଡି ଜବତ କରିଥିବା ବେଳେ ଉଭୟ ଅଭିଯୁକ୍ତ ମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଜିଆରପି ଅଧିକାରୀ ଏମ ଶଙ୍କର ରାଓ କହିଛନ୍ତି । ଏ ନେଇ ଅଧିକ ତଦନ୍ତ ଜାରି ରହିଛି ।

ଏନ୍‌ଏଚ୍‌ଏଆଇ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ କ୍ୟୁଆର୍ କୋଡ୍ ପଦ୍ଧତି ବିଜ୍ଞପ୍ତିକୁ ବିରୋଧ

କେନ୍ଦ୍ର ସଡ଼କ ମନ୍ତ୍ରାଳୟକୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ) : ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ବିଜ୍ଞପ୍ତିରେ କ୍ୟୁଆର୍ କୋଡ୍ ପଦ୍ଧତି ବ୍ୟବହାରକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ କେନ୍ଦ୍ର ସଡ଼କ ମନ୍ତ୍ରାଳୟ ବିଭାଗକୁ ନୋଟିସ୍ ଜାରି କରିଛନ୍ତି। ପୃଥୀରାଜ କୁଅଁରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆସନ୍ତାକାଲି ଏହା ଉପରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ୨୦୨୩ ମସିହା ଅକ୍ଟୋବର ୨୩ ତାରିଖରେ ଏକ ଚିଠି ମାଧ୍ୟମରେ ଜାତୀୟ ରାଜପଥ ଆଇନ, ୧୯୫୬ର ଧାରା ୩(କ) ଓ ୩(ଘ) ଅନ୍ତର୍ଗତ ସମସ୍ତ ଜମି ଅଧିଗ୍ରହଣ ସମ୍ପର୍କିତ ବିଜ୍ଞପ୍ତିକୁ କ୍ୟୁଆର୍ କୋଡ୍ ପଦ୍ଧତିରେ ଖବରକାଗଜରେ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଏଥିସହିତ ଏହି ପଦ୍ଧତିର ଏକ ନମୁନା ମଧ୍ୟ ସଂଲଗ୍ନ କରାଯାଇଥିଲା। ଆଇନଗତ ବ୍ୟବସ୍ଥାରେ ଏଭଳି ପଦ୍ଧତିର କୌଣସି ସ୍ପଷ୍ଟ ପ୍ରାବଧାନ ନଥିବା ସତ୍ତ୍ୱେ କେବଳ କ୍ୟୁଆର୍ କୋଡ୍ ମାଧ୍ୟମରେ ଅଧିଗ୍ରହଣ ହେବାକୁ ଥିବା ଜମିର ବିବରଣୀ ପ୍ରଦାନ କରାଯାଉଥିବା ନେଇ କୁହାଯାଉଛି। ବାସ୍ତବରେ ଗ୍ରାମାଞ୍ଚଳର ଅଧିକାଂଶ ଲୋକ କ୍ୟୁଆର୍ କୋଡ୍‌ର ଗୁରୁତ୍ୱ ଓ ବ୍ୟବହାର ସମ୍ପର୍କରେ ଅବଗତ ନୁହନ୍ତି। ଏପରିକି ଅନେକ ଅଞ୍ଚଳରେ ଇଣ୍ଟରନେଟ୍ ସେବା ମଧ୍ୟ ସହଜରେ ଉପଲବ୍ଧ ହେଉନାହିଁ। ଏଭଳି ପରିସ୍ଥିତିରେ କେବଳ କ୍ୟୁଆର୍ କୋଡ୍ ମାଧ୍ୟମରେ ଜମି ଅଧିଗ୍ରହଣ ସମ୍ପର୍କିତ ସୂଚନା ପ୍ରଦାନ କରିବା ଦ୍ୱାରା ସାଧାରଣ ଜମି ମାଲିକମାନେ ଆବଶ୍ୟକ ତଥ୍ୟରୁ ବଞ୍ଚିତ ହେବାର ଆଶଙ୍କା ରହିଛି।ଏହି ବ୍ୟବସ୍ଥା ଅନୁଯାୟୀ, ଖବରକାଗଜରେ ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ ନକରି କେବଳ ଏକ କ୍ୟୁଆର୍ କୋଡ୍ ଦିଆଯାଉଛି। ଫଳରେ ଖବରକାଗଜ ପଢ଼ି ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଆବେଦନକାରୀ ତାଙ୍କ ଯୁକ୍ତିରେ ଦର୍ଶାଇଛନ୍ତି ଯେ, ଏଭଳି ପଦ୍ଧତି ଯୋଗୁଁ ଜମି ହରାଇବାକୁ ଥିବା ଲୋକମାନେ ନିଜ ଜମି ସମ୍ପର୍କିତ ଆବଶ୍ୟକୀୟ ଓ ସମ୍ପୂର୍ଣ୍ଣ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ କ୍ୟୁଆର୍ କୋଡ୍ ମାଧ୍ୟମରେ ତଥ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତେଣୁ ଜମି ଅଧିଗ୍ରହଣ ବିଜ୍ଞପ୍ତିରେ ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଖବରକାଗଜରେ ସ୍ପଷ୍ଟ ଭାବେ ପ୍ରକାଶ କରାଯିବା ଆବଶ୍ୟକ ବୋଲି ଆବେଦନକାରୀ ଯୁକ୍ତି ଉପସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ମାମଲା ସମ୍ପର୍କରେ ସ୍ପଷ୍ଟୀକରଣ ଦାଖଲ କରିବା ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ଆସନ୍ତା କାଲିକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ଗଞ୍ଜାମ ସ୍ଥିତି ନେଇ ସରକାରଙ୍କୁ ସୁଜାତାଙ୍କ ପ୍ରଶ୍ନ

ଭୁବନେଶ୍ୱର,(ସବ୍ୟୁ): ବାତ୍ୟା ଓ ଏହାର ପରବର୍ତ୍ତୀ ବନ୍ୟା ପରିସ୍ଥିତି ନେଇ ସୃଷ୍ଟି ହୋଇଥିବା ସ୍ଥିତି ସମ୍ପର୍କରେ ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେନ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସୋସିଆଲ ମିଡିଆରେ ସୁଜାତା ଉଲ୍ଲେଖ କରିଛନ୍ତି ଯେ, ଅକ୍ଟୋବର ୨୩ରୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଆଗୁଆ ସତର୍କ ସୂଚନା ଜାରି ହୋଇଥିଲା । ୨୭ରୁ ୨୯ ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସୂଚନା ମିଳିବା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ରେଡ ଆଲାର୍ଟ ଜାରି ହୋଇଥିଲା ।

ସୂଚନା ଅନୁଯାୟୀ ଅକ୍ଟୋବର ୨୮ରେ ଭଞ୍ଜନଗର, ସୋରଡା ଏବଂ ଘଟେଇ ଜଳଭଣ୍ଡାରରେ ୮୦% ପୂର୍ଣ୍ଣଥିଲା । ପ୍ରବଳ ବର୍ଷା ଯୋଗୁଁ ହଟାତ ଜଳପ୍ରଭାବ ବୃଦ୍ଧି ପାଇବା ପରେ ଜଳଭଣ୍ଡାର ଗେଟ ଗୁଡିକ ଖୋଲାଗଲା । ତଳିଆ ଅଞ୍ଚଳରେ କୌଣସି ସତର୍କ ସୂଚନା ଦିଆଗଲା ନାହିଁ । ପରିଣାମ ସ୍ୱରୂପ ଗଞ୍ଜାମବାସୀଙ୍କ ଭୟଙ୍କର ବିପର୍ଯ୍ୟୟ ଆସିଲା । କେବେ ଦେଖିନଥିବା ବନ୍ୟା ପରିସ୍ଥିତି ସୃଷ୍ଟି ହେଲା । ବ୍ୟାପକ ଧନଜୀବନ ନଷ୍ଟ ହେଲା । ଭୁଲ ନିଷ୍ପତ୍ତି ଯୋଗୁଁ ଲକ୍ଷାଧିକ ଲୋକଙ୍କୁ ଅକଥନୀୟ ଯନ୍ତ୍ରଣା ମିଳିବା ସହ ବିପୁଳ କ୍ଷତି ହେଲା । ଋଷିକୁଲ୍ୟା ନଦୀ ଅବବାହିକାରେ ଅନେକ ମଧ୍ୟମଧରଣର ଜଳଭଣ୍ଡାର ସହ ଶହ ଶହ କ୍ଷୁଦ୍ର ଜଳସେଚନା ପ୍ରକଳ୍ପ ଡାଇଭର୍ସନ ୱିୟଆରର ଏକ ଚେକ ଡ୍ୟାମ ରହିଛି । ହେଲେ ସେଗୁଡିକରୁ କାହିଁକି ଆଗୁଆ ଆବଶ୍ୟକ ପରିମାଣର ଜଳ ନିଷ୍କାସନ କରାଗଲା ନାହିଁ । ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ସମୟରେ ଜଳସମ୍ପଦ ବିଭାଗର ଏହା ଏକ ନିୟମିତ କାର୍ଯ୍ୟ ପଦ୍ଧତି । ଏଭଳି ଅକର୍ମଣ୍ୟ ଏହାର ଜବାବ ରାଜ୍ୟ ସରକାର ଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି ।

୪୩ କେଜି ଗଞ୍ଜେଇ ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୪୩ କେଜି ଗଞ୍ଜେଇ ଜବତ କରିବା ସହ ପୋଲିସ ୪ଜଣଙ୍କୁ ଗିରଫ କରିଛି । ମୈତ୍ରୀବିହାର ଥାନା ପୋଲିସ ହରେକୃଷ୍ଣ ବଡତ୍ୟା (୩୦)କୁ ଗିରଫ କରିବା ସହ ତା'ନିକଟରୁ ୨୧କେଜି ଗଞ୍ଜେଇ ଜବତ କରିଛି । ସେହିପରି ଖଣ୍ଡଗିରି ଥାନା ପୋଲିସ ଜ୍ଞାନରଞ୍ଜନ ଦାସ (୨୫), ବର୍ଷା ପାତ୍ର (୨୬), ପ୍ରଣବ କୁମାର ଜେନା (୨୦)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୨କେଜି ଗଞ୍ଜେଇ, ୨୬ ହଜାର ୫୪୦ଟଙ୍କା ଜବତ କରିଛି । ଦୁଇଟି ମାମଲାର ଅଭିଯୁକ୍ତମାନେ ନିଶା କାରବାରରେ ବ୍ୟବହାର କରୁଥିବା ବାଇକ୍ ଓ ସ୍କୁଟରକୁ ପୋଲିସ ଜବତ କରିଥିବା କହିଛି । ରବିବାର ଦିନ ଖଣ୍ଡଗିରି ଥାନା ପୋଲିସ ଖବର ପାଇଥିଲା ଯେ, ଜଣେ ମହିଳା ଓ ଜଣେ ଯୁବକ ଧଳା ସ୍କୁଟରରେ ବିପୁଳ ପରିମାଣର ଗଞ୍ଜେଇ ଧରି ସରକନ୍ତରା ମଶାଣି ପାଖରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଛନ୍ତି । ପୋଲିସ ଖବର ପାଇବା ପରେ ଅତର୍କିତ ଭାବେ ଘଟଣାସ୍ଥଳରେ ଚଢାଉ କରିଥିଲା । ସେମାନେ ପୋଲିସକୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିବା ବେଳେ ସଫଳ ହୋଇନଥିଲେ । ତାଙ୍କ ଠାରୁ ପୋଲିସ ଗଞ୍ଜେଇ କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପରେ ସୋମବାର କୋର୍ଟଚାଲାଣ କରିଛି । ମୈତ୍ରୀବିହାର ଥାନା ପୋଲିସକୁ ଖବର ମିଳିଥିଲା ଯେ, ଏକ ଧଳାୟାମାହାରେ କନ୍ଧମାଳରୁ ଗଞ୍ଜେଇ ଆଣି ଜଣେ ଯୁବକ ସାଲିଆ ସାହିକୁ ବିକ୍ରି କରିବାକୁ ଆସୁଛି । ଏହି ଖବର ପାଇବା ପରେ ଏକାମ୍ରକାନନ ରାସ୍ତାରୁ ଏକାମ୍ର ବିହାର ଛକ ଆଡକୁ ଆସୁଥିବା ସନ୍ଦିଗ୍ଧ ସ୍କୁଟରକୁ ପୋଲିସ ଦେଖିବା ପରେ ସେ ଦ୍ରୁତ ଗତିରେ ସ୍କୁଟର ଚଳାଇ ଖସି ପଳାଇଯିବାକୁ ଚେଷ୍ଟା କରିଥିଲା । ପୋଲିସ ତାକୁ ପିଛା କରି ହାତୀଆଶୁଣି ଛକ ଓ ଏକାମ୍ରକାନନ ଛକ ମଝି ୨୦୦ ଫୁଟିଆ ରାସ୍ତାରେ କାବୁ କରିବାରେ ସମର୍ଥ ହୋଇଥିଲା । ଦୁଇଟି ମାମଲାର ୪ଜଣ ଆସାମୀକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ପୋଲିସ ଏଡ୍ ପୋଷ୍ଟରେ ନିଶାଡିଙ୍କ ଆଡ୍ଡା

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ଏଡ୍ ପୋଷ୍ଟରେ ନିଶାଡି ଆଡ୍ଡା ଜମାଉଛନ୍ତି । ହେଲେ ନିଶା ବ୍ୟବସାୟୀଙ୍କୁ ପୋଲିସ ତଡିପାର୍ କରିବା ସହ ସେମାନଙ୍କ ଘର ଭଙ୍ଗାରୁଜା କରୁଛି । ହେଲେ ପୋଲିସ ଉପସ୍ଥିତିରେ ନିଶାଡି ନିଦ୍ୱନ୍ଦରେ ନିଶା ସେବନ କରୁଛନ୍ତି । ଅନ୍ୟ ସ୍ଥାନରେ ପୋଲିସ ଚଢାଉ କରୁଥିବା ବେଳେ ଏଡ୍ ପୋଷ୍ଟରେ ଭୟ ନାହିଁ । ଦୀର୍ଘ ଦିନ ହେବ ଏଠାରେ ନିଶାଡି ଆଡ୍ଡା ଜମାଇ ଆସୁଛନ୍ତି । ଖାରବେଳନଗର ଥାନା ଅନ୍ତର୍ଗତ ଶ୍ରୀୟା ଛକ ଟ୍ରାଫିକ୍ ଏଡ୍ ପୋଷ୍ଟ ବ୍ୟବହାର ହେଉନାହିଁ । ସେଠାରେ ନିଶାଡିମାନେ ତାଙ୍କ ଖଟି ଜମାଉଛନ୍ତି । କେତେବେଳେ ମଦ ତ ଆଉ କେତେବେଳେ ଆଉ କେତେବେଳେ ବ୍ରାଉନସୁଗର ଏଡ୍ ପୋଷ୍ଟରେ ଖାଉଛନ୍ତି । ଟ୍ରାଫିକ୍ ପୋଲିସ ଜାଣି ନଜାଣିଲା ପରି ଏଡ୍ ପୋଷ୍ଟ ବାହାରେ ଡ୍ୟୁଟି କରୁଛନ୍ତି । ଏ ସମ୍ପର୍କରେ ପୋଲିସ ଜାଣି ଅଜଣା ହେଉଛି, ନା ନିଶାଡିମାନେ ପୋଲିସ ଅଜାଣତରେ ଆଡ୍ଡା ଜମାଉଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏଡ୍‌ପୋଷ୍ଟରେ ଥିବା ଶୌଚାଳୟ ଭିତରେ ମଧ୍ୟ ଗଦା ଗଦା ଗଞ୍ଜେଇ ସିଗାରେଟ୍ ଖୋଳ ଏବଂ ବ୍ରାଉନସୁଗର କାଗଜ ପଡିଥିବା ଦେଖିବାକୁ ମିଳିଛି । ନିଶାଡିଙ୍କ ଆଡ୍ଡା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବା ବେଳକୁ ନିଶାଡି ବ୍ରାଉନସୁଗର ସେବନ କରୁଥିଲେ । ରିପୋର୍ଟରଙ୍କୁ ଦେଖି ଦୌଡି ପଳାଇଥିଲେ କ୍ୟାମେରା ସାମ୍ନାରୁ । ଏହି ଖବର ପ୍ରକାଶ ପାଇବା ପରେ ପୋଲିସର ପଦକ୍ଷେପ କ'ଣ ହେଉଛି ତାହା ଦେଖିବାର ଅଛି । କେବଳ ଏହି ଏଡ୍‌ପୋଷ୍ଟ ନୁହେଁ ନୟାପଲ୍ଲୀ ଓ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଅବ୍ୟବହୃତ ଏଡ୍‌ପୋଷ୍ଟରେ ବେଆଇନ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି ।

ଅଣ୍ଡା ଦେବେ ଅଲିଭ ରିଡଲେ : ମାଛ ଧରାରେ କଟକଣା

ଅସ୍ତରଙ୍ଗ,(ସବ୍ୟୁ): ଅଲିଭ ରିଡଲ କଇଁଚଙ୍କ ମେଟିଙ୍ଗ ଓ ଅଣ୍ଡା ଦେବା ପାଇଁ ରବିବାର ଦିନ ଠାରୁ ଲାଗିଛି କଟକଣା । ଶନିବାର ଦିନ ଏ ସମ୍ବନ୍ଧିୟ ଏକ ବୈଠକ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବନ ବିଭାଗ, ମତ୍ସ୍ୟ ବିଭାଗ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ । ଏହି କଟକଣା ଅନୁସାରେ ଦେବୀନଦୀ ମୁହାଣ ଠାରୁ ଦରିଆ ଭିତରକୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଛ ଧରି ପାରିବେ ନାହିଁ ବୋଲି ନିଷ୍ପତି ନିଆଯାଇଛି । ଏହି ଆଦେଶ ନାମ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବଳ ବତ୍ତର ରହିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି । ଏଥିପାଇଁ ବନ ବିଭାଗ ତରଫରୁ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇ ଦରିଆରେ ପେଟ୍ରୋଲିଂ କରିଯିବ ବୋଲି ସୂଚନା ମିଳିଛି ।

ଦୁଇ ଲୁଟେରା ଗିରଫ, ୩୮ ଗ୍ରାମ ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ଦୁଇଜଣ ଲୁଟେରାଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୮ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି । ଜବତ ଗହଣା ମଧ୍ୟରେ ଗୋଟିଏ ସୁନାହାର, ଦୁଇଟି ସୁନାଚେନ, ଦୁଇଯୋଡା କାନ ଟପ୍, ଗୋଟିଏ କାନଫୁଲ, ଏକଯୋଡା ସୁନା ପଟା ଓ ନାକଫୁଲ ପ୍ରଭୃତି ଥିବା ପୋଲିସ କହିଛି । ଗତ ୩୦ ତାରିଖ ଭୋର୍ ସମୟରେ ଅଭିଯୋଗକାରୀ ହାଜେରା ଖାତୁନ ନିଜ ସ୍ୱାମୀଙ୍କ ସହ ବାଣୀବିହାରରେ ବସ୍‌ରୁ ଓହ୍ଲାଇ ଅଟୋରିକ୍ସା ଯୋଗେ ପିପିଲି ଅଭିମୁଖେ ଯାଇଥିଲେ । ଭୋର୍ ୫ଟା ବେଳେ ଜନପଥ ଗିରିଦୁର୍ଗା ମନ୍ଦିର ସାମ୍ନାରେ ଏକ ନାଲିରଙ୍ଗର ହିରୋ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ଅଟୋକୁ ଅଟକାଇଥିଲେ । ସେମାନେ ମହିଳାଙ୍କ ହାତରୁ ସ୍ୱର୍ଣ୍ଣ ଛଡାଇ ନେଲେ । ତାଙ୍କ ସ୍ୱାମୀ ଏବଂ ଅଟୋଚାଳକ ପ୍ରତିବାଦ କରିବାରୁ ସେମାନଙ୍କୁ ଠେଲାପେଲା କରି ଜୀବନରୁ ମାରିଦେବା ଧମକ ଦେଇ ଦୁଇ ଲୁଟେରା ସେଠାରୁ ଖସିଗଲେ । ପର୍ସ ଭିତରେ ବିପୁଳ ପରିମାଣର ସୁନା ଅଳଙ୍କାର ଓ ଏକ ଭିଭୋ ମୋବାଇଲ ଫୋନ୍ ଥିଲା ।

ଏ ସମ୍ପର୍କରେ ଖାରବେଳନଗର ଥାନାରେ ଏତଲା ହେବା ପରେ ପୋଲିସ ସିସିଟିଭି ଯାଞ୍ଚ କରି କେଦାରପଲ୍ଲୀ ବସ୍ତିର କୁଖ୍ୟାତ



ଲୁଟେରା ସନ୍ତୋଷ ନାୟକ ଓରଫ ରକେଟ୍ ଏବଂ ତା'ର ସହଯୋଗୀ ଆକାଶ ନାୟକ ଓରଫ ଗୁଣ୍ଡା ଏହି ଲୁଟ୍ କରିଥିବା ପୋଲିସ ଜାଣିଥିଲା । ଲୁଟ ଅଳଙ୍କାର ବିକ୍ରି କରିବା ପାଇଁ ଦୁଇ ଲୁଟେରା ସୁନୀଲ ଦଳେଇ ନାମକ ଅନ୍ୟ ଜଣେ ସହଯୋଗୀକୁ ଦେଇଥିଲେ । ସୋମବାର ପୋଲିସ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ଆମ ବସ୍‌ଷ୍ଟାଣ୍ଡ ଭିତରେ ଚଢାଉ କରି ସନ୍ତୋଷ ଓ ସୁନୀଲକୁ ଗିରଫ କରିଥିଲା । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଲୁଟ୍ ଗହଣା ମିଳିଥିଲା । ସନ୍ତୋଷ ଜଣେ ପେସାଦାର ଲୁଟେରା । ରାଜଧାନୀର ବିଭିନ୍ନ ଥାନାରେ ୧୯ଟି ମାମଲା ଥିବା ପୋଲିସ କହିଛି । ଉଭୟଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ମାମଲା ରଦ୍ଦ ପାଇଁ ହାଇକୋର୍ଟରେ ତତ୍କାଳୀନ ଜେଲ୍ ଡିଜି ସୁଶାନ୍ତ ନାଥ

କଟକ,(ସବ୍ୟୁ): ତତ୍କାଳୀନ ଜେଲ୍ ଡିଜି ଦାୟିତ୍ୱରେ ଥିବା ସୁଶାନ୍ତ ନାଥଙ୍କ ବିରୋଧରେ ଜଣେ ପୂର୍ବତନ ମହିଳା ଜେଲର ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାଙ୍କ ଗିରଫଦାରୀ ଆଶଙ୍କା ବଢ଼ିଛି। ଏହି ମାମଲାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଶ୍ରୀ ନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିରେ ସେ ଅନ୍ତରୀଣ ସୁରକ୍ଷା ପାଇଁ ମଧ୍ୟରେ ଅଦାଲତରେ ପ୍ରାର୍ଥନା କରିଛନ୍ତି । ଏଥିସହ ଏହି ଘଟଣାରେ ସୁଶାନ୍ତ ନାଥଙ୍କ ଅନ୍ୟତମ ସହଯୋଗୀ ତଥା ଅଭିଯୁକ୍ତ କୁଳଦୀପ ରଥ ମଧ୍ୟ ହାଇକୋର୍ଟରୁ ଆଗୁଆ ଜାମିନ୍ ଆବେଦନ କରିଛନ୍ତି। ଶ୍ରୀ ନାଥଙ୍କ ବିରୋଧରେ ଚୌଦ୍ୱାରର ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଏହି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏନେଇ ଚୌଦ୍ୱାର ଜେଲ୍‌ରେ ମଧ୍ୟ ମାମଲା ରୁଜୁ ହୋଇଛି। ଜଣେ ସହଯୋଗୀଙ୍କ ଜରିଆରେ ଜେଲ୍ ଡିଜି ଏଭଳି ଉଦ୍ୟମ କରିଛନ୍ତି । ଦୁଇ ଦୁଇ ଥର ଶ୍ରୀ ନାଥ ତାଙ୍କୁ ଡାକିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ସେ ଚୌଦ୍ୱାର ଥାନାରେ ଏତଲା ଦେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଶ୍ରୀ ନାଥଙ୍କ ଜେଲ୍ ଡିଜି ପଦରୁ ବଦଳି କରାଯାଇ ଗୃହ ବିଭାଗ ଓଏସ୍‌ଡି ପଦରେ ନିଯୁକ୍ତି ଦିଆଯାଇଛି। ଏହି ମାମଲାକୁ ରଦ୍ଦ ପାଇଁ ଶ୍ରୀ ନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଘର ତାଲା ଭାଙ୍ଗି ଚୋରି ଅଭିଯୋଗ

୧ ଲକ୍ଷ ୩୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟ୍ : ୩ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରର ବାସେଲିସାହି ଥାନା ଅନ୍ତର୍ଗତ ମାଟିତୋଟା ଦ୍ୱିତୀୟ ଲେନ୍‌ରେ ଏକ ଘରର ତାଲା ଭାଙ୍ଗି ନଗଦ ଟଙ୍କା ଓ ସୁନା ଅଳଙ୍କାର ଚୋରି ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସପା ଓରଫ ମଣ୍ଟି ଓରଫ ଶଶିଭୂଷଣ ପଟ୍ଟନାୟକ (୨୫), ଚନ୍ଦନ ମହାକୁଡ଼ (୨୪) ଏବଂ କାଶୀନାଥ ସାହୁ (୪୧)। ଅଭିଯୁକ୍ତ କାଶୀନାଥଙ୍କ ନିକଟରୁ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ କରାଯାଇଛି । ପୋଲିସ ଅନୁଯାୟୀ, ଗତ ଅକ୍ଟୋବର ୨୮ ତାରିଖ ଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅଭିଯୋଗକାରିଣୀ ସତ୍ୟଭାମା ଦାସ ତାଙ୍କ ସ୍ୱାମୀଙ୍କ ସହ ବିଏସ୍‌ଆର୍ ହସ୍ପିଟାଲରେ ଥିବାବେଳେ ତାଙ୍କର ତିନି ସନ୍ତାନ ଖାଇବା ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘରେ ପଶିଥିବା ଏବଂ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ସହ କିଛି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଥିଲା।

ଏନେଇ ସତ୍ୟଭାମା ଦାସ ଅକ୍ଟୋବର ୨୯ ତାରିଖରେ ବାସେଲିସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ତଦନ୍ତ ଓ ଚଢ଼ାଉ କରି ତିନି ଅଭିଯୁକ୍ତଙ୍କୁ ଧରିଥିଲା। ଚୋରି ଅଳଙ୍କାରଗୁଡ଼ିକୁ



ଅଭିଯୁକ୍ତମାନେ କାଶୀନାଥ ସାହୁଙ୍କୁ ବିକ୍ରି କରିଥିବା ପୁଲିସ କହିଛି। ତାଙ୍କ ନିକଟରୁ ଅଳଙ୍କାର ଜବତ କରାଯାଇଛି। ପୁଲିସର ସୂଚନା ଅନୁସାରେ, ଅଭିଯୁକ୍ତ ସପା ଓରଫ ମଣ୍ଟି ପଟ୍ଟନାୟକଙ୍କ ନାମରେ ପୁରୀ ସଦର ଓ ବ୍ରହ୍ମଗିରି ଥାନା ସମେତ ବାସେଲିସାହି ଥାନାରେ ପୂର୍ବରୁ ଏକାଧିକ ଚୋରି ଓ ଅନ୍ୟ ମାମଲା ରହିଛି। ସେହିପରି ଚନ୍ଦନ ମହାକୁଡ଼ଙ୍କ ନାମରେ ମଧ୍ୟ ବାସେଲିସାହି ଥାନାରେ ଏକ ମାମଲା ରହିଥିବା ପ୍ରେସ୍ ନୋଟ୍‌ରେ ଦର୍ଶାଯାଇଛି। ବାସେଲିସାହି ଥାନା କେସ୍ ନଂ ୩୭୯/୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ସମ୍ପୃକ୍ତ ଧାରାରେ ମାମଲା ରୁଜୁ ହୋଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ ନଭେମ୍ବର ୨ ତାରିଖରେ ଅଦାଲତରେ ହାଜର କରାଯାଇଥିବା ବାସେଲିସାହି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ମଙ୍ଗଳବାର, ୦୩ ନଭେମ୍ବର ୨୦୨୬
ତ୍ରିଂଶତ୍ତମ ବିଶେଷାଙ୍କ

ଏସ୍ଆଇଆର୍କୁ ନେଇ ବିରୋଧୀଙ୍କ ଅପପ୍ରଚାର ଅତ୍ୟନ୍ତ ଅମୂଳକ, ଅଯୌକ୍ତିକ ଏବଂ ଭ୍ରମାତ୍ମକ

ଦୀର୍ଘ ଦିନର କ୍ଷମତାରୁ ବାହାରେ ରହିବାର ଓ ହତାଶାର ପ୍ରଳାପ କରୁଛି କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ପ୍ରମୁଖ ବିକଶିତ ରାଷ୍ଟ୍ରଗୁଡ଼ିକ ଆଜି ଘୋର ଆର୍ଥିକ ଦୁର୍ଗତି, ସାମାଜିକ ବିଶୃଙ୍ଖଳା ଓ ରାଜନୈତିକ ଅସ୍ଥିରତା ଭଳି ସମସ୍ୟା ଘେରରେ ଛନ୍ଦି ହୋଇପଡିଥିବାବେଳେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଆର୍ଥିକ, ସାମାଜିକ ପ୍ରଗତି ଓ ଗରିବକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭାରତ ଏବେ ବିଶ୍ୱର ଦ୍ରୁତ ଆର୍ଥିକ ବିକାଶ କରୁଥିବା ଦେଶ ହୋଇଛି ଓ ଅନେକ କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଆହ୍ୱାନକ୍ରମେ ରପ୍ତାନି କ୍ଷେତ୍ରରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରଗତି ସହ ତାଳ ଦେଇ ଓଡିଶା ବର୍ତ୍ତମାନ ଭାରତବର୍ଷର ସେମି-କଣ୍ଡକ୍ଟର୍ ହବ, କୃତ୍ରିମ ବୁଦ୍ଧିମତ୍ତା, ଡାଟା ସେଂଟର, ପ୍ରତିରକ୍ଷା ଉତ୍ପାଦନ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ନୂତନ ପରିଚୟ ସୃଷ୍ଟି କରିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ମିଳିତ ଭାବେ କାର୍ଯ୍ୟ କରିବା ଦ୍ୱାରା ରାଜ୍ୟର ଅର୍ଥନୀତି, ଗରିବ କଲ୍ୟାଣ ଯୋଜନା ଏବଂ ଭିତ୍ତିଭୂମିର ଉନ୍ନତି ଦ୍ରୁତ ଗତିରେ ହେଉଛି। ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ସଂକଳ୍ପ ସହ ଓଡ଼ିଶାର 'ଭିଜନ ୨୦୩୬' ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଓଡିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଓ ୨୦୪୭ରେ ୧୫୦୦ ବିଲିୟନରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାର ସଂସ୍କୃତି ଓ ଅସ୍ମିତାକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳିଛି। ମୋଦିଜୀଙ୍କ ୨୦୪୭ ରେ ବିକଶିତ ଭାରତ ସ୍ୱପ୍ନ ଓ କ୍ରିୟାନ୍ୱୟନ ତଥା ଭାରତର ଅଗ୍ରଗତି ହେଉଛି, ଯାହାକୁ କିଛି ବାହ୍ୟ ଶକ୍ତି ବିରୋଧ କରୁଛନ୍ତି। ଏଥିରେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ଭୂମିକା ଓ ପ୍ରତ୍ୟକ୍ଷ ସଂପୃକ୍ତି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଷ୍ଟ୍ରହିତ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାସ୍ତବରେ ରାହୁଲ ଗାନ୍ଧୀ ବିଦେଶୀ ବିଭାଜନକାରୀ ଶକ୍ତିମାନଙ୍କ ଇସାରାରେ କାମ କରୁଛନ୍ତି ବୋଲି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ.ସୁଧାଂଶୁ ତ୍ରିବେଦୀ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ତ୍ରିବେଦୀ କହିଛନ୍ତି ଯେ, ୨୦୧୨ ଠାରୁ ଆଜି ପର୍ଯ୍ୟନ୍ତ ରାହୁଲ ଗାନ୍ଧୀ ଭାରତର ସମସ୍ତ ସାମ୍ବିଧାନିକ ସଂସ୍ଥା ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଏଲ୍ଆଇସି ଭଳି ରାଷ୍ଟ୍ରାୟତ ଅର୍ଥନୈତିକ ସଂସ୍ଥା ସଂପର୍କରେ ଜନମାନସରେ ସନ୍ଦେହପୂର୍ଣ୍ଣ ଧାରଣା ସୃଷ୍ଟି କରିବାର ବିଫଳ ପ୍ରୟାସ ପଦାରେ ପଡିଛି। ଗତ ୧୨ ବର୍ଷର ମୋଦିଙ୍କ ସରକାର ସମୟରେ ଦେଶରେ ଅତି ଦରିଦ୍ରଙ୍କ ସଂଖ୍ୟା ୨୭.୧% ରୁ ୨.୭% କୁ ଖସି ଆସିଛି। ପ୍ରାୟ ୫୦ କୋଟି ଲୋକ ଅତି ଉତ୍କଟ ଦାରିଦ୍ର୍ୟ ସୀମାରେଖାର ଉର୍ଦ୍ଧ୍ୱକୁ ଉଠିଛନ୍ତି। ଆର୍ଥିକ ବିକାଶ ସହିତ ଦେଶରେ ଦାରିଦ୍ର୍ୟ ହ୍ରାସ ପାଉଛି।

କିନ୍ତୁ କଂଗ୍ରେସ ଓ କେତେକ ବିରୋଧୀ ଦଳ ଦେଶର ଏହି ପ୍ରଗତିକୁ ସହି ନପାରି ଅରାଜକତା ସୃଷ୍ଟି କରିବାର ଅପଚେଷ୍ଟା କରୁଛନ୍ତି । ସେମାନେ ନିର୍ବାଚନକୁ ନେଇ ଇଭିଏମ୍ ଓ ନିର୍ବାଚନ କମିଶନ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନକୁ ବଦନାମ କରୁଛନ୍ତି, ସୁପ୍ରିମକୋର୍ଟକୁ ଅସମ୍ମାନ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଘର ଆଗରେ ଧାରଣା ଦେଇ ଅରାଜକତା ସୃଷ୍ଟି କରିବା ସହ ଭାରତୀୟ ଗଣତାନ୍ତ୍ରୀକ ବ୍ୟବସ୍ଥାକୁ ଦୁର୍ବଳ କରିବାର ଘୃଣ୍ୟ ପ୍ରୟାସ କରୁଛନ୍ତି। କଂଗ୍ରେସର ଏହି ଭଳି ଆଚରଣକୁ ଦେଶବାସୀ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛନ୍ତି ବୋଲି ଡ.ତ୍ରିବେଦୀ କହିଛନ୍ତି। କଂଗ୍ରେସ କାହିଁକି ନିର୍ବାଚନ ହାରୁଛି ତାହାର ସମୀକ୍ଷା ନକରି ନିର୍ବାଚନ କମିଶନଙ୍କୁ ଓ ଏସ୍ଆଇଆର୍ ପ୍ରକ୍ରିୟାକୁ ଦୋଷ ଦେଉଛି। ଭାରତୀୟ ଜନତା ପାର୍ଟି ୨୦୧୪ ମସିହାରେ କେନ୍ଦ୍ରରେ ସରକାର ଗଠନ ପୂର୍ବରୁ କଂଗ୍ରେସ ଦୀର୍ଘ ସମୟ ଧରି କ୍ଷମତାରୁ ବାହାର ରହିଆସିଛି। ୨୦୦୦ ରୁ ଓଡ଼ିଶାରେ, ୧୯୯୫ ରୁ ଗୁଜରାଟରେ, ୧୯୯୦ରୁ ଉତ୍ତର ପ୍ରଦେଶ ଏବଂ ବିହାରରେ ସରକାର ଗଠନ କରିନାହିଁ। ୭୦ ଦଶକରୁ ତାମିଲନାଡୁରେ, ୧୯୭୭ରୁ ବେଙ୍ଗଲରେ କ୍ଷମତାରେ ନାହିଁ । କେରଳରେ ମୁସଲିମ ଲିଗ୍ ଏବଂ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ସାହାଯ୍ୟ ନେଇ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଯଥାକ୍ରମେ ୱାଇନାଡ୍ ଓ ରାଇବରେଲୀର ଲୋକସଭା ଆସନରୁ ଜିତୁଥିବାବେଳେ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିକୁ ଆହ୍ୱାନ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଡ.ତ୍ରିବେଦୀ କହିଛନ୍ତି।



ଏସ୍ଆଇଆର୍କୁ ନେଇ ବିରୋଧୀଙ୍କ ଅପପ୍ରଚାର ଅତ୍ୟନ୍ତ ଅମୂଳକ, ଅଯୌକ୍ତିକ ଏବଂ ଭ୍ରମାତ୍ମକ। ଏହା ଦୀର୍ଘ ଦିନର କ୍ଷମତାରୁ ବାହାରେ ରହିବାର ଓ ହତାଶାର ପ୍ରଳାପ। କଂଗ୍ରେସର ଅଭିଯୋଗ ଅନୁଯାୟୀ ଯେଉଁ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ ନୂଆ ଭୋଟର ତାଲିକାରୁ କଟାଯାଇଛି ସେଥିରୁ ୨.୮ କୋଟି ମୃତ, ୬.୩୦ କୋଟି ଭୋଟର ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ୧ କୋଟି ଏକାଧିକ ସ୍ଥାନରେ ପଂଜୀକୃତ ଏବଂ ୩.୦୧ କୋଟି ଭୋଟର ନିଜ ଠିକଣାରେ ଅନୁପସ୍ଥିତ। ଏହି ଭୋଟରମାନଙ୍କୁ ନିର୍ବାଚନ କମିଶନଙ୍କ ତରଫରୁ ଆଇନ ଅନୁଯାୟୀ ନୋଟିସ୍ ଦିଆଯାଇଛି। ଏଭଳି ଭୋଟରଙ୍କ ପାଇଁ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦି ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ବେନିୟମ ଭାବେ ସାମିଲ କରିବାର ଉଦ୍ୟମ ଭାରତବର୍ଷର ଏକତା ଓ ଅଖଣ୍ଡତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଡ.ତ୍ରିବେଦୀ ସିଧାସଳଖ ଅଭିଯୋଗ କରିଛନ୍ତି।

ଭୋଟର ତାଲିକାରେ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପ୍ରକ୍ରିୟାରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଏଲ୍ଓ ନିଯୁକ୍ତ ହୋଇଥାନ୍ତି। ସେହିପରି ରାଜନୈତିକ ଦଳଗୁଡ଼ିକ ନିଜ ପକ୍ଷରୁ ବିଏଲ୍ଏ ନିଯୁକ୍ତି କରିଥାନ୍ତି। ଦେଶରେ ୧୨ ଲକ୍ଷ ବିଏଲ୍ଓ ଏବଂ ୨୨ ଲକ୍ଷ ବିଏଲ୍ଏ ନିଯୁକ୍ତି ହୋଇଛନ୍ତି। ତେବେ କଂଗ୍ରେସର ବିଏଲ୍ଏମାନେ କ'ଣ ଶୋଇପଡ଼ିଥିଲେ ନା ଅନ୍ୟ କିଛି ନିଶାରେ ଥିଲେ ବୋଲି କଟାକ୍ଷ କରିଛନ୍ତି ସୁଧାଂଶୁ। କଂଗ୍ରେସ ଶାସନ କାଳରେ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପ୍ରଶାସନିକ ସୁପାରିଶ ଆଧାରରେ ନିଯୁକ୍ତି ମିଳୁଥିଲା। ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ଏଥିରେ ସଂସ୍କାର କରାଯାଇ ଏକ ତିନିଜଣିଆ କମିଟିରେ ପ୍ରଧାନମନ୍ତ୍ରୀଙ୍କ ସହ ବିରୋଧୀ ଦଳ ନେତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ ବିଗଂଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ।

ଦୀପାବଳି ପାଇଁ କମିସନରେଟ୍ ପୁଲିସର ଗାଇଡ୍ ଲାଇନ୍

ରାତି ୯ଟା ପରେ ବାଣ ଫୁଟା ମନା

କଟକ,(ସବ୍ୟୁ): ଆଲୋକର ପର୍ବ ଦୀପାବଳି ଏବଂ କାଳୀପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ପ୍ରଦୂଷଣମୁକ୍ତ ଭାବେ ପାଳନ କରିବା ପାଇଁ କଟକ କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ସହରରେ ଶୃଙ୍ଖଳିତ ଭାବେ ବାଣ ବିକ୍ରି ଏବଂ ଫୁଟାଇବା ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ନିୟମାବଳୀ ଜାରି କରିଛି । ଚଳିତ ବର୍ଷ କଟକ ସହରର ୭ଟି ନିର୍ଦ୍ଦିଷ୍ଟ ଏବଂ ସୁରକ୍ଷିତ ସ୍ଥାନରେ ବାଣ ବିକ୍ରୟ କରିବା ପାଇଁ ପ୍ରଶାସନିକ ସ୍ତରରେ ଅନୁମତି ପ୍ରଦାନ କରାଯାଇଛି । ବ୍ୟବସାୟୀମାନେ କେବଳ ଏହି ଅନୁମୋଦିତ ସ୍ଥାନ ଗୁଡିକରେ ସେମାନଙ୍କର ଅସ୍ଥାୟୀ ବାଣ ଦୋକାନ ଖୋଲିପାରିବେ । ଆସନ୍ନ ପାର୍ବଣ ସମୟରେ ଜନସାଧାରଣଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି କେବଳ ସବୁଜ ବାଣ ବା ଗ୍ରୀନ୍ କ୍ରାକର୍ସ ବିକ୍ରି ଓ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି । ଦୀପାବଳିରେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ସାଧାରଣ ଲୋକମାନେ ସବୁଜ ବାଣ ଫୁଟାଇବାକୁ ଆଜି ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ନିବେଦନ କରିଛନ୍ତି । ଯଦି କୌଣସି ବ୍ୟକ୍ତି ପୁଲିସ ନିୟମ ନମାନନ୍ତି, ତୁରନ୍ତ ତାଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଡିସିପି ଶ୍ରୀ ଦ୍ୟାନଦେଓ ଆଜି ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ପ୍ରତ୍ୟେକ କଟକିଆ କେବଳ ସବୁଜ ବାଣ କିଣନ୍ତୁ ଏବଂ ଫୁଟାନ୍ତୁ । ସବୁଜ ବାଣ ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ କମ୍ କରୁଥିବାରୁ ଏହା ପରିବେଶ ଓ ମାନବ ସ୍ୱାସ୍ଥ୍ୟ ପାଇଁ ନିରାପଦ । ସେ ସହରବାସୀଙ୍କୁ ବେଆଇନ୍, ମାରାଇକ ଓ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ନକିଣିବା ପାଇଁ ପରାମର୍ଶ ଦେଇଛନ୍ତି । ପ୍ରଶାସନର ନିୟମ ଅମାନ୍ୟ କରି ବେଆଇନ୍ ବାଣ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ସହରରେ ବେଆଇନ୍ ବାଣ ଗଚ୍ଛିତ, ପ୍ରସ୍ତୁତି ଓ ବିକ୍ରି ରୋକିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ଚଢ଼ଉ ଅଭିଯାନ ଜାରି ରହିଛି । ଗତ ୩ ଦିନ ମଧ୍ୟରେ କଟକ ସହର ଏବଂ ଏହାକୁ ଲାଗିରହିଥିବା ଗ୍ରାମାଞ୍ଚଳ ଗୁଡ଼ିକରେ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି । ଏହି ଚଢ଼ଉ ସମୟରେ ପ୍ରାୟ ୪୦ ଲକ୍ଷ ଟଙ୍କାର ବେଆଇନ୍ ବାଣ ଜବତ କରାଯାଇଛି । ଏହା ସହିତ ନିଷିଦ୍ଧ ବାଣ କାରବାରରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ବେଆଇନ୍ ବାଣ ବ୍ୟବସାୟ ବିରୋଧରେ ଏହିପରି ଚଢ଼ଉ ଆଗାମୀ ଦିନଗୁଡ଼ିକରେ ମଧ୍ୟ କଡ଼ାକଡ଼ି ଭାବେ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି । ଡିସିପିଙ୍କ କାର୍ଯ୍ୟାଳୟରେ ଥିବା ସ୍ୱତନ୍ତ୍ର ନମ୍ବର ୮୨୮୦୩୩୮୩୦୩ରେ କଲ୍ କରି ବାଣ ସଂକ୍ରାନ୍ତିୟ ଅଭିଯୋଗ କରିବାକୁ କୁହାଯାଇଛି ।

ଫେଲ୍ ମାରିଲା ପ୍ରଶାସନର କଟକଣା

ଭସାଣି ଶୋଭାଯାତ୍ରାରେ ଡିଜେର ଗର୍ଜନ, ପ୍ରଶାସନର ଚେତାବନୀକୁ ବେଖାତିର

ଖୋର୍ଦ୍ଧା, (ସବ୍ୟୁ): ଗଜଲକ୍ଷ୍ମୀ ଲକ୍ଷ୍ମୀଙ୍କ ମିଳିତ ଭସାଣି ଶୋଭାଯାତ୍ରାରେ ପ୍ରଶାସନର ଡିଜେ କଟକଣା ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ଡିଜେ ନବଜାଇବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ କରାଯିବା ସହ ତିନି ତିନିଥର ପ୍ରସ୍ତୁତି ବୈଠକ କରାଯାଇଥିଲା। ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା, ଶବ୍ଦ ପ୍ରଦୂଷଣ ରୋକିବା ଏବଂ ସାଧାରଣ ଜନଜୀବନକୁ ଅସୁବିଧାରେ ନପକାଇବା ଉଦ୍ଦେଶ୍ୟରେ ଡିଜେ ଉପରେ କଟକଣା ଲଗାଯାଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହି ନିର୍ଦ୍ଦେଶର କୌଣସି ପ୍ରଭାବ ପଡ଼ିନଥିବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ମିଳିତ ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରା ପୂର୍ବରୁ ପ୍ରଶାସନ ପକ୍ଷରୁ ଆୟୋଜକ ଓ ସମ୍ପୃକ୍ତ ପକ୍ଷଙ୍କୁ ନେଇ ତିନିଥର ପ୍ରସ୍ତୁତି ବୈଠକ କରାଯାଇଥିଲା। ପ୍ରତ୍ୟେକ ବୈଠକରେ ଡିଜେ ବ୍ୟବହାର ନକରିବାକୁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଥିଲା। ନିୟମ ଉଲ୍ଲଙ୍ଘନ ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏପରିକି ଭସାଣିରେ ଡିଜେ ବାଜିଲେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ନାମରେ ଅଭିଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବୈଠକରେ ତାଗିଦ କରିଥିବା ଜଣାପଡିଛି। କିନ୍ତୁ ଆଜି ଭସାଣି ସମୟରେ ଡିଜେର ଉଚ୍ଚ ଶବ୍ଦରେ ପ୍ରଶାସନର ସମସ୍ତ କଟକଣା ଯେପରି ଧୂଳିସାତ୍ ହୋଇଯାଇଥିଲା। ଯେଉଁ ନିୟମକୁ ନେଇ ବୈଠକରେ ଏତେ କଡ଼ା ଆଭିମୁଖ୍ୟ ପ୍ରକାଶ ପାଇଥିଲା, ତାହାର କାର୍ଯ୍ୟକାରିତା ଭସାଣି ଶୋଭାଯାତ୍ରାରେ ଦେଖିବାକୁ ମିଳିନଥିବା ଅଭିଯୋଗ ହୋଇଛି। ଏଥିରୁ ପ୍ରଶାସନର ପୂର୍ବ ପ୍ରସ୍ତୁତି, ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା କେତେଦୂର ପ୍ରଭାବଶାଳୀ, ସେନେଇ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ପ୍ରଶ୍ନ ଉଠୁଛି, ଯଦି ତିନି ତିନିଥର ବୈଠକ କରି ଡିଜେ ଉପରେ କଟକଣା ଲଗାଯାଇଥିଲା, ତେବେ ଭସାଣି ସମୟରେ ଏହାକୁ କାହିଁକି କଡ଼ାକଡ଼ି ଭାବେ ଲାଗୁ କରାଯାଇପାରିଲା ନାହିଁ? ନିୟମ ଉଲ୍ଲଙ୍ଘନ ହେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ କେଉଁଠି ଥିଲେ? କେବଳ ବୈଠକରେ ନିର୍ଦ୍ଦେଶ ଦେବା ଓ ଚେତାବନୀ ଶୁଣାଇବା ଯଥେଷ୍ଟ କି? ନା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାରେ କୌଣସି ଦୁର୍ବଳତା ରହିଗଲା? ଏଭଳି ଅନେକ ପ୍ରଶ୍ନ ଏବେ ଚର୍ଚ୍ଚାର ଖୋରାକ ଯୋଗାଇଛି। ବିଶେଷକରି, ଡିଜେ ବାଜିଲେ ଥାନା ଅଧିକାରୀଙ୍କ ନାମରେ ଅଭିଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଦେଇଥିବା ତାଗିଦ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚେତାବନୀ କେବଳ ବୈଠକରେ ସୀମିତ ରହିବ ନା ବାସ୍ତବରେ ଏହାର ଅନୁପାଳନ କରାଯିବ, ତାହା ଜାଣିବାକୁ ଏବେ ସଭିଙ୍କ ମନରେ ଆଗ୍ରହ ପ୍ରକାଶ ପାଇଛି। ପ୍ରଶାସନର ନିୟମ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ। ଧାର୍ମିକ ଉତ୍ସବ ଓ ପରମ୍ପରା ପାଳନ ସହିତ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସୁବିଧା ରକ୍ଷା କରିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ତେଣୁ ଡିଜେ କଟକଣା ଉଲ୍ଲଙ୍ଘନ ଘଟଣାରେ ପ୍ରଶାସନ କି ପଦକ୍ଷେପ ଗ୍ରହଣ କରୁଛି ଏବଂ ନିଜର ଚେତାବନୀକୁ କେତେଦୂର କାର୍ଯ୍ୟକାରୀ କରୁଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ରାଷ୍ଟ୍ରୀୟ ଏକତା ଦିବସ

ବାଲେଶ୍ୱର,(ସବ୍ୟୁ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକ ଶୋଭାଯାତ୍ରା ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟଅତିଥି ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ଯୋଗ ଦେଇଥିଲେ । ଏହି ପଦଯାତ୍ରା ବାହାରି ଏଡିଏମ୍ ଛକ, ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ ଏବଂ ଫାଣ୍ଡିଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଫେରିଥିଲା । ବୋଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତ ତତ୍ତ୍ୱାବଧାନ ଏହି ସମଗ୍ର କାର୍ଯ୍ୟକ୍ରମଟି ଅତି ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ, ଯୁବକ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

ସରକାର ଓ ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ଗଞ୍ଜାମରେ ଜଳ ପ୍ରଳୟ: ବିଜେଡି

ଆଜି ବି ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିପାରି ନାହିଁ ପ୍ରଶାସନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ଅଭାବରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଘେରରେ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲା ଥିବାବେଳେ ଲକ୍ଷାଧିକ ଲୋକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଆଜି ବି ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନଥିବାରୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତି ଟୁକୁନି ସାହୁ, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ ପଣ୍ଡା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ, ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବର୍ଷିଥିଲେ ।

ପ୍ରତାପ ଜେନା କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ସାରା ବିଶ୍ୱ ପ୍ରଶଂସା କରିଥିଲା । ସରକାର ବିପର୍ଯ୍ୟୟ ପରିଚାଳନାରେ କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି । ବନ୍ୟା ଯୋଗୁଁ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧି ଦଳ ଗଞ୍ଜାମରେ ସ୍ଥିତି ଅନୁଧ୍ୟାନ କରି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଲୋକଙ୍କ ସମସ୍ୟାକୁ ନେଇ ପ୍ରଶାସନ ସହ ବାରମ୍ବାର ଆଲୋଚନା କରିବା ସହ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନଙ୍କୁ ସେ ଅନୁରୋଧ କରିଛନ୍ତି । ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚି ନାହିଁ । ବନ୍ୟା ପରବର୍ତ୍ତୀ ସ୍ଥିତି ଅତ୍ୟନ୍ତ ଜଟିଳ ରହିଛି । ବନ୍ୟା ଆସିବା ଯୋଗୁଁ ହଜାର ହଜାର ଏକର ଚାଷଜମି ବାଲିଚରରେ ପରିଣତ ହୋଇଛି । ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଅତ୍ୟାବଶ୍ୟକ ସାମଗ୍ରୀ ଓ ରିଲିଫ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଶ୍ରୀମତୀ ଟୁକୁନି ସାହୁ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ଓଡିଶା ପାଇଁ ନୂଆ କଥା ନୁହେଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଅନେକ ବିପର୍ଯ୍ୟୟର ସଠିକ୍ ପରିଚାଳନ କରାଯାଇଛି । ବର୍ତ୍ତମାନର ବିଜେପି ସରକାର ଓ ଜଳ ସମ୍ପଦ ବିଭାଗର ଅବହେଳା ପାଇଁ ଲୋକେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ।

ବିକ୍ରମ ପଣ୍ଡା କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲରୁ ବିଜେପି ସରକାର କିଛି ଶିଖିଲେ ନାହିଁ । ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ବିପର୍ଯ୍ୟୟ ମୁକାବିଲାରେ ସରକାର ଓ ଜଳ ସମ୍ପଦ ବିଭାଗର ଅପ୍ରସ୍ତୁତି ଯୋଗୁଁ ଆଜି ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲାରେ ବନ୍ୟା ବିଭୀଷିକା ସୃଷ୍ଟି ହେଲା । ଯାହାଦ୍ୱାରା ସାଧାରଣ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଚିନ୍ମୟ ସାହୁ କହିଥିଲେ ଯେ, ଏହି ବିପର୍ଯ୍ୟୟ ପ୍ରାକୃତିକ ନୁହେଁ ମନୁଷ୍ୟକୃତ । ସରକାର ଓ ଜଳ ସମ୍ପଦ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଏହି ଜଳ ପ୍ରଳୟ ସୃଷ୍ଟି ହୋଇଛି । ନଦୀ ମାନଙ୍କରୁ ବେଧଡ଼କ ବାଲି ଉତ୍ତୋଳନ ଯୋଗୁଁ ନଦୀବନ୍ଧ ଦୁର୍ବଳ ଅବସ୍ଥାରେ ଥିଲା ଓ ଅପ୍ରତ୍ୟାଶିତ ବନ୍ୟା ଆସି ସବୁ ଛାରଖାର କରିଦେଲା । ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗର ସତର୍କ ଗୁରୁତ୍ୱ ନ ଦେଇ ହାଲୁକା ଭାବେ ନେବାରୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଦିନେ ଓଡିଶା ଠାରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ସାରା ବିଶ୍ୱ ତାଲିମ ନେଉଥିବା ବେଳେ ଆଜି ବିଜେପି ସରକାର ପାଇଁ ଓଡ଼ିଶା ନିନ୍ଦିତ ହେଉଛି ।

ବାଣ ବଳୟ ଭିତରେ ଶିକ୍ଷାନୁଷ୍ଠାନ !

ସରକାରୀ ଉଚ୍ଚ ବିଦ୍ୟାଳୟ ଜାଗାରେ "ଜଟଣୀ ବାଣ ବଜାର"

ଜଟଣୀ, (ସବ୍ୟୁ): ଯେଉଁ ସ୍ଥାନରେ ପିଲାମାନେ ପାଠ ପଢ଼ି ଖେଳିବା କଥା, ସେହି ମାଟିରେ ଯାତ୍ରା ପାର୍ଟି ପରେ ଏବେ ବାରୁଦର ବାସ୍ନା । ଯେଉଁ ପଡ଼ିଆରେ ଛାତ୍ରମାନେ ଖେଳିବା କଥା, ସେଠାରେ ଏବେ ବାଣ ଦୋକାନର ଧାଡ଼ି । ଜଟଣୀର ଐତିହ୍ୟ ଶିକ୍ଷାନୁଷ୍ଠାନ ପ୍ରାଣନାଥ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର ଏବେ ପାଲଟି ଯାଇଛି "ଜଟଣୀ ବାଣ ବଜାର" ।ଏହାକୁ ନେଇ ସହରରେ ତୀବ୍ର ଅସନ୍ତୋଷ ଓ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଦ୍ୟାଳୟ ପରିସରରେ ବାଣ ବଜାର ପାଇଁ ଅନୁମତି ଦେଉଛି କିଏ ?ସରକାରୀ ନିୟମ ଅନୁସାରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଜନବହୁଳ ଅଞ୍ଚଳ ନିକଟରେ ବାଣ ବିକ୍ରି ଓ ଗଚ୍ଛିତ ରଖିବା ମନା । ବିସ୍ଫୋରକ ଆଇନ ଓ ଅଗ୍ନିଶମ ନିୟମ ଅନୁସାରେ ବାଣ ବଜାର ପାଇଁ ଖୋଲା ପଡ଼ିଆ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଦୂରତା ଓ ଲାଇସେନ୍ସ ବାଧ୍ୟତାମୂଳକ ।କିନ୍ତୁ ଜଟଣୀରେ ସବୁ ନିୟମ ଯେମିତି କାଗଜରେ ହିଁ ରହିଥିବା ବର୍ଷ ବର୍ଷ ଧରି ଦେଖିବାକୁ ମିଳୁଛି । ବାଣ ବଜାରର ଚାରି ପାଖରେ ରହିଛି ସରକାରୀ ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ,ଜଟଣୀ ମହାବିଦ୍ୟାଳୟ, ସେଞ୍ଚୁରିଅନ୍ ମହାବିଦ୍ୟାଳୟ ଏବଂ ଘନ ଜନବସତି ଅଞ୍ଚଳ । ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ଗୋଟିଏ ଛୋଟ ନିଆଁ କଣିକା ହିଁ ଯଥେଷ୍ଟ ବଡ଼ ଦୁର୍ଘଟଣା ପାଇଁ । ତଥାପି ବାଣ ବଜାର ପାଇଁ ଅନୁମତି ମିଳିଲା କେମିତି ? କେଉଁ ଆଧାରରେ ମିଳିଲା ? ଏହାକୁ ନେଇ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଏହି ବାଣ ବଜାର ପଛରେ ଏକ ବଡ଼ ମଧୁଚକ୍ର ଚାଲିଛି । ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର ରାଜନେତା, କୁଜି ନେତା, ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଲାଭବାନ ହେଉଥିବା ଚର୍ଚ୍ଚା ହେଉଛି । ଯେଉଁମାନେ ନିୟମ ଲାଗୁ କରିବା କଥା, ସେମାନେ ହିଁ ଆଖି ବୁଜି ଦେଇଛନ୍ତି ବୋଲି ଲୋକେ କହୁଛନ୍ତି ।ସାଧାରଣ ଲୋକ କିନ୍ତୁ ଅସୁବିଧାରେ । ଦିନରାତି ବାଣ ଫୁଟିବାର ଶବ୍ଦ, ଧୂଆଁ, ଟ୍ରାଫିକ୍ ଜାମ୍, ପିଲାମାନଙ୍କ ପାଠପଢ଼ାରେ ବାଧା, ବୃଦ୍ଧ ଓ ରୋଗୀଙ୍କ ଅସୁବିଧା - ସବୁ ସହିବାକୁ ପଡୁଛି ସାଧାରଣ ଜନତାଙ୍କୁ । ଦୁର୍ଘଟଣା ଘଟିଲେ ଦାୟୀ କିଏ ?ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ । ଯଦି କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ବା ବିସ୍ଫୋରଣ ଘଟି ଜନଜୀବନ ହାନି ହୁଏ, ତେବେ ଦାୟୀ କିଏ ରହିବ ? ଅନୁମତି ଦେଇଥିବା ଅଧିକାରୀ ? ନୋ-ଅବଜେକ୍ସନ ଦେଇଥିବା ବିଭାଗ ? ନା ବିଦ୍ୟାଳୟ ପରିସର ବ୍ୟବହାର କରିବାକୁ ଦେଇଥିବା କର୍ତ୍ତୃପକ୍ଷ ? ସେଥିପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି ବିଦ୍ୟାଳୟକୁ ଲାଗିକରି କେଉଁ ଆଧାରରେ ଏହିଭଳି ସବୁ ଲାଭଜନକ ବ୍ୟବସାୟ ପାଇଁ ଅନୁମତି ଦିଆଯାଉଛି , ତାହା ସାର୍ବଜନୀନ କରାଯାଉ ।ଅତଏବ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।



ତଥ୍ୟ ଲୁଚାଇବା ମହଙ୍ଗା ପଡ଼ିଲା ଅଭିଯୁକ୍ତର ପିଟିସନ୍ ଖାରଜ, ୫୦ହଜାର ଜୋରିମାନା

କଟକ,(ସବ୍ୟୁ): ଜଣେ ଅଭିଯୁକ୍ତ ଅଦାଲତକୁ ସଫା ହାତରେ ନଆସିବା ଏବଂ ତଥ୍ୟ ଲୁଚାଇବା ତା' ପାଇଁ ମହଙ୍ଗା ପଡ଼ିଛି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ଅଭିଯୁକ୍ତର କ୍ରିମିନାଲ ରିଭ୍ୟୁ ପିଟିସନ୍କୁ ଖାରଜ କରିବା ସହ ତା ଉପରେ ୫୦ହଜାର ଟଙ୍କାର ଜରିମାନା ଲାଗୁ କରିଛନ୍ତି । ଏହି ଜରିମାନା ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ବେଣୁଧର ପ୍ରଧାନ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଶିବ ଶଙ୍କର ମିଶ୍ର ଏହି ଆଦେଶ ଦେଇଛନ୍ତି। ଅଭିଯୁକ୍ତ ବେଣୁଧର ପ୍ରଧାନ ବିରୋଧରେ ଭାପୁର ଥାନାରେ ଭୀମସେନ ସାମଲ ଏକ ଏତଲା ଦେଇଥିଲେ । ଭୀମସେନ ଅଭିଯୋଗ କରିଥିଲେ ଯେ, ଗତ ଅଗଷ୍ଟ ୪ ତାରିଖ ଦିନ ସେ କଣ୍ଟିଲୋରୁ ବାହାରି ଭାପୁର ବ୍ଲକ୍ ଅଭିମୁଖେ ତାଙ୍କ ମୋଟର ସାଇକେଲ୍ରେ ଯାଉଥିଲେ। ଏହି ସମୟରେ ତାଙ୍କ ପଛରୁ ବୁଲେଟ୍ରେ ମୁହଁ ଘୋଡାଇଥିବା ଦୁଇଜଣ ଦୁର୍ବୃତ୍ତ ଆସିଥିଲେ। ତାଙ୍କ ସହ କିଛି ବାଟ ଆଗକୁ ଯିବାପରେ ସେହି ଗାଡ଼ିର ପଛରେ ବସିଥିବା ଜଣେ ଯୁବକ ଭୀମସେନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଭୀମସେନ ଦେଇଥିବା ଏତଲାକୁ ରଦ୍ଦ ପାଇଁ ଆବେଦନକାରୀ ଅଭିଯୁକ୍ତ ବେଣୁଧର ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ। ଏହି ମାମଲାର ଶୁଣାଣି ବେଳେ ଭୀମସେନ ନିଜର ପକ୍ଷ ରଖି ଦର୍ଶାଇଥିଲେ ଯେ, ଆବେଦନକାରୀ ତଥ୍ୟ ଲୁଚାଇବା ଅଭିଯୋଗରେ ତାଙ୍କ ପିଟିସନ୍ ଖାରଜ ହେବା କଥା । କାରଣ ଏହି ଅଦାଲତକୁ ସେ ପୂର୍ବରୁ ଆଗୁଆ ଜାମିନ୍ ଆବେଦନ କରି ଆସିଛନ୍ତି। ହାଇକୋର୍ଟରୁ ଆଗୁଆ ଜାମିନ୍ ଆବେଦନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟକୁ ମଧ୍ୟ ଯାଇଥିଲେ । ସୁପ୍ରିମକୋର୍ଟରୁ ମଧ୍ୟ ତାଙ୍କୁ ଏଥିପାଇଁ ନିରାଶ ହେବାକୁ ପଡ଼ିଛି। ହେଲେ ଏହି ତଥ୍ୟ ସଂକ୍ରାନ୍ତରେ ସେ ହାଇକୋର୍ଟଙ୍କୁ କିଛି ବି ଅବଗତ କରିନାହାନ୍ତି। ଏହାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। କିନ୍ତୁ ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଆବେଦନକାରୀ ମାମଲାର ଶୁଣାଣିବେଳେ ନିଜ ସମ୍ପର୍କରେ ତଥ୍ୟ ଲୁଚାଇଥିବା ଅଭିଯୋଗରେ ୫୦ହଜାର ଟଙ୍କାର ଜରିମାନା କରିଛନ୍ତି।

କିମ୍ସରେ ଡାକ୍ତରଙ୍କ ସଫଳତା

୧୦ ବର୍ଷୀୟା ନାବାଳିକାଙ୍କ ଶ୍ୱାସନଳୀରୁ କଢ଼ାଗଲା ଧାତବ କଣ୍ଟା

ଭୁବନେଶ୍ୱର, (ସବ୍ୟୁ): କିମ୍ସର ଡାକ୍ତରମାନେ ଜଣେ ୧୦ ବର୍ଷୀୟା ନାବାଳିକାଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ଧାତବ କଣ୍ଟାକୁ ସଫଳତାର ସହ ବାହାର କରିଛନ୍ତି । ଓଡ଼ିଶାର କୋରାପୁଟ ଜିଲ୍ଲାରୁ ଆସିଥିବା ଏହି ନାବାଳିକାଙ୍କ ଚିକିତ୍ସାରେ କିମ୍ସର ଉନ୍ନତ ଚିକିତ୍ସା ପଦ୍ଧତି ଓ ବିଶେଷଜ୍ଞ ଡାକ୍ତରୀ ଦଳର ଦକ୍ଷତା ପ୍ରତିଫଳିତ ହୋଇଛି । ନେଲ୍ ଆର୍ଟ ପାଇଁ ବ୍ୟବହୃତ ଏକ ଉପକରଣର ଅଂଶବିଶେଷ ଥିବା ଏହି ଧାତବ କଣ୍ଟାଟି ଅସାବଧାନତାବଶତଃ ନାବାଳିକାଙ୍କ ଶ୍ୱାସନଳୀ ମଧ୍ୟକୁ ପ୍ରବେଶ କରିଯାଇଥିଲା । ଘଟଣାର ଦୁଇ ଦିନ ପରେ ତାଙ୍କୁ ଚିକିତ୍ସା ପାଇଁ କିମ୍ସକୁ ଅଣାଯାଇଥିଲା । ଡାକ୍ତରୀ ପରୀକ୍ଷା ଓ ସ୍କାନରୁ ଜଣାପଡ଼ିଥିଲା ଯେ, କଣ୍ଟାଟି ତାଙ୍କ ଡାହାଣ ବ୍ରୋଙ୍କସ୍ରେ ଅଟକି ରହିଛି । ଏହି ନଳୀ ଶ୍ୱାସନଳୀରୁ ଫୁସ୍ଫୁସ୍ର ଡାହାଣ ପାର୍ଶ୍ୱକୁ ବାୟୁ ଯୋଗାଣ କରିଥାଏ । କିମ୍ସର କର୍ଣ୍ଣ-ନାସା-ଗଳା (ଇଏନ୍‌ଟି) ଏବଂ ଆନାସ୍ଥେସିଓଲୋଜି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରିଜିଡ୍ ବ୍ରୋଙ୍କୋସ୍କୋପ୍ ନାମକ ଏକ ସ୍ୱତନ୍ତ୍ର ଚିକିତ୍ସା ଉପକରଣ ବ୍ୟବହାର କରି ଏହି ଅସ୍ତ୍ରୋପଚାର କରିଥିଲେ । ଏହି ଉପକରଣ ମାଧ୍ୟମରେ ଶ୍ୱାସନଳୀ ଭିତରକୁ ଦେଖିବା ସହ ସେଠାରେ ଅଟକି ରହିଥିବା ବାହ୍ୟବସ୍ତୁକୁ ବାହାର କରାଯାଇଥାଏ । ସାଧାରଣ ନିଶ୍ଚେତନ (ଜେନେରାଲ୍ ଆନାସ୍ଥେସିଆ) ଦେଇ ନାବାଳିକାଙ୍କୁ ସଂପୂର୍ଣ୍ଣ ଅଚେତ ଅବସ୍ଥାରେ ରଖି ଏହି ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା । ଡାକ୍ତରମାନେ କୌଣସି ଜଟିଳତା ବିନା ସଫଳତାର ସହ କଣ୍ଟାଟିକୁ ବାହାର କରିଥିଲେ । ଚିକିତ୍ସା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଅଧିକ ପର୍ଯ୍ୟବେକ୍ଷଣ ପାଇଁ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଚିକିତ୍ସା ପ୍ରକ୍ରିୟାରେ ଡା. ମାନସ ରଞ୍ଜନ ରାଉତ, ଡା. ସତ୍ୟଞ୍ଜୟ ସାହୁ, ଡା. ସ୍ନେହା, ଡା. ମନୀଷା ମଲ୍ଲିକ, ଡା. ସଂଗ୍ରାମ କେଶରୀ ଦାସ, ଡା. ସୁପ୍ରିୟା କର ଏବଂ ଡା. ଅଞ୍ଜଳି କୁମାରୀଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେବା ସହ ବାଳିକାଙ୍କ ଆରୋଗ୍ୟ କାମନା କରିଛନ୍ତି ।



ଏମ୍‌ପିସି କଲେଜ ଛାତ୍ର ସଂସଦର ବିଭିନ୍ନ ଦାବି

ହଷ୍ଟେଲ୍‌ର ଉନ୍ନତି, ରାସ୍ତା ନିର୍ମାଣ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ

ବାରିପଦା, (ସବ୍ୟୁ) : ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ହଷ୍ଟେଲ୍‌ରେ ମୌଳିକ ସୁବିଧାର ଅଭାବ ଓ ଭିତ୍ତିଭୂମିର ଉନ୍ନତି ଦାବିରେ ଛାତ୍ର ସଂସଦ ପକ୍ଷରୁ ଜିଲ୍ଲାପାଳ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଛାତ୍ର ସଂସଦ ସଭାପତି ଅଞ୍ଜନ ସୋରେନଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରିବା ସହ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ । ଛାତ୍ର ସଂସଦ ପକ୍ଷରୁ ଏସ୍‌ଟି ବାଳିକା ହଷ୍ଟେଲ୍ ସମେତ ଏମ୍‌ଟିକେ-୧ ଓ ଏମ୍‌ଟିକେ-୨ ହଷ୍ଟେଲ୍‌ର ମରାମତି, ପାନୀୟ ଜଳ, ପାଠାଗାର, ପରିମଳ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଉନ୍ନତି ଦାବି କରାଯାଇଛି । ଏଥିସହ ତକତପୁର ଓଭରବ୍ରିଜ୍‌ଠାରୁ ଏମ୍‌ଟିକେ-୨ ବାଳିକା ହଷ୍ଟେଲ୍ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ଓ ପିଚୁକରଣ ସହ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଉନ୍ନତି ପାଇଁ ଦାବି ହୋଇଛି । ଏହି ରାସ୍ତା ଛାତ୍ରଛାତ୍ରୀଙ୍କ ସମେତ ପିଆରଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ଯାତାୟାତ କରୁଥିବା ରୋଗୀ



ଓ ସାଧାରଣ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେହିପରି କଲେଜ କ୍ୟାମ୍ପସ୍?ରେ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ଡ୍ରେନେଜ୍, ବିଦ୍ୟୁତ୍ ଓ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ସହ ପାଠାଗାରରେ ନୂତନ ପୁସ୍ତକ ଓ ଉଚ୍ଚଗତି ଇଣ୍ଟରନେଟ୍ ସୁବିଧା ଯୋଗାଇବାକୁ ଦାବି କରାଯାଇଛି । ଏଥିସହ ଇନ୍‌ଡୋର ଷ୍ଟାଡିୟମ୍, ମଲଟି ଜିମ୍ ଓ ଖେଳ ପଡ଼ିଆର ଉନ୍ନତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ହଷ୍ଟେଲ୍ ଓ କଲେଜ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ସହ ଆବଶ୍ୟକୀୟ ସୁରକ୍ଷା ସୁବିଧା ଯୋଗାଇବାକୁ ଛାତ୍ର ସଂସଦ ଦାବି କରିଛି । ଏହି ଦାବିଗୁଡ଼ିକୁ ଅଧ୍ୟକ୍ଷ ଗୁରୁତ୍ୱର ସହ ନେଇ ଆସନ୍ତାକାଲି ଛାତ୍ର ସଂସଦ ସହ ବୈଠକ କରି ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଛାତ୍ରଛାତ୍ରୀଙ୍କ ନ୍ୟାଯ୍ୟ ଅଧିକାର, ସୁରକ୍ଷା ଓ ଉନ୍ନତ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଏହି ଦାବିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ର ସଂସଦର ସାଧାରଣ ସମ୍ପାଦକ ପ୍ରବାଶ ମାର୍ଣ୍ଡି, ସହକାରୀ ସମ୍ପାଦକ ରଘୁନାଥ ବାସ୍କେ, ସାହିତ୍ୟ ସମାଜ ଓଡ଼ିଆ ସମ୍ପାଦକ ଭାଗ୍ୟଜ୍ୟୋତି ଟୁଡୁ, ନାଟ୍ୟ ସମାଜ ସମ୍ପାଦକ ବିକ୍ରମ ମାର୍ଣ୍ଡି, ସହକାରୀ ନାଟ୍ୟ ସମାଜ ସମ୍ପାଦକ ବାସନ୍ତୀ ମାର୍ଣ୍ଡି, କ୍ରୀଡ଼ା ସମ୍ପାଦକ ଦିପୁ ସିଂହ, ସହକାରୀ କ୍ରୀଡ଼ା ସମ୍ପାଦକ ବଞ୍ଚୁ ହେମ୍ବ୍ରମ, କଳା ସମାଜ ସମ୍ପାଦକ ଶଶ୍ମିତା ସୋରେନ, ସହକାରୀ ସମ୍ପାଦକ ଜଗଜୀବନ ମୁର୍ମୁ, ସାମାଜିକ ସେବା ଗାଇଡ୍ ସମ୍ପାଦକ ରାମଦାସ କିସ୍କୁ, ସହକାରୀ ସମ୍ପାଦକ ଗୁପ୍ତେଶ୍ୱର ନାଏକ ଏବଂ ଶ୍ରେଣୀ ପ୍ରତିନିଧି ଗୁଲା ହୋ ଓ ଆଦର୍ଶ ମାର୍ଣ୍ଡିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

ଧ୍ୱସ୍ତ ବିଧ୍ୱସ୍ତ ଜାନବିଲି ଆନିକଟ

ପରିଦର୍ଶନ କଲେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ

ଧରାକୋଟ, (ସବ୍ୟୁ) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ହୋଇଥିବା ବନ୍ୟା ଦ୍ୱାରା ବ୍ରିଟିଶ ଅମଳରେ ୧୮୯୧ ମସିହାରେ ୧୩୫ ବର୍ଷ ପୂର୍ବେ ନିର୍ମୀତ ଜାନବିଲି ଅନିକଟ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ପିଇବା ପାଣି, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଏହି ଆନିକଟର ପୁନଃ ନିର୍ମାଣ କରି ପୁଣି ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧ କାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି । ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ସ୍ୱତନ୍ତ୍ର ସଚିବ ବିଘ୍ନରାଜ ପୁରୋହିତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଋଷିକୁଲ୍ୟା ଓ ବାହୁଦା ବେସିନ ବ୍ରହ୍ମପୁର ରବୀନ୍ଦ୍ର ନାଥ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା ଓ ସିସି ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ଘଡେଇ, ଅଧୀକ୍ଷଣ ଯନ୍ତ୍ରୀ ଭଞ୍ଜନଗର ସଞ୍ଜୟ କୁମାର ପ୍ରଧାନ, ଓସିସି ବରିଷ୍ଠ ପରିଚାଳକ ବସନ୍ତ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କେ. ଦେବେନ୍ଦ୍ର କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଜାନିବିଲି ଅନିକଟ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜନିବିଲି ଅନିକଟର ପୁରା ୨୪୭ମି ଲମ୍ବାରୁ ପାଖାପାଖି ୧୫୦ମି ବନ୍ୟା ଜଳରେ ଧୋଇହୋଇଯାଇଛି । ୮୧ ଗୋଟି ଫାଲିଙ୍ଗ ସଟର ମଧ୍ୟରୁ ୩୯ ଗୋଟି ଭିତ୍ତିଭୂମି ସହ ଧୋଇ ହୋଇଯାଇଛି । ଆନିକଟ ଓ୍ୱାଟର କଣ୍ଟ୍ରୋଲ ରୁମ ରାସ୍ତା ସହ ଋଷିକୁଲ୍ୟା ନଦୀର ବାମ ଏବଂ ଦକ୍ଷିଣ ପଟ କୂଳ ହୁଡା ଧୋଇ ହୋଇଯାଇଛି । ସର୍ବୋଚ୍ଚ ଯନ୍ତ୍ରୀ ପୁନଃ ନିର୍ମାଣ କାର୍ଯ୍ୟ ଦେଖିବା ପରେ ଫିଲ୍ଡ ଅଫିସରମାନଙ୍କୁ କାମ ଯୁଦ୍ଧ କାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜାନବିଲି ଅନିକଟ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପ୍ରଶ୍ନ କରିବା ବେଳେ ସରକାର ପିଇବା ପାଣି ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି । ଏଣୁ ବ୍ରହ୍ମପୁର ସହରକୁ ପିଇବାପାଣି ଯୋଗାଣରେ ଯେପରି ବାଧା ସୃଷ୍ଟି ନହେବ ସେଥିପାଇଁ କାମ ଆରମ୍ଭ ହୋଇଛି ଏବଂ ତୁରନ୍ତ ଅନିକଟ୍, ଉଭୟ ପଟ ନଦୀ ହିଡ, କେନାଲ ମରାମତି କରାଯାଇ ଆନିକଟ୍, ନଦୀ ଓ କେନାଲକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ଗସ୍ତ ସମୟରେ ଜଳ ସମ୍ପଦ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ବାତ୍ୟା "ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବୁଗୁଡ଼ା, (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ମୁରାସୁର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗରରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ତୁଳି ଆମ୍ବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ବିଡିଓ ଦ୍ୟୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଏବିଡିଓ ଧର୍ମରାଜ ପରିଡ଼ା, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି, ବିପଦପୂର୍ଣ୍ଣ ଅଞ୍ଚଳ ଉପରେ ନଜର ,ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା ।

ମୟୂରଭଞ୍ଜରେ ବିଜେପିର ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ପଦଯାତ୍ରା

ଜନସମାବେଶରେ ଯୋଗଦେଲେ ମନ୍ତ୍ରୀ ଓ ବିଧାୟକ

ବାରିପଦା, (ସବ୍ୟୁ) : ବିଜେପି ମୟୂରଭଞ୍ଜ (ପୂର୍ବ) ସାଂଗଠନିକ ଜିଲ୍ଲା ପକ୍ଷରୁ ସୋମବାର ବାରିପଦାରେ ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଶୀର୍ଷକ ପଦଯାତ୍ରା ଓ ଜନସମାବେଶ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ । ପୂର୍ବାହ୍ନରେ ମଧୁବନ ପଡ଼ିଆରୁ ବାହାରିଥିବା ପଦଯାତ୍ରା ସହର ପରିକ୍ରମା କରି ପ୍ୟାରେଡ୍ ପଡ଼ିଆରେ ପହଞ୍ଚିଥିଲା । ସେଠାରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହନ୍ତଙ୍କ ଅଧ୍ୟକ୍ଷତାରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିରୋଧୀ ଦଳଗୁଡ଼ିକ ଦେଶରେ ବିଭ୍ରାନ୍ତି ଓ ଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ । ଗଣତନ୍ତ୍ର ଓ ଜନାଦେଶର ମର୍ଯ୍ୟାଦା ରକ୍ଷା ପାଇଁ ଜନସାଧାରଣ ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାକ୍ତର ବୁଢ଼ାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ । ପଦଯାତ୍ରାରେ କର୍ମୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଓ



ଜନାଦେଶର ଅପମାନ, ସହିବ ନାହିଁ ହିନ୍ଦୁସ୍ତାନ ଭଳି ସ୍ଲୋଗାନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରଣକୃଷ୍ଣ ବେରାଙ୍କ ସମେତ ସୁଗୁଦା ମୁର୍ମୁ, ସୁକୁଲ ମୁର୍ମୁ, ନରୋତ୍ତମ ପାଣିଗ୍ରାହୀ, ସୁରଜ ଲୋହାର, ସୌମ୍ୟ ରଞ୍ଜନ ମିଶ୍ର, ଦେବବ୍ରତ ସାମଲ, ସଭାବତୀ ଓତା ଓ ଅନ୍ୟ ଦଳୀୟ କର୍ମୀମାନେ ସହଯୋଗ କରିଥିଲେ ।

ରିଲିଫ କାର୍ଯ୍ୟରେ ଅବହେଳା

ଧରାକୋଟ ବ୍ଲକ ଯୋଗାଣ ନିରୀକ୍ଷକ ନିଲମ୍ବିତ

ଧରାକୋଟ, (ସବ୍ୟୁ) : ବାତ୍ୟା ଅର୍ଣ୍ଣବ ଜନିତ ପ୍ରଭାବରେ ଧରାକୋଟ ବ୍ଲକର ଅଠର ଗୋଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ସମ୍ପ୍ରତି ବନ୍ୟା ଜଳ କମିବା ପରେ ବିପନ୍ନ ଲୋକଙ୍କୁ ରିଲିଫ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସଦର ମହକୁମାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ରିଲିଫ ଯୋଗାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିବା ବେଳେ ଏଥିରେ ଅବହେଳା ପ୍ରଦର୍ଶନ ପାଇଁ ଧରାକୋଟ ବ୍ଲକ ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ ଙ୍କୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାପଡିଛି । ସମ୍ପ୍ରତି ବୁଗୁଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରାଙ୍କୁ ଧରାକୋଟ ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

ବାଲି ଓ ମୋରମ ଚୋରା ଚାଲାଣ

ଜିଲ୍ଲାପାଳଙ୍କୁ ଫେରାଦ, ୭ଦିନରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ଅନ୍ତର୍ଗତ ଶୁଖିଲାହାର ସାମିଲ ମହୁଲିଆ ଅଞ୍ଚଳରେ ବେଆଇନ ବାଲି ଓ ମୋରମ ଚାଲାଣ ନେଇ ଖଣି ବିଭାଗର ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଛି । ଏନେଇ ପେସା ଜିଲ୍ଲା ଯୁବ ସଭାପତି ଦୁଲାରାମ ମୁର୍ମୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ, ବାରିପଦା ଖଣି କାର୍ଯ୍ୟାଳୟର କନିଷ୍ଠ ଖଣି ଅଧିକାରୀ ଭବାନୀ ଶଙ୍କର ପାତ୍ର ଓ ଖଣି ଅଧିକାରୀ ଅନାମ ଚରଣ ସିଂହଙ୍କ ସହାୟତାରେ ବେଆଇନ ଖଣିଜ ପଦାର୍ଥ ଚାଲାଣ ହେଉଥିବା ଏବଂ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବା ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଗତ ଫେବୃଆରୀରେ ସ୍ୱଟ୍ ନିଲାମ ଜରିଆରେ ଜବତ ବାଲି ଓ ମୋରମ ଉଠାଣ ପାଇଁ ଅନୁମତି ମିଳିଥିବାବେଳେ ଅକ୍ଟୋବରରେ ଇ-ପାସ୍ ଜାରି କରାଯିବା ଏବଂ ପୂର୍ବରୁ ବେଆଇନ ପରିବହନ ମାମଲାରେ ଜଡ଼ିତ ଗାଡ଼ି ମାଲିକଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ମୁର୍ମୁ ଦାବି କରିଛନ୍ତି । ୭ଦିନ ମଧ୍ୟରେ ପଦକ୍ଷେପ ନିଆ ନଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗଣଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଅଭିଯୋଗପତ୍ରର ନକଲ ମୟୂରଭଞ୍ଜ ଏସ୍?ପି, ଭଦ୍ରକ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ ଓ ଖଣି ନିର୍ଦ୍ଦେଶକଙ୍କୁ ପଠାଯାଇଛି ।

ଅଷ୍ଟମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ରଚଳଚ୍ଚିତ୍ର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆସନ୍ତା ୨୦୨୭ ଫେବୃଆରୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ବାରିପଦାରେ ଅଷ୍ଟମ ଜାତୀୟ ଆଦିବାସୀ କ୍ଷୁଦ୍ରଚଳଚ୍ଚିତ୍ର ମହୋତ୍ସବ ଆୟୋଜିତ ହେବ । ଏହାର ପ୍ରସ୍ତୁତି ନେଇ ମୁର୍ଗାବାଡ଼ିସ୍ଥିତ ଟ୍ରାଇବାଲ ଥିଏଟର ସେଣ୍ଟରଠାରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି । ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଦୀପକ କୁମାର ବେଶ୍ରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ସମ୍ପାଦକ ଅନ୍ତା ଆଲୋକ ବାସ୍କେ, ମହୋତ୍ସବର ପରାମର୍ଶଦାତା ସୋମନାଥ ସିଂହ, ସିଡିପିଓ ବିଟୁ ଟୁଡୁ, ଡଃ ଯତିନ ବେସ୍ରା, ଇଂ. କନ୍ଦନ ମାଝୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ । ବୈଠକରେ ମହୋତ୍ସବକୁ



ସହିଦ ସ୍ମୃତି ଭବନରେ ତିନିଦିନ ଧରି ଆୟୋଜନ କରିବାକୁ ସ୍ଥିର ହୋଇଛି । ଏଥିରେ ଦେଶର ବିଭିନ୍ନ ଆଦିବାସୀ ସମୁଦାୟର କ୍ଷୁଦ୍ରଚଳଚ୍ଚିତ୍ର ପ୍ରଦର୍ଶନ ସହ ପାରମ୍ପରିକ ଆଦିବାସୀ ଖାଦ୍ୟ ମହୋତ୍ସବ ଓ ହସ୍ତଶିଳ୍ପ ମେଳା ଆୟୋଜନ କରାଯିବ । ଏହାଦ୍ୱାରା ଆଦିବାସୀ ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀର ପ୍ରଚାର ସହ ସ୍ଥାନୀୟ କାରିଗର ଓ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତକାରୀଙ୍କୁ ନିଜ କଳା ପ୍ରଦର୍ଶନର ସୁଯୋଗ ମିଳିବ । ପ୍ରକାଶ ଥାଉକି, ୨୦୧୭ ମସିହାରୁ ଏହି ମହୋତ୍ସବ ବାରିପଦାରେ ଆୟୋଜିତ ହୋଇଆସୁଛି । ଆଦିବାସୀ ସମାଜର କାହାଣୀ, ସଂସ୍କୃତି ଓ ସମସାମୟିକ ସମସ୍ୟାକୁ ଚଳଚ୍ଚିତ୍ର ମାଧ୍ୟମରେ ଉପସ୍ଥାପନ କରିବା ସହ ଆଦିବାସୀ ଚଳଚ୍ଚିତ୍ର ନିର୍ମାତାଙ୍କୁ ଉତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ ଶିବିର

୨୦୬ ଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୦୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୧୭୧ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୫ ଗୋଟି ଗ୍ରାମ୍ୟ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

ଗିଡିପାବାଲି ଭୂସ୍ଖଳନକୁ ସପ୍ତାହେ ବିତିଲା

ବାତ୍ୟା ପରିସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

ଭଂଜନଗର, (ସବ୍ୟୁ) : ଆସନ୍ନ ବାତ୍ୟା ମୁରାସୁ ମୁକାବିଲା ଏବଂ ଗତ ଦିନରେ ଭଂଜନଗର, ଆସିକା ଏବଂ ସୋରଡ଼ା ଠାରେ ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ । ଭଂଜନଗର ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ, ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ଓ ଟେଲି ଯୋଗାଯୋଗ ସେବା, ବିଶୁଦ୍ଧ ପିଇବା ପାଣି ଏବଂ ଉତ୍ତମ ଖାଦ୍ୟ ଯୋଗାଣ ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ନିରନ୍ତର ଭାବେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ, ନିର୍ଦ୍ଦେଶ ଦେଇଥିଲେ । ଆସିକା ଓ ସୋରଡା ଅଞ୍ଚଳର କେତେକ ସ୍ଥାନରେ ରହିଥିବା ଟେଲି ଯୋଗାଯୋଗ ବ୍ୟବସ୍ଥାରେ ତୁରନ୍ତ ସୁଧାର ଅଣାଯିବା ପାଇଁ ପରାମର୍ଶ ଦେଇଥିଲେ । ଏହାସହ ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ଧର୍ଯ୍ୟ, ସହାନୁଭୂତି ଓ ସହଯୋଗପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ, ବିଭାଗୀୟଅଧିକାରୀ ଏବଂ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ଭଂଜନଗର ବ୍ଲକ ବାଇବାଲି ପଞ୍ଚାୟତର ପାହାଡ଼ ଉପରେ ଥିବା ଗିଡିପାବାଲି ଗାଁରେ ଭୂସ୍ଖଳନ ଘଟଣାକୁ ଆଜି ସପ୍ତାହେ ବିତିଲା । ଘଟଣା ପ୍ରଘଟ ହେବା ପରେ, ଗତ ତିନିଦିନ ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ରବିବାର ଦିନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଘଟଣା ସ୍ଥଳରେ ପହଞ୍ଚି, ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଘଟଣା ପରେ ଗିଡିପାବାଲି ଗାଁ ତଳେ ରହିଥିବା ତଡମା ଗାଁ ଲୋକେ ମଧ୍ୟ ଭୟଭୀତ ହୋଇ ପଡିଛନ୍ତି । ମୁରାସୁ ଭଳି ପୁଣି ଆଉ ଏକ ବାତ୍ୟା ଓ ବର୍ଷା ଆସୁଥିବାରୁ ପ୍ରଶାସନର ନିଷ୍ପତ୍ତି ପ୍ରକାରେ ଏହି ପଞ୍ଚାୟତର ବଜ୍ରଗଡ ସ୍କୁଲରେ ଆଶ୍ରୟ ନେଇଛନ୍ତି । ସେହି କ୍ରମରେ, ପୁଣି ଆସୁଥିବା ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଭଂଜନଗର ବ୍ଲକର ଆଉ କିଛି ପାହାଡିଆ ଅଞ୍ଚଳରେ ରହିଥିବା, ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ବ୍ୟବସ୍ଥା କରାଯାଇଥିବା ସଂକ୍ରାନ୍ତରେ, ଭଂଜନଗର ବିଡ଼ିଓ ଭାରତୀ ଦେବୀ କହିଛନ୍ତି ।

୫ରେ ଫୁଲବାଣୀରେ ଜିଲ୍ଲାସ୍ତରୀୟ ପେନସନ୍ ଅଦାଲତ

ଫୁଲବାଣୀ, (ସବ୍ୟୁ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ପେନସନଭୋଗୀଙ୍କ ବିଭିନ୍ନ ପେନସନ୍ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ଆସନ୍ତା ନଭେମ୍ବର ୫ ତାରିଖ ଗୁରୁବାର ଦିନ ଫୁଲବାଣୀଠାରେ ଏକ ଜିଲ୍ଲାସ୍ତରୀୟ ପେନସନ୍ ଅଦାଲତ ଅନୁଷ୍ଠିତ ହେବ । ଏହି ଅଦାଲତ ମାଧ୍ୟମରେ ପେନସନଭୋଗୀମାନେ ସେମାନଙ୍କର ଦୀର୍ଘଦିନର ପେନସନ୍ ସମ୍ବନ୍ଧୀୟ ଅଭିଯୋଗ ଓ ଅସୁବିଧା ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇବେ । ଏହି କାର୍ଯ୍ୟକ୍ରମ ପୂର୍ବାହ୍ଣ ୧୦ଟାରେ ଫୁଲବାଣୀସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ)ରେ ଆୟୋଜିତ ହେବ । ଏଥିରେ ପେନସନ୍ ମଞ୍ଜୁରୀ ଓ ନିର୍ଦ୍ଧାରଣ, ପେନସନ୍ ପ୍ରଦାନରେ ବିଳମ୍ବ, ଅବସରକାଳୀନ ପ୍ରାପ୍ୟ, ଗ୍ରାଚ୍ୟୁଇଟି, ପରିବାର ପେନସନ୍ ଏବଂ ଅନ୍ୟାନ୍ୟ ଆର୍ଥିକ ସୁବିଧା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ଶୁଣାଣି କରାଯିବ । ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଅଭିଯୋଗ ଗୁଡ଼ିକର ସମୀକ୍ଷା କରି ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏହି ପେନସନ୍ ଅଦାଲତରେ ସ୍ୱତନ୍ତ୍ର ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଗ୍ମ ସଚିବ ଅସିତ କୁମାର ପାଣି ଏବଂ ଉପ ମହାଲେଖାକାର କେ. ନାଗେଶ୍ୱର ରାଓ ଯୋଗଦେବେ । ଏଥିସହ ଓଡ଼ିଶା ନିୟନ୍ତ୍ରକ ଓ ହିସାବ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ମହାଲେଖାକାରଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଅଧିକାରୀ ଦଳ ଯୋଗଦେବେ । ଏହି ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଦଳଙ୍କ ଉପସ୍ଥିତିରେ ପେନସନଭୋଗୀଙ୍କ ସମସ୍ୟାଗୁଡ଼ିକର ସମୀକ୍ଷା ସହ ଆବଶ୍ୟକ ସମାଧାନ ପାଇଁ ଉଦ୍ୟମ କରାଯିବ ।

ସମ୍ଭାବ୍ୟ ବାତ୍ୟା ମୁରାସୁ ଆଶଙ୍କାରେ ବୁଗୁଡା ଅଞ୍ଚଳର ଚାଷୀ

ବୁଗୁଡା, (ସବ୍ୟୁ): ଭାରତୀୟ ପାଣିପାଗ ବିଭାଗର ଅନୁମାନ କ୍ରମେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇଥିବାରୁ ସମ୍ଭାବ୍ୟ ସାମୁଦ୍ରିକ ଝଡବାତ୍ୟା ମୁରାସୁକୁ ନେଇ ବୁଗୁଡା ଅଞ୍ଚଳର ଚାଷୀକୁଳ ଚିନ୍ତିତ ଥିବା ଜଣାଯାଇଛି । ଏଥର ଠିକ୍ ସମୟରେ ଆବଶ୍ୟକୀୟ ବର୍ଷା ହେତୁ ଧାନ ଫସଲ ଭଲ ହୋଇଥିଲା ବେଳେ ଗତ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ କେତେକ ଅଞ୍ଚଳର ଚାଷଜମିରେ ପାଣି ଭରି ରହିଥିବା ବେଳେ ଏବେ ସମ୍ଭାବ୍ୟ ବାତ୍ୟା ମୁରାସୁ ଚାଷୀଙ୍କ ମନରେ ଫସଲ କ୍ଷୟକ୍ଷତିର ଆଶଙ୍କା ସୃଷ୍ଟି କରିଛି । ଅଞ୍ଚଳର ଚାଷୀମାନେ ଅନେକ ସମସ୍ୟା ମଧ୍ୟରେ ଚଢା ଦରରେ ପିଡିଆ କିଣି ଜମିରେ ପକାଇ ଫସଲକୁ ଉଠିଆ କରି ଅଧିକ ଅମଳ କରିବା ଆଶାରେ ରହିଥିବା ବେଳେ ସମ୍ଭାବ୍ୟ ବାତ୍ୟା ଖବର ତାଙ୍କ ପାଇଁ ଆଶଙ୍କା ପାଲଟିଛି । ପୂର୍ବରୁ କେବଳ ଫାଇଲିନ୍ ନୁହେଁ ଦାନା, ହୁଡୁହୁଡୁ ଆଦି ବାତ୍ୟାରେ ହୋଇଥିବା ଫସଲ ହାନିର ଭୟ ପୁଣି ମନକୁ ଶଙ୍କାଗ୍ରସ୍ତ କରୁଛି । ତେବେ ପ୍ରାକୃତିକ ବିପର୍ଯ୍ୟୟକୁ ଏଡାଇବାର ଶକ୍ତି ମନୁଷ୍ୟ ପାଖରେ ନଥିବାରୁ ବୁଗୁଡା ଅଞ୍ଚଳର ଚାଷୀକୁଳ ଭଗବାନଙ୍କ ଭରସାରେ ରହିଥିବା ଜଣାଯାଇଛି ।

ପୁନଃସ୍ଥାପନ କାର୍ଯ୍ୟର ତଦାରଖ ପାଇଁ

ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କଲେ ଟିପିଏସ୍‌ଓଡିଏଲ୍ ସିଇଓ

ବ୍ରହ୍ମପୁର,(ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ)ର ସିଇଓ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରଭାବିତ ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରି ବଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତ । ଗସ୍ତ ସମୟରେ ଶ୍ରୀ ଗର୍ଗ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା ଏବଂ ଅନୁଭୂତି ବିଷୟରେ ପଚାରି ବୁଝିଥିଲେ । ଏଥିସହ ସେ ବିଦ୍ୟୁତ ପୁନଃସ୍ଥାପନ କାର୍ଯ୍ୟରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ପ୍ରଭାବିତ ଅଞ୍ଚଳରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହ କାର୍ଯ୍ୟ ସମୟରେ କର୍ମଚାରୀମାନେ ସାମ୍ନା କରୁଥିବା ସମସ୍ୟା ଓ ଆହ୍ୱାନ ସମ୍ପର୍କରେ ଅବଗତ ହୋଇଥିଲେ । ଏହି ଆଲୋଚନା ମାଧ୍ୟମରେ କ୍ଷେତ୍ରସ୍ତରରେ ଆବଶ୍ୟକତା ଗୁଡ଼ିକୁ ଆକଳନ କରିବା ସହ ବିଦ୍ୟୁତ



ଯୋଗାଣ ଶୀଘ୍ର ସ୍ୱାଭାବିକ କରିବା ପାଇଁ ବିଭିନ୍ନ ଦଳ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀ ଗର୍ଗଙ୍କ ନେତୃତ୍ୱରେ ଟିପିଏସ୍‌ଓଡିଏଲ୍ ନିଜର ଆଠଟି ଜିଲ୍ଲାର କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ବିଦ୍ୟୁତ ପୁନଃସ୍ଥାପନ କାର୍ଯ୍ୟକୁ ସମନ୍ୱିତ ଭାବେ ଆଗେଇ ନେଉଛି । ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ବିଦ୍ୟୁତ ଯୋଗାଣ ପୁନଃସ୍ଥାପିତ ହୋଇଥିବା ବେଳେ ଅନ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଏହି କାର୍ଯ୍ୟ ଜାରି ରହିଛି । ଜଳବନ୍ଦୀ ସ୍ଥିତି, ରାସ୍ତାରେ ପଡ଼ିଥିବା ଗଛ ଓ ଅନ୍ୟାନ୍ୟ ଆବର୍ଜନା ତଥା ଦୁର୍ଗମ ସ୍ଥାନରେ କାର୍ଯ୍ୟ କରିବାର ଆହ୍ୱାନ ସେ%o କ୍ଷତିଗ୍ରସ୍ତ ବିଦ୍ୟୁତ ବଣ୍ଟନ ଭିତ୍ତିଭୂମିର ମରାମତି ଏବଂ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ କ୍ଷେତ୍ରୀୟ ଦଳଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି । ପୁନଃସ୍ଥାପନ କାର୍ଯ୍ୟରେ ସହଯୋଗ ପାଇଁ ସମଗ୍ର ଦକ୍ଷିଣ ଓଡ଼ିଶାରେ ପ୍ରାୟ ୬,୫୦୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେମାନଙ୍କୁ ପ୍ରାୟ ୪୦୦ଟି ଗାଡ଼ି, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାନଜିଟ୍ ଷ୍ଟୋରର ସହାୟତା ମିଳୁଛି । ଏହାଦ୍ୱାରା କର୍ମଚାରୀ, ଯନ୍ତ୍ରପାତି ଓ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଆବଶ୍ୟକ ସ୍ଥାନରେ ଶୀଘ୍ର ପହଞ୍ଚାଇବା ସମ୍ଭବ ହେଉଛି । ଗସ୍ତ ସମୟରେ ଶ୍ରୀ ଗର୍ଗ କ୍ଷେତ୍ରସ୍ତରରେ ଉତ୍ତମ ସମନ୍ୱୟ ରକ୍ଷା, ଉପଭୋକ୍ତାଙ୍କ ସମସ୍ୟାର ତୁରନ୍ତ ସମାଧାନ ଏବଂ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଟିପିଏସ୍‌ଓଡିଏଲ୍ ପକ୍ଷରୁ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ନୈତିକ ଶାସନ ବ୍ୟବସ୍ଥା ପ୍ରତି ପ୍ରତିବଦ୍ଧତା ଦୋହରାଇଲା ଟିପିଏନ୍ଓଡିଏଲ୍



ବାଲେଶ୍ୱର,(ସବ୍ୟୁ): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ 'ସମୃଦ୍ଧି ପାଇଁ ସାଧୁତା' ବିଷୟବସ୍ତୁକୁ ଆଧାର କରି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନୈତିକ ମୂଲ୍ୟବୋଧ, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସଚ୍ଚୋଟତା ଆଧାରିତ କାର୍ଯ୍ୟସଂସ୍କୃତିକୁ ଅଧିକ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସୋମବାରଦିନ ଆୟୋଜିତ ଉଦ୍ଯାପନୀ ସମାରୋହରେ ଟିପିଏନ୍ଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ବାଣିଜ୍ୟିକ ଓ ବ୍ୟବସାୟିକ ଉତ୍କର୍ଷ ବିଭାଗ ମୁଖ୍ୟ ଶୁଭଦୀପ ରାୟଚୌଧୁରୀ, ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ମୁଖ୍ୟ ରମେନ୍ଦ୍ର ବାନିକ, ଦୁର୍ନୀତି ନିବାରଣ ବିଭାଗ ମୁଖ୍ୟ ସନ୍ତୋଷ ସାମନ୍ତରା, ଦୁର୍ନୀତି ନିବାରଣ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ : ଛାତରୁ ଖସିଲା ପ୍ଲାଷ୍ଟର

ନୀଳଗିରି,(ସବ୍ୟୁ):ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ପିଠାହତା ପଞ୍ଚାୟତ ଝରଣାଘାଟି ଠାରେ ୨୦୨୫ମସିହା ନଭେମ୍ବର ୨୩ତାରିଖରେ କଳିଙ୍ଗମଡେଲ ନାମରେ ଏକ ନୂତନ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଥିଲା। ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୨ଶହ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଏହି ନବନିର୍ମିତ ବିଦ୍ୟାଳୟକୁ ଏକବର୍ଷ ନପୁରୁଣୁ ବିଲଡିଂର ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିଥିବା ଦେଖିବାକୁ ମିଳିଛି। ଉପରମହଲାର କ୍ଲାସ ରୁମ୍ ନଂ ୭ ଓ ୧୪ ନିକଟସ୍ଥ ଛାତରେ ପ୍ଲାଷ୍ଟର ଖସି ରଡ ଦେଖାଯାଉଥିବା ବେଳେ ବିଲ୍ଡିଂର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏକାଡେମିକ ବିଲ୍ଡିଂରେ ମଧ ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିବାସହିତ ପାଣିସକ୍ କରି ରଙ୍ଗଛାଡ଼ି ବେରଙ୍ଗି ହୋଇଥିବା ପରିଲକ୍ଷିତ ହୋଇଛି। ବିଲଡିଂର ଏପରି ଅବସ୍ଥାକୁ ଦେଖି ଉକ୍ତ ଆବାସିକ ବିଦ୍ୟାଳୟରେ ପଢୁଥିବା ଅନ୍ତେବାସୀଙ୍କ ପିତାମାତା ଏବେ ଦ୍ୱନ୍ଦରେ। ସେମାନଙ୍କର ପିଲାମାନଙ୍କର ଜୀବନପ୍ରତି ବିପଦକୁ ଆଖିଆଗରେ ରଖି,ପିଲାଙ୍କୁ ଉକ୍ତ ଅନୁଷ୍ଠାନରେ ପଢ଼ାଇବା ପାଇଁ ଉଚିତ୍ ମଣୁନଥିବା କିଛି ଅଭିଭାବକ ନାମ ଗୋପନରଖି ଅଭିଯୋଗକରିଥିବା ଜଣାଯାଇଛି। ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କର ଏଥିରେ କୌଣସି ଭୂମିକା ନଥିବା ଦର୍ଶାଇଥିଲେ।। ଲକ୍ଷଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଏହି ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ତାହା କେତେଦୂର ସଫଳ ହୋଇଛି, ଏହି ବିଲ୍ଡିଂକୁ ଲକ୍ଷ୍ୟକଲେ ଜଣାପଡ଼ିବ। ପିଲାଙ୍କ ଭବିଷ୍ୟତ ସହ ଖେଳଖେଳୁଥିବା ନିର୍ମାଣକାରୀ ସଂସ୍ଥା ଏବଂ ଠିକାଦାରଙ୍କୁ ତୁରନ୍ତ କଳାତାଲିକା ଭୁକ୍ତ କରିବାସହିତ ତଦନ୍ତ ପୂର୍ବକ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ପୂର୍ବତନ ଜିପିଓଙ୍କ ପରଲୋକ



ବେତନଟୀ ,(ସବ୍ୟୁ): ବେତନଟୀ ବ୍ଲକରେ ଦୀର୍ଘବର୍ଷ ଧରି ଗ୍ରାମପଞ୍ଚାୟତ ଅଧିକାରୀ ଭାବରେ କାର୍ଯ୍ୟ କରିଥିବା ତଥା ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ପାଣିଗ୍ରାହୀ(୭୬)ଙ୍କର ରବିବାର ରାତି ପ୍ରାୟ ସାଢ଼େ୧୧ଟାରେ ମୁମ୍ବାଇ ଠାରେ ପରଲୋକ ଘଟିଛି। ସ୍ୱର୍ଗତ ଅମୂଲ୍ୟ କୁମାର ପାଣିଗ୍ରାହୀ ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ବେତନଟୀରେ ଦୀର୍ଘବର୍ଷର କାର୍ଯ୍ୟକାଳ ମଧ୍ୟରେ ନିଜର ଅମାୟିକ ବ୍ୟକ୍ତିତ୍ୱ ଏବଂ ସରଳ ତଥା ନିଷ୍କପଟ ପାଇଁ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସ୍ୱର୍ଗତ ଅମୂଲ୍ୟ କୁମାର ପାଣିଗ୍ରାହୀଙ୍କ ଦେହାନ୍ତରେ ବେତନଟୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମହାରାଷ୍ଟ୍ରର ଥାନେ ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ନେଇ ପରିବାରବର୍ଗ ସୂଚନା ଦେଇଛନ୍ତି।

ଚମ୍ପାଝର ଆଶ୍ରମ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ଠାକୁରମୁଣ୍ଡା, (ସବ୍ୟୁ): ।କୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଆଶ୍ରମ ବିଦ୍ୟାଳୟ ପରିସରରେ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ମୁଖ୍ୟ ବକ୍ତା ଭାବେ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ,ରାକେଶ ରଞ୍ଜନ ଦାସ।ସମ୍ମାନିତ ଅତିଥି ଭାବେ ଚମ୍ପାଝର ସରପଞ୍ଚ ବିକ୍ରମ ପିଂଗୁଆ, ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏବଂ ଅବସର ନେଇଥିବା ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତ, ସନୁ ଚନ୍ଦ୍ର ମହାନ୍ତ, ରତିକାନ୍ତ ବେଣ୍ଟକାର, ପଦ୍ମଲୋଚନ ମହାନ୍ତ, ଜଗତାନନ୍ଦ ମୁଦୁଲି, ତ୍ରିଲୋଚନ ମହାନ୍ତ ଓ ଦୁଷ୍ମନ୍ତ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ସଭାରେ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଦ୍ଦିକ କୁମାର ପଣ୍ଡା।

ବିଜେଡି ଛାତ୍ର ନେତା ସଞ୍ଜୀବ ମଲ୍ଲିକଙ୍କ ଅକାଳ ବିୟୋଗ

ଧାମନଗରର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ଉଦୀୟମାନ ଯୁବକ,ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପ୍ରାକ୍ତନ ସମ୍ପାଦକ ସଞ୍ଜିବ କୁମାର ମଲ୍ଲିକ(ବାପୁ)ଙ୍କର ଅକାଳ ବିୟୋଗ ଘଟିଛି। ଦୁଇ ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ସାଢ଼େ୧୦ଟାରେ ମୃତ୍ୟୁବରଣ କରିଛନ୍ତି। ତେବେ ଏତେ କମ୍ ବୟସରେ ତାଙ୍କର ଏଭଳି ଅକାଳ ବିୟୋଗ କେବଳ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପାଇଁ ନୁହେଁ,ବରଂ ସମଗ୍ର ଧାମନଗର ଅଂଚଳ ପାଇଁ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୋମବାର ସକାଳେ ତାଙ୍କ ମରଶରୀର ଧାମନଗର ବଜାରରେ ପହଂଚିବା ପରେ ଏକ ବାଇକ ଶୋଭାଯାତ୍ରାରେ ଜନ୍ମମାଟି ଶାମପୁରକୁ ନିଆଯାଇଥିଲା। ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଡାକ୍ତର ସଞ୍ଜୟ କୁମାର ଦାସ, ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ,ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ,ଭାରତ ବିଜୟ ଦଳେଇ,ପ୍ରକାଶ ବେହେରା, ବିଜୟ କେତନ ସାହୁ,ଉମେଶ ମହାନ୍ତି, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ, ଏମଡି ଫକିରୁଦିନ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି,ବିଜୟ ରାମ, ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ମନୋଜ ମଲ୍ଲିକ, କଂଗ୍ରେସ ନଗର ସଭାପତି ପ୍ରମୋଦ କୁମାର ସ୍ୱାଇଁ, କଂଗ୍ରେସ ନେତା ପ୍ରସନ୍ନ କୁମାର ଧଳ, ମାନସ ମହାପାତ୍ର, ଡାକ୍ତର ଶ୍ରୀମାଧବ ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶୁଭେଚ୍ଛୁ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ବାପୁଙ୍କ ମରଶରୀରକୁ ଯାଜପୁର ସ୍ଥିତ ଦଶାଶ୍ୱମେଧ ଶ୍ମଶାନ ଘାଟ ଠାରେ ସତ୍କାର କରାଯାଇଥିବା ବେଳେ ସାନ ଭାଇ ରଞ୍ଜିତ କୁମାର ମଲ୍ଲିକ ମୁଖାଗ୍ନି ଦେଇଥିଲେ।

ଚାନ୍ଦବାଲିରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ଭଦ୍ରକ, (ସବ୍ୟୁ):ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ସୋମବାରଦିନ ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୭୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫୨ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା। ୨୬ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ରାଶି ବାବଦରେ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୮ଜଣଙ୍କୁ ଟ୍ରାଇସାଇକେଲ ଓ ୪ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ,ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

କିମ୍ବଦନ୍ତୀ କ୍ରିକେଟ ପ୍ରଶିକ୍ଷକ କିଶୋର ମାଣିଆଙ୍କୁ ଭବ୍ୟ ସମ୍ବର୍ଦ୍ଧନା



କରଞ୍ଜିଆ,(ସବ୍ୟୁ): ଓଡ଼ିଶା କ୍ରିକେଟ ଜଗତର ଜଣେ ସୁପରିଚିତ ତଥା କିମ୍ବଦନ୍ତୀ ପ୍ରଶିକ୍ଷକ କିଶୋର ମାଣିଆ କରଞ୍ଜିଆ ଗସ୍ତରେ ଆସିଥିବା ଅବସରରେ କରଞ୍ଜିଆ ଆଥଲେଟିକ ଆସୋସିଏସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ଏହି ଅବସରରେ କ୍ରୀଡ଼ା ଜଗତ ସହ ଜଡ଼ିତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶ୍ରୀ ମାଣିଆଙ୍କୁ ସ୍ୱାଗତ ଜଣାଇଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଗୌରୀଶଙ୍କର ସିହ୍ନା, ସନ୍ତୋଷ ଦାସ, ବିନ୍ଦୁସାର ଦାସ, ସୌମ୍ୟ ଭୂଜବଳ, ଜୟନ୍ତ କୁମାର ମହାନ୍ତ ଓ ଅଭିଜିତ ଘଣା ଅନ୍ୟତମ ଥିଲେ।ଓଡ଼ିଶାର କ୍ରିକେଟ କ୍ଷେତ୍ରରେ ଶ୍ରୀ ମାଣିଆଙ୍କ ଅବଦାନ ଓ ଅନୁଭବ ଅତୁଳନୀୟ। ତାଙ୍କ ପରି ଜଣେ ଅଭିଜ୍ଞ ଓ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଆଗମନ କରଞ୍ଜିଆର କ୍ରୀଡ଼ାପ୍ରେମୀ ତଥା ଯୁବ କ୍ରୀଡ଼ାବିତ୍ଙ୍କ ପାଇଁ ଏକ ଆନନ୍ଦ ଓ ଗୌରବର ବିଷୟ ଥିଲା। କରଞ୍ଜିଆ ମାଟିରେ ପହଞ୍ଚି ଏଭଳି ଆତ୍ମୀୟତା ଓ ସ୍ନେହଶ୍ରଦ୍ଧା ପାଇ ସେ ନିଜକୁ ସୌଭାଗ୍ୟବାନ ମନେ କରିଥିବା ପ୍ରକାଶ କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମ ଓ ସ୍ୱାଗତ ସମ୍ବର୍ଦ୍ଧନାରେ ଜୟନ୍ତ କୁମାର ମହାନ୍ତ ସକ୍ରିୟ ଭାବେ ଉପସ୍ଥିତ ରହି ଶ୍ରୀ ମାଣିଆଙ୍କୁ ହୃଦୟର ସହ ସ୍ୱାଗତ ଜଣାଇବା ସହ ତାଙ୍କର ଉପସ୍ଥିତି ଓ ମୂଲ୍ୟବାନ ସମୟ ପାଇଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ସାକ୍ଷାତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରଞ୍ଜିଆର କ୍ରୀଡ଼ା ମହଲରେ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ।

ଭୁଜାଲିରେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ : ଅଭିଯୁକ୍ତକୁ କୋର୍ଟ ଚାଲାଣ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ଯୁଗୁପୁରା – ବୈଶିଙ୍ଗା ରାସ୍ତା ଉପରେ ଗତ ଅକ୍ଟୋବର ମାସ ୧୯ ତାରିଖ ସୋମବାର ସନ୍ଧ୍ୟା ସମୟରେ ଜନୈକ ଯୁବକଙ୍କୁ କିଛି ଦୁର୍ବୃତ୍ତ ଘେରିଯାଇ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ । ଏହି ଘଟଣାକୁ ନେଇ ୫୬୩/୨୬ ନମ୍ବର ମାମଲା ମୂଳେ ଆଜି ସୋମବାର ଜଣେ ଆକ୍ରମଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ । ଅଭିଯୁକ୍ତ ଜଣକ ହେଲା ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳିଆ ଗ୍ରାମର ବିକାଶ ବେହେରା ଓରଫ ପିଣ୍ଟୁ । ପ୍ରାପ୍ତ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଢାବାରେ ଖାଉଥିବା ସମୟରେ କେତେକ ଯୁବକଙ୍କ ସହ ବୈଶିଙ୍ଗା ଥାନା ଅଧୀନ ସନ୍ତରା ଗ୍ରାମର ଅମିତ କୁମାର ସାହୁ(୩୫)ଙ୍କର ଝଗଡ଼ା ହୋଇଥିଲା। ସୋମବାର ସନ୍ଧ୍ୟାରେ ନିଜ ସ୍କୁଟିରେ ଯୁଗପୁରାରୁ ବୈଶିଙ୍ଗା ଅଭିମୁଖେ ଅମିତ ଯାଉଥିବା ବେଳେ ଏକାଧିକ ବାଇକ୍ରେ କେତେକ ଯୁବକ ତାଙ୍କୁ ରାସ୍ତା ମଝିରେ ଅଟକାଇ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ଆକ୍ରମଣରେ ଅମିତଙ୍କ ମୁଣ୍ଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା । ସେ ଦୀର୍ଘ ଦିନ ଧରି ଡ଼ାକ୍ତରଖାନାରେ ଚିକିତ୍ସିତ ଥିଲେ । ଏହି ଘଟଣାରେ ବୈଶିଙ୍ଗା ପୁଲିସ ତଦନ୍ତ ଚଳାଇଥିବା ବେଳେ ସୋମବାର ଆକ୍ରମଣକାରୀ ବିକାଶକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

ପରିବହନ ବିଭାଗ ପୋଲିସର ମିଳିତ ଚଢ଼ାଉ

ନୀଳଗିରି,(ସବ୍ୟୁ):ରବିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ନୀଳଗିରି ସହରସ୍ଥ ପାନବରଜ ନିକଟରେ ଜିଲ୍ଲା ପରିବହନ ବିଭାଗ ଓ ନୀଳଗିରି ପୋଲିସର ମିଳିତ ଚଢ଼ାଉ କରାଯାଇ ବାଇକ ଚାଳକଙ୍କ ଠାରୁ ୮୯ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡିଛି। ବାଇକ୍ ଚାଳକଙ୍କ ହେଲମେଟ୍ ,ଲାଇସେନ୍ସ ଏବଂ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଏହି ଚେକିଙ୍ଗ୍ ରେ ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗର ଅଧିକାରିଣୀ ସାବିତ୍ରୀ ହେମ୍ବ୍ରମ୍, ନୀଳଗିରି ଥାନା ଏସ୍ ଆଇ ବିଶ୍ୱଜିତ ସାହୁ , କନେଷ୍ଟବଳ ଧନେଶ୍ୱର କିସ୍କୁ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

କାର୍ତ୍ତିକ ସୋମବାର : ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ଆରଡି,(ସବ୍ୟୁ): କାର୍ତ୍ତିକମାସ ସୋମବାରରେ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଓ ପୂଜାଲାଗି ପାଇଁ ହଜାରହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା ପୀଠରେ। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ ଜିଲା ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ସହ ମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପଟେ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ନିମନ୍ତେ ଭୋର ୫ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି,ମହାସ୍ନାନ,ଘର୍ଷଣ ଲାଗି,ଜଳାଭିଷେକ ସମ୍ପନ୍ନ ହେବା ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟଭୋଗ ଲାଗି କରାଯାଇ ଭକ୍ତଙ୍କ ଧାଡ଼ି ଦର୍ଶନ ପାଇଁ ସାହାଣମେଳା କରାଯାଇଥିଲା। ସକାଳ ୫ଟାରୁ ଅଗଣିତ ଶ୍ରଦ୍ଧାଳୁ ଭକ୍ତମାନେ ଧାଡ଼ିରେ ଯାଇ ବାବାଙ୍କୁ ଦର୍ଶନ କରିବା ସହ ପୂଜା ଲାଗି କରିଥିଲେ। ସକାଳ ୯ଟା ପହଡଖିଆ ଅନ୍ନନୀତି,ଦିବା ୧ଟାରେ ଯୋଗୀ ବେଶ ସହ ବଡ଼ ଅନ୍ନନୀତି ଭୋଗ ଲାଗି କରାଯାଇ ୧ଘଣ୍ଟା ଅବକାଶ (ଶୟନ)ନୀତି କରାଯାଇଥିଲା। ପରେ ଅପରାହ୍ନ ୪ଟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ସଂଧ୍ୟାରେ ଷୋଡ଼ଶ ଉପଚାର ପୂଜାରେ ସନ୍ଧ୍ୟା ଆଳତୀ ସମ୍ପନ୍ନ ହୋଇଥିଲା।

ଟ୍ରକ୍ ଧକ୍କାରେ ଭାଇ-ଭଉଣୀ ଗୁରୁତର

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବଙ୍ଗଳାଛକ ଠାରେ ଏକ ଟ୍ରକ ଧକ୍କାରେ ଭାଇ, ଭଉଣୀ ଗୁରୁତର ଆହତ ହେବା ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ। ଏତଲାକାରୀ ବାରିପଦା ଦେବେନ୍ଦ୍ରପୁର ୱାର୍ଡନଂ ୨୭ ଅଞ୍ଚଳର ସ୍ୱର୍ଗତ କୈଳାଶଚନ୍ଦ୍ର ପରିଡାଙ୍କ ପୁଅ ଅଜୟ କୁମାର ପରିଡାଙ୍କ ଅଭିଯୋଗ ମୁତାବକ ତାଙ୍କର ସାନଭାଇ ପ୍ରମୋଦ ପରିଡା ଓ ବଡଭଉଣୀ ଓଡି-୧୧ଜେଡ-୮୯୨୨ ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ବାରିପଦା ଅଭିମୁଖେ ଯାଉଥିବା ସମୟରେ ବଙ୍ଗଳାଛକ ଠାରେ ୟୁପି – ୭୮-ଡିଟି-୦୭୧୨ ନମ୍ବର ବିଶିଷ୍ଟ ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଭାଇ ଭଉଣୀ ଗୁରୁତର ଆହତ ହୋଇଥିବା ବେଳେ ସାନଭାଇ ପ୍ରମୋଦ ଚିକିତ୍ସାଧୀନ ଆବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏନେଇ ଅଜୟ ପରିଡାଙ୍କ ଏତଲାକ୍ରମେ ବେତନଟୀ ପୁଲିସ ୪୨୪ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର, (ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।ଏହି ଶିବିରରେ ମୋଟ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା। ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କୁହାଯାଇଥିଲା।ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ୍ର୍ର1 କୁମାର ନାଗଭୂଷଣ, ସିଡିଏମଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।ଆସନ୍ତା୯ ତାରିଖରେ ହାଟଡିହି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୬ରେ ବାଂଶ ପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ,୨୩ରେ ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୩୦ରେ ଘଟଗାଁପଞ୍ଚାୟତ ସମିତି କାର୍ଯ୍ୟାଳୟର ଜନଶୁଣାଣି ଅନୁଷ୍ଠିତ ହେବା।ଜନସାଧାରଣ ନିଜ ନିଜ ଅଞ୍ଚଳରେ ଆୟୋଜିତ ହେବାକୁ ଥିବା ଏହି ଶିବିରଗୁଡ଼ ଯୋଗଦେଇ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।


ଜାତୀୟ ଏକତା ଦିବସ ଶପଥ ପାଠ

ଭଦ୍ରକ,(ସବ୍ୟୁ):ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଜାତୀୟ ଏକତା ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଶପଥ ପାଠ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ (ରାଜସ୍ୱ),ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ସରୋଜ କୁମାର ଦତ୍ତ ଓ ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ନେଇଥିଲେ।

ନାବାଳିକା ନିଖୋଜ : ଅପହରଣ ମାମଲା ରୁଜୁ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଅଞ୍ଚଳର ଜଣେ ନାବାଳିକା (୧୬)ଘରପାଖ ପଡୋଶୀ ଘରକୁ ଯାଉଛନ୍ତି କହି ଆଉ ଘରକୁ ଫେରନଥିବା ବେଳେ ଘରଲୋକଙ୍କ ଏତଲାକ୍ରମେ ଅପହରଣ ଜନିତ ୪୨୫/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ପୁଲିସ। ଏତଲାକାରୀ ୧୬ ବର୍ଷୀୟା ନାବାଳିକାଙ୍କ ବାପାଙ୍କ ଅଭିଯୋଗ ମୁତାବକ ଗତମାସ ୩୧ତାରିଖ ଅପରାହ୍ନ ଅଢେଇଟା ପାଖାପାଖି ସମୟରେ ତାଙ୍କର ଝିଅ ଘରପାଖ ପଡୋଶୀଙ୍କ ଘରକୁ ଯାଉଛନ୍ତି କହି ଘରୁ ବାହାରି ଆସିଥିବା ବେଳେ ଦୀର୍ଘ ସମୟ ଧରି ଘରକୁ ଫେରିନଥିଲେ। ନାବାଳିକାଙ୍କର ଘରକୁ ଫେରିବାରେ ଅଧିକ ବିଳମ୍ବ ହେବାରୁ ଘରଲୋକେ ବ୍ୟସ୍ତବିବ୍ରତ ହୋଇ ପାଖ ପଡୋଶୀ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ତେବେ ନାବାଳିକାଙ୍କର କୌଣସି ସନ୍ଧାନ ନମିଳିବାରୁ ଶେଷରେ ନିରାଶହୋଇ ଘରଲୋକେ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ବେତନଟୀ ପୁଲିସ ତଦନ୍ତ ଆରମ୍ଭ କରିଛି।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କୁଳିଅଣା ,(ସବ୍ୟୁ):ସ୍ଥାନୀୟ ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି – ୨୦୨୬ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱ କରିଥିଲେ। ଉକ୍ତ ସଭାର ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ , ମୁଖ୍ୟବକ୍ତା ଭାବେ କୁଳିଅଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୀତେନ୍ଦ୍ର ମୁର୍ମୁ, ବରିଷ୍ଠ ନେତା ସୁଗଦା ମୁର୍ମୁ , ଏ. ବି ଇ. ଓ ସରସତୀ ସିଂ, ଗୌରମଣୀ ସେଠୀ ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ କରିଥିଲେ । କଳା, ସାହିତ୍ୟ, ସୃଜନଶୀଳତା ର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ, ହସ୍ତାକ୍ଷର, ଶିଳ୍ପକଳା, ବକ୍ତୃତା ଓ ଦଳଗତ ସାଂସ୍କୃତିକ ନୃତ୍ୟ ଆଦି ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଶେଷରେ ମୁଖ୍ୟ ଅତିଥି ଏଥିରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ୩୦ ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ ।ଶେଷରେ ବରିଷ୍ଠ ଶିକ୍ଷକ ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ମଦ ଜବତ : ୩ ଗିରଫ

ଖଇରା,(ସବ୍ୟୁ) :ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଚନ୍ଦ୍ରପଡ଼ା ଓ ଝାଟିଆମାଳ ଗ୍ରାମରେ ଚଢ଼ାଉ କରାଯାଇ ୧୨୫ ଲିଟର ଦେଶୀ ମଦ ଜବତ କରିବା ସହିତ ଚନ୍ଦ୍ରପଡ଼ା ଗ୍ରାମର ଗଙ୍ଗା ମୁର୍ମୁ, ସୋମବାରୀ ସୋରେନ ଓ ଝାଟିଆମାଳ ଗ୍ରାମର ସସ୍ମିତା ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛ । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି ।

ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ



ବାଲେଶ୍ୱର,(ସବ୍ୟୁ):ପ୍ରାଚୀନ ଭାରତର ବୈଜ୍ଞାନିକ ଜ୍ଞାନ ଓ ଏହାର ଆଧୁନିକ ଗବେଷଣା କ୍ଷେତ୍ରରେ ଉପଯୋଗିତାକୁ ଗୁରୁତ୍ୱ ଦେଇ ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ 'ଭାରତୀୟ ଜ୍ଞାନ ପରମ୍ପରାରେ ଜ୍ୟୋତିର୍ବିଜ୍ଞାନ' ଶୀର୍ଷକ ଏକ ସପ୍ତାହବ୍ୟାପୀ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି ୫ ଦିନିଆ କାର୍ଯ୍ୟକ୍ରମ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍ଘାଟନୀ ଅଧିବେଶନରେ କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହାର ଉଦ୍ଦେଶ୍ୟ ଓ ଶିକ୍ଷାଗତ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍ଘାଟନୀ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଭାରତର ସମୃଦ୍ଧ ଜ୍ୟୋତିର୍ବିଜ୍ଞାନ ପରମ୍ପରା ଆମର ବୈଜ୍ଞାନିକ ଚିନ୍ତାଧାରା, ଗାଣିତିକ ଦକ୍ଷତା ଓ ବୌଦ୍ଧିକ ଅବଦାନର ପରିଚୟ ବହନ କରେ। ଜ୍ୟୋତିଷ ଶାସ୍ତ୍ରର ଐତିହାସିକ ଓ ତାତ୍ତ୍ୱିକ ଦିଗ ସହ ଜ୍ୟୋତିର୍ବିଜ୍ଞାନର ସମ୍ପର୍କ ଉପରେ ଗଭୀର ଅଧ୍ୟୟନ ଓ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ସ୍ୱଦେଶୀ ଜ୍ଞାନ ପରମ୍ପରାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଧ୍ୟୟନ କରିବା ସହ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁରୂପ ଏହାକୁ ଉଚ୍ଚଶିକ୍ଷାର ମୁଖ୍ୟଧାରାରେ ସାମିଲ କରିବାକୁ ସେ ଅଂଶଗ୍ରହଣକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଶିଷ୍ଟ ବକ୍ତା ଡ଼କ୍ଟର ରଜତ କୁମାର ପ୍ରଧାନ, ଭାରତର ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ପ୍ରାଚୀନ ଭାରତୀୟ ବିଦ୍ୱାନମାନଙ୍କ ବୈଜ୍ଞାନିକ ସଫଳତା ଉପରେ ଆଲୋକପାତ କରିଥିଲେ। ସେହିପରି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠର ନୋଡାଲ ଅଧିକାରୀ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା , ଭାରତର ପାରମ୍ପରିକ ଜ୍ଞାନକୁ ବ୍ୟବସ୍ଥିତ ଭାବେ ଅଧ୍ୟୟନ ଓ ଗବେଷଣା କରିବା ସହ ଆଧୁନିକ ବୈଜ୍ଞାନିକ ଉପଲବ୍ଧି ସହ ଏହାର ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ କୁମାର ନାୟକ ଅଧିବେଶନର ସଂଯୋଜନା କରିଥିବା ବେଳେ ସହ-ସଂଯୋଜକ ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜଣ ଅଧ୍ୟାପକ-ଅଧ୍ୟାପିକା ଓ ଗବେଷକ ଅଂଶଗ୍ରହଣ କରିଛନ୍ତି।

ମିଳୁନି ବିଶୁଦ୍ଧ ପାନୀୟ ଜଳ : ଚୁଆ ପାଣି ଭରସା

କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଏକ କଳକାରଖାନା ଓ ଖଣିଖଦାନ ଦ୍ୱାରା ସମୃଦ୍ଧ ଜିଲ୍ଲା ହୋଇଥିବା ବେଳେ ଏଠାରୁ ଆଦାୟ ହେଉଥିବା ହଜାର ହଜାର କୋଟି ଟଙ୍କାର ଖଣି ରାଜସ୍ୱରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିୟ ସୁଦୃଢ଼ ହେଉଛି। ମାତ୍ର ଦୁର୍ଭାଗ୍ୟର ବିଷୟ, ଯେଉଁ ମାଟିରୁ ଏତେ ରାଜସ୍ୱ ଆସୁଛି, ସେହି ଜିଲ୍ଲାର ହଜାର ହଜାର ଅଧିବାସୀ ଏବେବି ବିଶୁଦ୍ଧ ପାନୀୟ ଜଳ- ପାଳବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାର ଅନେକ ଅଞ୍ଚଳରେ ଲୋକମାନେ ଏବେ ମଧ ନିକଟସ୍ଥ ନଦୀ, ଚୁଆ, କୂଅ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଜଳ ଉତ୍ସରୁ ପାଣି ସଂଗ୍ରହ କରି ନିଜର ନିତ୍ୟ ଆବଶ୍ୟକତା ମେଣ୍ଟାଉଛନ୍ତି ।

ଜିଲ୍ଲାରେ ଖଣିଜ ପାଣି ଏବଂ 'ଓମାଡ଼ି' ଜଳ ସଂସ୍ଥା ମାଧ୍ୟମରେ କୋଟି କୋଟି ଟଙ୍କା ଖଣି ଅଞ୍ଚଳର ଉନ୍ନୟନ ପାଇଁ ଆସୁଥିଲେ ମଧ ଜନସାଧାରଣ ପାନୀୟ ଜଳ ପାଇଁ ପାଉଥିବା ଦୁର୍ଦ୍ଦଶା ଦିନକୁ ଦିନ ବୃଦ୍ଧି ପାଉଛି। ପୂର୍ବ ସରକାରଙ୍କ ସମୟରେ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇ ବୃହତ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାମ ଆରମ୍ଭ ହୋଇଥିଲା। ମାତ୍ର ସରକାର ବଦଳିବା ସହ ସମୟ ଗଡ଼ି ଚାଲିଥିଲେ ହେଁ ପ୍ରକଳ୍ପଗୁଡ଼ିକର କାମ ସରିବାର ନାଁ ଧରୁନାହିଁ। ନିର୍ଦ୍ଧାରିତ ଅବଧି ପୂର୍ଣ୍ଣ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଅନେକ ଗ୍ରାମର ଲୋକେ ଏପର୍ଯ୍ୟନ୍ତ ପାନୀୟ ଜଳ ପାଇପାରି ନାହାନ୍ତି। କେତେକ ସ୍ଥାନରେ ପାଇପ ଓ ଟ୍ୟାପ ଖୁଣ୍ଟି ପୋତାଯାଇଥିଲେ ମଧ ବର୍ଷ ବର୍ଷ ଧରି ପାଣି ଆସୁ ନ ଥିବାରୁ ଲୋକେ ନିରାଶ ହୋଇପଡ଼ିଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଏହି ମେଗା ପ୍ରକଳ୍ପଗୁଡ଼ିକର ଚିତ୍ର ଅତ୍ୟନ୍ତ ଚିନ୍ତାଜନକ ରହିଛି। ଜୋଡ଼ା ଓ ଝୁମ୍ପୁରା ବ୍ଲକର ୨୨୫ଟି ଗାଁ ପାଇଁ ୧୯୪.୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ, ୧୯୫.୫୭ କୋଟି ଟଙ୍କା ସତ୍ତ୍ୱେ ଏବେବି କାମଟି ଗାଁ ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର ଓ ବାଂଶପାଳ ବ୍ଲକର ମୋଟ' ୫୮୯ଟି ଗାଁ ପାଇଁ ୧୧୧୨.୧୮ କୋଟି ଟଙ୍କାର ପ୍ରକଳ୍ପ ହୋଇଥିଲେ ହେଁ, ଏବେସୁଦ୍ଧା ୧୬୫ଟି ଗାଁକୁ ପାଣି ମିଳିପାରି ନାହିଁ। ତେଲକୋଇ, ପାଟଣା, ହରିଚନ୍ଦନପୁର, ଘଟଗାଁ ଏବଂ ପାଲହଡ଼ା ଅଞ୍ଚଳର ୯୧୮ଟି ଗାଁ ପାଇଁ ୪୩୧.୯୨ କୋଟି ଟଙ୍କା ଅକଳନ ହୋଇଥିବା ବେଳେ ଏବେବି ୮୦୮ଟି ଗାଁର ହଜାର ହଜାର ପରିବାର ପାଇପ ଜଳ ପାଇପାରି ନାହାନ୍ତି। ଏହାବ୍ୟତୀତ ହାଟଡ଼ିହି, ସାହାରପଡ଼ା, ଘସିପୁରା ଓ ଆନନ୍ଦପୁର ବ୍ଲକରେ ଡି.ଏମ.ଏଫ. ଓ ଓମାଡ଼ି ପାଣିରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ବୃହତ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ମଧ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି । କରୋନା ପୂର୍ବରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକର କାମ କାହିଁକି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ, ତାହାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ଡିସେମ୍ବର ମାସ ସୁଦ୍ଧା ସମସ୍ତ କାମ ଶେଷ ହେବ ଏବଂ ପ୍ରତି ଘରକୁ ପାଇପ୍ରେ ପାଣି ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଉଥିଲେ ମଧ ଏଭଳି ପ୍ରତିଶ୍ରୁତି ଶୁଣି ଶୁଣି ଲୋକେ ଏବେ ଅତିଷ୍ଠ ହେଲେଣି। ପ୍ରକଳ୍ପଗୁଡ଼ିକର ଏପରି ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଯଦି ପ୍ରଶାସନ ଏ ବିଷୟରେ ଶୀଘ୍ର କ୍ରିୟାଶୀଳ ହୋଇ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ନ କରେ, ତେବେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହାର କୁପ୍ରଭାବ ପଡ଼ିବ ବୋଲି ଜନସାଧାରଣ ଦୃଢ଼ ମତବ୍ୟକ୍ତ କରିଛନ୍ତି ।

ସମଲ ବ୍ୟାରେଜ ୬ ଗ୍ରାମର ୧୦୭୭ ପରିବାରଙ୍କୁ ୭୯.୭୬ କୋଟିର ପୁନର୍ବାସ ସହାୟତା

କଣିହାଁ,(ସବ୍ୟୁ) : ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । ସମଲ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଅନୁଗୁଳ ଜିଲ୍ଲାର ୬ଟି ଗ୍ରାମର ୧୦୭୭ ପରିବାରଙ୍କ ପାଇଁ ରାଜ୍ୟ ସରକାର ୭୯ କୋଟି ୭୬ ଲକ୍ଷ ୩ ହଜାର ୪୨୩ ଟଙ୍କାର ପୁନର୍ବାସ ଓ ଥଇଥାନ ସହାୟତା ମଞ୍ଜୁର କରିଛନ୍ତି । ଜଳସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୩୧ ତାରିଖରେ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ମଞ୍ଜୁରୀ ଅନୁଯାୟୀ, ନାଲମ ଗ୍ରାମର ୨୮୧, ତାଳପଦାର ୨୮୦, ଦୁର୍ଗାପୁରର ୧୯୬, ଗହମର ୧୩୭, କୁସୁମପାଳର ୧୧୧ ଏବଂ ସିପୁର ଗ୍ରାମର ୭୨ ଜଣ ହିତାଧିକାରୀ ଏହି ସହାୟତା ପାଇବେ । ହିତାଧିକାରୀଙ୍କ ଦାବି ଓ କାଗଜପତ୍ର ଯାଞ୍ଚ ସହ ଗ୍ରାମସ୍ତରରେ ତାଲିକା ପ୍ରକାଶ କରାଯିବ । ଆପତ୍ତି ଓ ଅଭିଯୋଗର ସମାଧାନ ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯିବ । ଏହି ଦୀର୍ଘଦିନର ସମସ୍ୟାର ସମାଧାନ ପାଇଁ ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ବିଧାନସଭା ସମେତ ବିଭିନ୍ନ ସରକାରୀ ସ୍ତରରେ ନିରନ୍ତର ଦାବି ଉପସ୍ଥାପନ କରିଆସୁଥିଲେ । ଅନ୍ୟପକ୍ଷରେ, ନଦୀକୂଳବର୍ତ୍ତୀ ଓ ବୁଡ଼ି ଅଞ୍ଚଳର ପ୍ରଜାମାନଙ୍କ ନାର୍ଯ୍ୟ ଅଧିକାର ଓ ପୁନର୍ବାସ ସହାୟତା ପାଇଁ ବିଜେଡି ର ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ମଧ୍ୟ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିବା ସହ ସଂଘର୍ଷ ଜାରି ରଖିଥିଲେ । ଏହି ମଞ୍ଜୁରୀ ପରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜଣାଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଦୀର୍ଘବର୍ଷ ଧରି ପୁନର୍ବାସ ସହାୟତା ଅପେକ୍ଷାରେ ଥିବା ପରିବାରଗୁଡ଼ିକ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି ।

କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅର୍ଥ ହରିଲୁଟ୍ !

ପରଜଙ୍ଗ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକକୁ ସ୍ୱଚ୍ଛ ଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ଅନୁଦାନ ଜିଲ୍ଲା ସ୍ତରରୁ ଏବଂ ପଞ୍ଚାୟତ ଡେଭଲପମେଣ୍ଟ ଫଣ୍ଡରୁ ଆର୍ଥିକ ସହାୟତା ବ୍ଲକ ଡେଭଲପମେଣ୍ଟ ଫଣ୍ଡକୁ ଏବଂ ବ୍ଲକ ପଞ୍ଚାୟତ ଗୁଡ଼ିର ସ୍ଥିତି ନେଇ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଯୋଗାଇ ଦିଆଯାଉଥିବା ବେଳେ ପଞ୍ଚାୟତକୁ ଡେଭଲପମେଣ୍ଟ ଯୋଗାଇ ଦେଉଛନ୍ତି ।ଏହି ଅନୁଦାନ ଅର୍ଥରେ ପରିମଳ ଓ ପାଣି ସମସ୍ୟା ଶତକଡା ୫୦% ଭାଗ କରି ପାରିବାକୁ ନିର୍ଦ୍ଦେଶ ଥିବା ବେଳେ ଶତକଡା ୫୦ ଭାଗ ଅର୍ଥ ପଞ୍ଚାୟତର ସରପଞ୍ଚମାନେ ଇଚ୍ଛା ମୁତାବକ କରିବାରେ ବ୍ୟବସ୍ଥା ରହିଛି । ଏହି ସ୍ୱଚ୍ଛ ଭାରତ ଅନୁଦାନର ଶତକଡା ୭୦ ଭାଗ କେନ୍ଦ୍ର ସରକାର ଓ ଶତକଡା ୩ ଭାଗ ରାଜ୍ୟସରକାର ଯୋଗାଇ ଦେଉଛନ୍ତି । ପଞ୍ଚାୟତ ବିଭିନ୍ନ ଗ୍ରାମରେ ଥିବା ଡ୍ରେନ୍ ସଫେଇ, ଅଳିଆ ଆବର୍ଜନା ସଫେଇ, ଇତ୍ୟାଦି ପଞ୍ଚାୟତର ୧ହଜାର ଜଣ



ଲୋକରେ ୨ ଜଣ ସଫେଇ ମିତ୍ର କଣ୍ଟ୍ରାକ୍ଟୁଆଲ ଭାବେ ସ୍ୱୟଂସହାୟକ ଗୋଷ୍ଠି ଜରିଆରେ ନିଶାମୁକ୍ତ ପାଇଁ କଠିନ ବର୍ଜ୍ୟବସ୍ତୁକୁ ନେଇ ନିର୍ମାଣ କରାଯାଇଥିବା ଆବର୍ଜନା ଷ୍ଟାକିଙ୍ଗ ଗୃହ ମଧ୍ୟରେ ପକାଇବାର ନିୟମ ରହିଛି । ସେମାନେ ମାସିକ ୬ ହଜାର ଟଙ୍କା ଲେଖାଏଁ ପାରିଶ୍ରମିକ ପାଇବାର ବ୍ୟବସ୍ଥା ରହିଛି । ଏହି ୨ୟ ପର୍ଯ୍ୟାୟରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ ପରଜଙ୍ଗ ପଞ୍ଚାୟତରେ କିଛି କିଛି ଦେଖିବାକୁ ମିଳୁଥିବା ବେଳେ ବ୍ଲକର ଅନ୍ୟ ପଞ୍ଚାୟତ ଗୁଡ଼ିକରେ ଏହି ସ୍ୱଚ୍ଛ ଭାରତ ମିଶନ ଦେଖିବାକୁ ମିଳେନାହିଁ । ପଞ୍ଚାୟତ ମଞ୍ଜୁରୀ ଅର୍ଥର ୫୦ ଭାଗ ଅର୍ଥ ପରିମଳ ଓ ପାଣି ସମସ୍ୟା ଉପରେ ମଧ୍ୟ ସଠିକ୍ ଭାବେ ହେଉ ନାହିଁ । ପରଜଙ୍ଗ ବ୍ଲକର ୨୯ ଗୋଟି ପଞ୍ଚାୟତକୁ ଆସୁଥିବା ଅର୍ଥ ବାଟ ମାରଣା କରି ହରିଲୁଟ କରାଯାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ପରଜଙ୍ଗ ପଞ୍ଚାୟତର ପରଜଙ୍ଗ ବଜାରରେ ଏବଂ ଡିହଡୋଳ ଗ୍ରାମରେ ଗୋଟିଏ ଗୋଟିଏ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ଉକ୍ତ ଘର ଗୁଡ଼ିକରେ ତାଲା ଝୁଲୁଛି । କଠିନ ବର୍ଯ୍ୟବସ୍ତୁ ଷ୍ଟକ କରି ରଖିବା ପାଇଁ ହୋଇଥିବା ଗୃହ ବାହାରେ ରାସ୍ତା ଉପରେ ଅଳିଆ ଆବର୍ଜନା ପଡି ରହିଛି । ବଜାର ଘାଟରେ ମଧ୍ୟ କୁଡ କୁଡ ଜରି ଛିଣ୍ଡା କାଗଜ, ପ୍ଲାଷ୍ଟିକ ବୋତଲ ମାନ ପଡ଼ିଥିବା ଦେଖିବାକୁ ମିଳୁଛି ।ଏଥିପ୍ରତି ଜିଲ୍ଲା ଓ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ସଠିକ୍ ଭାବେ ପରିଚାଳନା ହୋଇ ପାରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଲକ୍ଷ ପୁରଣ ହୋଇପାରିବ ବୋଲି ଆଲୋଚନା ହେଉଛି ।

ଶିଶୁ ଶ୍ରମମୁକ୍ତ ସଚେତନତା କାର୍ଯ୍ୟକ୍ରମ

ତାଳଚେର,(ସବ୍ୟୁ) : ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁଶ୍ରମ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦ ଗିରି ଶିଶୁଶ୍ରମ ମୁକ୍ତ ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ସଚେତନତା ରଥ ସହର ପରିକ୍ରମା କରିବା ସହ ୧୪ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ରୁ ୧୮ ବର୍ଷ କିଶୋରଙ୍କୁ ବିପଦସଙ୍କୁଳ ବୃତି ପ୍ରକ୍ରିୟାରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ ଅଟେ । ଏପରିକି ଏହାକୁ ଅବମାନନା କଲେ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଆଇନରେ ଦଣ୍ଡବିଧାନ ଅନୁସାରେ ୧୪ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଅପରାଧ, ୧୪ବର୍ଷରୁ ଉର୍ଦ୍ଧ୍ୱର୍ ଏବଂ ୧୮ ବର୍ଷ ବୟସ ପର୍ଯ୍ୟନ୍ତ କିଶୋର/କିଶୋରୀଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବା ନିଷେଧ, ଏଭଳି କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଯାଏଁ ଜରିମନା ସହିତ ଜେଲଦଣ୍ଡ, ଏପରି ଭୁଲର ପୁନରାବୃତି ହେଲେ ୩ବର୍ଷ ଯାଏଁ ଜେଲଦଣ୍ଡ ସହିତ ଜରିମନା ଦେବାକୁ ପ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଓ ସରକାରଙ୍କ ସୂତ୍ରରୁ ପ୍ରକାଶ । ଅପରପକ୍ଷେ ଶିଶୁ ଓ କିଶୋର/କିଶୋରୀ ଆମ ଦେଶର ସମ୍ପଦ, ଶିଶୁ ଶ୍ରମକୁ ପ୍ରୋତ୍ସାହନ ବା ସମର୍ଥନ କରନ୍ତୁ ନାହିଁ, ଶିଶୁ ମାନଙ୍କୁ ବିଦ୍ୟାଳୟ ପଠାଇ ଶିକ୍ଷାଧିକାର ସୁନିଶ୍ଚିତ କରାନ୍ତୁ, ଶିଶୁ ଅଧିକାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାନ୍ତୁ ଇତ୍ୟାଦି ଅନ୍ତର୍ଭୁକ୍ତ । ଶିଶୁ ଶ୍ରମିକ ନିୟୋଜିତ କରାଯାଇଥିବା କୌଣସି କାର୍ଯ୍ୟରେ ନଜରକୁ ଆସିଲେ ନିଃଶୁଳ୍କ ଶିଶୁ ସହାୟତା ହେଲ୍‌ଲାଇନ ୧୮୦୦-୩୪୫-୬୭୦୩ କିମ୍ବା ୧୦୯୮ କୁ ଯୋଗଯୋଗ କରିବାକୁ ମଧ୍ୟ ଓ ସରକାରଙ୍କ ପକ୍ଷରୁ ସୂଚିତ କରି ଦିଆଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ପୁରୁଷ, ମହିଳା ଓ ତାଳଚେର ମହାବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

ଡାକ ବିଭାଗର ଡାକ ଚୌପାଲ କାର୍ଯ୍ୟକ୍ରମ

କରଞ୍ଜିଆ, (ସବ୍ୟୁ) : ଭାରତୀୟ ଡାକ ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଡାକ ସେବା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ଡାକ ଡିଭିଜନ ପକ୍ଷରୁ ଡାକ ଚୌପାଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଡାକ ଅଧୀକ୍ଷକ ଗୌରାଙ୍ଗ ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କରଞ୍ଜିଆ ସବିଭିଜନ ଡାକ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ଦାଶ, କରଞ୍ଜିଆ ଡିଭିଜନ ପୋଷ୍ଟମାଷ୍ଟର ନନ୍ଦ କିଶୋର ନାଏକ, ରାଇରଙ୍ଗପୁର ଡାକ ସବିଭିଜନ ନିରୀକ୍ଷକ ତନ୍ମୟ କୁମାର ସାହୁ, ଯଶିପୁର ଏସ୍‌ପିଏମ ସତ୍ୟନାରାୟଣ ପାତ୍ର ଓ ଯୁବ ସାମ୍ବାଦିକ ଜିତେନ୍ଦ୍ର ରାଜ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଡାକ ବିଭାଗର ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ଅପର୍ଣ୍ଣା ମଲ୍ଲିକ, ସରୋଜିନୀ ମାଝୀ ଓ ଅନିତା ବେହେରା ବିସ୍ତୃତ ଭାବେ ବୁଝାଇଥିଲେ । ଏଥିରେ ଡାକ ଜୀବନ ବୀମା, ଆବର୍ତ୍ତି ଜମା (ଆର୍ଡି), ଫିକ୍ସଡ ଡିପୋଜିଟ,



ସଞ୍ଚୟ ଖାତା, ଆଧାର ସମ୍ବନ୍ଧୀୟ ସମସ୍ତ ସେବା, ସୁଭଦ୍ରା ଯୋଜନା ଓ ପାସପୋର୍ଟ ସେବା ଆଦି ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା ।ଏହି ଅବସରରେ ସାଂସ୍କୃତିକ ପରିବେଶକୁ ଆକର୍ଷଣୀୟ କରିବା ପାଇଁ ସୁଶ୍ରୀ ଜିଜ୍ଞାନ୍ସା ପାତ୍ର ଓଡ଼ିଶୀ ନୃତ୍ୟ ଏବଂ ସୁଶ୍ରୀ ଲିଜାରାଣୀ ପ୍ରଧାନ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ସୌରଭ ଘଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ଡାକ ଚୌପାଲ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ଡାକ ବିଭାଗର ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ ।

ଆଠମଲ୍ଲିକ ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଥାନା ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବରେ ଏସ ଡ଼ି ପି ଓ ସୁଶାନ୍ତ ତାଉଡିଆ, ଆଇ ଆଇ ସି ପି ସ୍ୱରୂପ କିଷାନ, ସବଇନିସପେକଟର ସୁଶ୍ରୀ ଆୟୁଷୀ ପ୍ରମୁଖ ଯୋଗ ଦେଇ ନିଶାମୁକ୍ତ ସମାଜ, ସାଇବର ଅପରାଧ, ବାଲ୍ୟ ବିବାହ ଓ ଶିଶୁ ଅଧିକାର ଆଇନ ଉପରେ ଆଲୋକପାତ କରିବା ସହିତ ବ୍ୟକ୍ତିଗତ ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ନଦେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀ ମାନେ ଯୋଗ ଦେଇଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶୋକ ସଭା

ଠାକୁରଗଡ଼,(ସବ୍ୟୁ) :କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତର କାର୍ଯ୍ୟରତ ପିଅନ ସୁବେଇ ଚରଣ ସାହୁ ରବିବାର ରାତି ରେ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ସେ କିଡ଼ିନି ରୋଗରେ ପୀଡିତ ଥିଲେ ।ସେ ୧୯୮୫ମସିହା ରୁ ୨୦୨୬ପର୍ଯ୍ୟନ୍ତ ପିଅନ ଭାବେ ପଞ୍ଚାୟତରେ ସେବା ଯୋଗେଇ ଆସୁଥିଲେ । ତାଙ୍କ ପରଲୋକ ରେ ହଣ୍ଡପା ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ବେଳେ ପଞ୍ଚାୟତ କାର୍ଯ୍ୟାଳୟ ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ପଞ୍ଚାୟତ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ଭଦ୍ରକ,(ସବ୍ୟୁ) : ଚିକିତ୍ସା ଅବହେଳାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ପିରାହାଟ ଥାନା ବିନ୍ଧାଛକର ନିରଞ୍ଜନ ମହାକୁଡ଼ ଗ୍ୟାଷ୍ଟିକ ସମସ୍ୟ ବଢିବାରୁ ପରିବାର ଲୋକେ ତାଙ୍କୁ ଆଣି ସୋମବାରସକାଳୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ଚିକିତ୍ସାରେ ଡାକ୍ତର ଓ ନର୍ସମାନଙ୍କ ଚରମ ଅବହେଳା ପାଇଁ ନିରଞ୍ଜନଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏପରିକି ରୋଗୀଙ୍କୁ ଭୁଲ ଇଞ୍ଜେକ୍ସନ ଦିଆଯାଇଥିବା ଅଭିଯୋଗ କରାଯାଇଛି । ଘଟଣାର ତଦନ୍ତ କରିବାକୁ ମୃତକଙ୍କ ପୁଅ ପ୍ରତାପ ମହାକୁଡ଼ ଦାବୀ କରିଛନ୍ତି ।

ਪੰਜਾਬ ਨੈਸ਼ਨਲ ਬੈਂਕ | ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ଏସ୍‌ଏଏମ୍‌ଡି, ଭୁବନେଶ୍ୱର, ଏ/୩୨, ପ୍ରଥମ ମହଲା, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧, ମେଲ୍ ଆଇଡି: cobbsrsamd@pnb.bank.in

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୧୨) ରୁଲ୍ ୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ର ଉପଧାରା ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ଅନୁଯାୟୀ ଋଣଗ୍ରହୀତାମାନଙ୍କୁ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।**

ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା	ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ	ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ	ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ
ବାଲିପୁଟ (୩୨୨୬୦୦) / **ଋଣଗ୍ରହୀତା: ଶ୍ରୀ ଅକ୍ଷୟ ବେହେରା,** ପିତା: ପ୍ରଫୁଲ୍ଲ ବେହେରା, ସା: ଅମୁରୀ, ଓଡସାହି, ପୋ: ବାଲିପୁଟ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୪୫	୧୦.୦୮.୨୦୨୬ / ୨୮.୧୦.୨୦୨୬	୩୧.୦୭.୨୦୨୬ ସୁଦ୍ଧା ଟ.୩,୧୮,୮୮୨/- +୦୧.୦୮.୨୦୨୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**ଶ୍ରୀ ଅକ୍ଷୟ ବେହେରା,** ପିତା: ପ୍ରଫୁଲ୍ଲ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୪୭/୧୩୫, ପ୍ଲଟ୍ ନଂ.: ୧୩୫୨, କ୍ଷେତ୍ର: ଏକର ୦.୧୧୦ ଡିସିମିଲି, କିସମ: ଘରବାରୀ, ମୌଜା: ଅମୁରୀ, ଏସଆରଓ / ତହସିଲ: ପୁରୀ (୭୨୧), ଥାନା: ପୁରୀ ସଦର (୧୭୭), ଜିଲ୍ଲା: ପୁରୀ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର (୧୨୫୫୧୦) / **ଋଣଗ୍ରହୀତା: ଶ୍ରୀ ସଚ୍ଚିଦାନନ୍ଦ ସାହୁ,** ପିତା: ହରି ସାହୁ / **ସହ-ଋଣଗ୍ରହୀତା: ଶ୍ରୀମତୀ ସୁଜାତା ସାହୁ,** ସ୍ୱାମୀ: ସଚ୍ଚିଦାନନ୍ଦ ସାହୁ, ପ୍ଲଟ୍ ନଂ.: ୨୬୩ (ଅଂଶ), ଫରେଷ୍ଟ ପାର୍କ, ଭୁବନେଶ୍ୱର, ପିନ୍ - ୭୫୧୦୦୯	୧୯.୦୮.୨୦୨୬ / ୨୯.୧୦.୨୦୨୬	୧୭.୦୮.୨୦୨୬ ସୁଦ୍ଧା ଟ.୧୩,୯୭,୪୧୮/- +୦୧.୦୮.୨୦୨୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**ଶ୍ରୀ ସଚ୍ଚିଦାନନ୍ଦ ସାହୁ,** ପିତା: ହରି ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୬୩ (ଅଂଶ), ଫରେଷ୍ଟ ପାର୍କ, ଖାତା ନଂ.: ୫୪୪/୧୩୯୧, ସାବକ ଖାତା: ନଂ.: ୫୪୪୩୭୧,ରେଭିନ୍ୟୁ ପ୍ଲଟ୍ ନଂ.: ୧୨୯୭ ୨୦୫୧, କ୍ଷେତ୍ର: ଏକର ୦.୦୩୫୦ ଡିସିମିଲି, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୨୨, ଭିମପୁର, ତହସିଲ: ଭୁବନେଶ୍ୱର ନଂ.: ୨୩୪, ଥାନା: ଏୟାରଫିଲ୍ଡ, ଜିଲ୍ଲା: ଖୋର୍ଦ୍ଧା
ସ୍ୱର୍ଗଦ୍ୱାର, ପୁରୀ (୧୫୫୫୨୦) / **ଋଣଗ୍ରହୀତା: ଶ୍ରୀମତୀ ବିନୋଦିନୀ ପ୍ରଧାନ,** ସ୍ୱାମୀ: ୪ ବଟ କୃଷ୍ଣ ପ୍ରଧାନ, ସା: ସରସ୍ୱତୀ ବିହାର, ବାଲୁଖଣ୍ଡ, ବାଳିଗୁଆଳି ଚିଦାନନ୍ଦ ଆଶ୍ରମ ନିକଟ, ପୋ: ବାଳିଗୁଆଳି, ଥାନା: ପେଣ୍ଟକଟା ମେରାଇନ୍, ପୁରୀ-୭୫୨୦୦୨	୦୪.୦୮.୨୦୨୬ / ୩୦.୧୦.୨୦୨୬	୩୧.୦୭.୨୦୨୬ ସୁଦ୍ଧା ଟ.୭,୪୩,୬୧୭.୩୪ +୦୧.୦୮.୨୦୨୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**ଶ୍ରୀମତୀ ବିନୋଦିନୀ ପ୍ରଧାନଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ମୌଜା: ବାଲୁଖଣ୍ଡ, ତହସିଲ: ପୁରୀ ନଂ.: ୭୦୫, ଥାନା: ପୁରୀ ସହର ନଂ: ୧୫୧, ଖାତା ନଂ.: ୫୨୧/ ୩୧୪୦, ପ୍ଲଟ୍ ନଂ.: ୧୨୮୫/୮୦୩୪, କ୍ଷେତ୍ର: ଏକର ୦.୦୧୩୭ ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ରଶାନ୍ତ ବରାଳ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୫୨, ଦକ୍ଷିଣ: ରାସ୍ତା
ସ୍ୱର୍ଗଦ୍ୱାର, ପୁରୀ (୧୫୫୫୨୦) / **ଋଣଗ୍ରହୀତା: ଶ୍ରୀମତୀ ମଞ୍ଜୁଲତା ଦାଶ,** ସ୍ୱାମୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଦାଶ, ପ୍ଲଟ୍ ନଂ.: ୧୩୫/୩୪୪, ଖାତା ନଂ.: ୨୬୦, ପୁରୀ ସହର, ୟୁନିଟ୍ ନଂ.: ୩୩, ସିଦ୍ଧମହାବୀର, ପୁରୀ ସଦର, ପୁରୀ-୭୫୨୦୦୨	୦୧.୦୮.୨୦୨୬ / ୩୦.୧୦.୨୦୨୬	୩୧.୦୭.୨୦୨୬ ସୁଦ୍ଧା ଟ.୧୧,୭୫,୫୬୬/- +୦୧.୦୮.୨୦୨୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**ଶ୍ରୀମତୀ ମଞ୍ଜୁଲତା ଦାଶ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ଦାଶଙ୍କ ନାମରେ ପଞ୍ଜିକୃତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: ପୁରୀ, ମୌଜା: ପୁରୀ ସହର ୟୁନିଟ୍ ନଂ.: ୩୩, ସିଦ୍ଧମହାବୀର, ତହସିଲ: ପୁରୀ ନଂ.: ୬୭୩, ଥାନା: ପୁରୀ ଟାଉନ୍, ଖାତା ନଂ.: ୨୬୦, ପ୍ଲଟ୍ ନଂ.: ୧୩୫/୩୪୪, କ୍ଷେତ୍ର: ଏକର ୦.୦୨୫୦ ଡିସିମିଲି, କିସମ: ଘରବାରୀ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର (୨୯୭୭୦୦) / **ଋଣଗ୍ରହୀତା: ମେସର୍ସ ଗଣପତି ଏଣ୍ଟରପ୍ରାଇଜେସ୍ ସ୍ୱତ୍ୱାଧିକାରୀ: ମିସ୍ ସ୍ୱାଗତିକା ଦାଶ / ଗ୍ୟାରେଣ୍ଟିଦାତା: ଶ୍ରୀ ଦେବାଶିଷ ଦାଶ,** ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ୨୧, ବଂଶୀ ବିହାର, ପଟିଆ, ଭୁବନେଶ୍ୱର, ପିନ୍ - ୭୫୧୦୨୫	୨୮.୦୮.୨୦୨୬ / ୦୨.୧୧.୨୦୨୬	୩୧.୦୭.୨୦୨୬ ସୁଦ୍ଧା ଟ.୪୬,୬୬,୯୩୫.୧୪ +୦୧.୦୮.୨୦୨୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**ଶ୍ରୀ ଦେବାଶିଷ ଦାଶଙ୍କ** ନାମରେ ଥିବା ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ: ୨୦୪,କ୍ଷେତ୍ର: ୧୨୨୮ ବର୍ଗଫୁଟ, ୨ୟ ମହଲା, ବ୍ଲକ-ଭ, ଆରାଧନା ପ୍ୟାଲେସ୍, ନନ୍ଦନ ବିହାର, ପଟିଆ, ଭୁବନେଶ୍ୱର, ପ୍ଲଟ୍ ନଂ.: ୨୮୦/୩୬୯୦ ଏବଂ ୨୮୦/୩୬୯୧, ଖାତା ନଂ.: ୭୨୫/୯୭୮ ଏବଂ ୭୨୫/୯୭୯, ମୌଜା: କଳାରାହାଙ୍ଗ

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୧୧.୨୦୨୬ | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ**

ଦିନରେ ଜଳୁଛି ରାତିରେ ନାହିଁ, ବଢୁଛି ଅସନ୍ତୋଷ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ଠାରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକ ସଠିକ ଭାବରେ ଲାଗୁ ନାହିଁ । ଅନେକ ଲାଇଟ ଅଚଳ ଥିବା ବେଳେ ଦୁଇ ଦିନ ହେବ ଲାଇଟ ଗୁଡିକ ରାତି ସମୟ ରେ ଜଳୁ ନାହିଁ । ଦିନ ସମୟରେ ଲାଇଟ ଗୁଡିକ ଜଳୁଥିବା ବେଳେ ରାତି ସମୟ ରେ ଜଳୁନଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ଅଂଚଳବାସି କହିବା ଅନୁଯାୟୀ ବଇଣ୍ଡା ଅଂଚଳ ର ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହୋଇଥିବା ଯୋଗୁଁ ବ୍ରିଜକୁ ଆଲୋକିତ କରିବା ପାଇଁ ଷ୍ଟ୍ରିଟ ଲାଇଟ ଲଗା ଯାଇଛି । ହେଲେ ଏଥିରେ ଲାଗିଥିବା ଲାଇଟ ଗୁଡିକ ମଧ୍ୟ ରୁ ଅନେକ ଲାଇଟ ଅଚଳ ହୋଇ ପଡିଥିବା ବେଳେ ଏହି ଲାଇଟ ଗୁଡିକ ସଠିକ ଭାବରେ ଲାଗୁ ନାହିଁ । ଦୁଇ ଦିନ ସମ୍ପୂର୍ଣ୍ଣ ଅନ୍ଧାର ରେ ରହିବା ପରେ ଦୁଇ ଦିନ ହେବ ଦିନ ରେ ଲାଇଟ ଲାଗିବା ସହ ରାତି ରେ ବନ୍ଦ ହୋଇ ଯାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ସମସ୍ତ ଲାଇଟ ଗୁଡିକ ମରାମତି କରିବା ସହ ସଠିକ ସେବା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

ଚାନ୍ଦି ଉତ୍ସବ ସିଲଭର ଜୁଏଲାରୀ ଉଦ୍‌ଘାଟିତ


ଅନୁଗୋଳ,(ସବ୍ୟୁ) : ଅନୁଗୋଳ ଶଙ୍କର ସିନେମା ରୋଡ଼ସ୍ଥିତ ଗାନ୍ଧୀମାର୍ଗ ଛକ ଠାରେ ନଭେମ୍ବର ୨ ତାରିଖରେ ଉ଼ାଟିତ ହୋଇଯାଇଛି ଚାନ୍ଦି ଉତ୍ସବ ଷ୍ଟୋର । ଏସଜିବିଏଲ କମ୍ପାନୀ ଅଧକ୍ଷ ଶଙ୍କର ଗୁପ୍ତା ଓ ତ ।ରକସି ଗହଣା ଡିଜାଇନର ସଞ୍ଜୁ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାନ୍ଦି ଉତ୍ସବ ଷ୍ଟୋରକୁ ଉଦଘାଟନ କରିଥିଲେ । ଅନୁଗୋଳର ନିଜସ୍ୱ ରୂପା ଅଳଙ୍କାର ପ୍ରତିଷ୍ଠାନ 'ଚାନ୍ଦି ଉତ୍ସବ' । ଏହି ଷ୍ଟୋରରେ ରୂପାର ବିଭିନ୍ନ ଅଳଙ୍କାର ସହ ଉପହାର ସାମଗ୍ରୀ, ବାସନ କୁସନ ଓ ଆଣ୍ଟିକ ଆଇଟମ୍ସ ଏବଂ ସୁନ୍ଦର ସୁନ୍ଦର ଗିଫଫ କଲେକ୍ସନ ଉପଲବ୍ଧ ରହିଛି । ଗ୍ରାହକଙ୍କୁ ଶୁଦ୍ଧତା ଓ ଗୁଣାତ୍ମକ ମାନର



ଭରସା ଦେବା ପାଇଁ ପ୍ରତ୍ୟେକ ସାମଗ୍ରୀର ଶୁଦ୍ଧତା ସମ୍ପର୍କିତ ପ୍ରମାଣ ମଧ୍ୟ ପ୍ରଦାନ କରାଯିବା ଏହା ସହ ପ୍ରତିଷ୍ଠାନ ପକ୍ଷରୁ ବାଏ-ବ୍ୟାକ ପଲିସି ରଖାଯାଇଛି । ଏହି ଯୋଜନାରେ ଗ୍ରାହକମାନେ ଦୀର୍ଘ ବର୍ଷ ବ୍ୟବହାର ପରେ ରୂପା ଅଳଙ୍କାର ଫେରାଇ ୮୫ରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟ ପାଇବାର ସୁବିଧା ରହିଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ଷ୍ଟୋର ଗୋଟିଏ ଜୁଏଲାରୀ ନୁହେଁ ବରଂ ଏହା ଏକ ନୂଆ ଚିନ୍ତାଧାରା, ନୂଆ ଫ୍ୟାସନ ବରଂ ନୂଆ ବ୍ୟବସାୟିକ ସ୍ୱପ୍ନର ଆରମ୍ଭ ଏବଂ ଏହା ହେଉ ହେଉଛି ଷ୍ଟାଇଲ, ବିଶ୍ୱାସ ଏବଂ ଭବିଷ୍ୟତର ଏକ ନୂଆ ପରିଚୟ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ କମଲ ଅଗ୍ରଓ୍ୱାଲ ପ୍ରକାଶ କରିଥିଲେ । ଉଦଘାଟନ ଉତ୍ସବରେ ନିର୍ଦ୍ଦେଶକ କୈଳାଶ ଜିନ୍ଦଲ,ଜୁଏଲାରୀ ଷ୍ଟୋରର ସିବାଧୀକାରୀ ତରୁଣ ଅଗ୍ରୱାଲ ସିଏନା ଅଗ୍ରୱାଲ, ପୁନିତ ଅଗ୍ରଓ୍ୱାଲ, ମେହେକ ଅଗ୍ରୱାଲ, ଷ୍ଟୋର ମ୍ୟାନେଜର ନୀଳକଣ୍ଠ ସାହୁ,ପ୍ରଶାନ୍ତ ସାହୁଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ, ଗ୍ରାହକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ନାଲକୋ ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ବଅଁରପାଳ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋନଗର ଠାରେ ଅବସ୍ଥିତ ନାଲକୋ ଅଫିସର୍ସ ଆସୋସିଏସନ ପକ୍ଷରୁ ଏକ



ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ସଂଘ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେସଂଘ ସଭାପତି ଦେବାଶିଷ ମିଶ୍ର ଓ ସାଧାରଣ ସମ୍ପାଦକ ନଳିନୀ କାନ୍ତ ପଣ୍ଡା ଯୋଗ ଦେଇ ବିଦାୟୀ ଉପ ମହାପ୍ରବନ୍ଧକ ସୂର୍ଯ୍ୟକାନ୍ତ ମିଶଙ୍କ ବଳିଷ୍ଠ ନେତୃତ୍ୱ, କର୍ମକୁଶଳତା ଓ ନିରବଚ୍ଛିନ୍ନ କର୍ତବ୍ୟ ନିଷ୍ଠ ବାବଦରେ ଅଭିବ୍ୟକ୍ତ କରିଥିଲେ । ନାଲକୋର ନବରନି ସଂସ୍ଥାରୁ ମହାରନି କ୍ଷେତରେ ଶ୍ରୀ ମିଶ୍ରଙ୍କ ପ୍ରଚେଷ୍ଟାକୁ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ତଥା ସଂଘ ଉପସଭାପତି ଦ୍ୱୟ ଶରତ ଚନ୍ଦ୍ର ହେମ୍ବ୍ରମ ଓ କିଶୋର କୁମାର ବେହେରା ବିଦାୟୀ ଅଧିକାରୀ ଶ୍ରୀ ମିଶ୍ରଙ୍କ ଦୀର୍ଘ ୪୦ ବର୍ଷ ଧରି କିଭଳି ନାଲକୋର ଉନ୍ନତି ଓ ପ୍ରଗତି ରେ ବିଭିନ୍ନ ବିଭାଗ ରେ କାର୍ଯ୍ୟଶୈଳୀ ର ଅବଲୋକନ କରିଥିଲେ । ଅନ୍ୟତମ ବକ୍ତା ତଥା ସଂଘର ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ରଣା, ମିସ ଇରା କୁମାରୀ ଓ କୋଷାଧକ୍ଷ ନରେଶ ମିଶ୍ର ପ୍ରମୁଖ ତାଙ୍କ ବକ୍ତବ୍ୟ ରେ ମିଶ୍ର ଙ୍କର ସୁରକ୍ଷା ବିଭାଗ ଦାୟିତ୍ୱ କିଭଳି ପରିଚାଳନା ବିଷୟ ଉପସ୍ଥାପନା କରିଥିଲେ । ଉତ୍ସବର ଆଲୋଚନାରେ ଶ୍ରୀ ହରିବନ୍ଧୁ ବେହେରା, ଟୁନା ସାମଲ, ପ୍ରଣୟ ସିଂହ, ବିଭୁତି ସାହୁ ବକ୍ତବ୍ୟ ରଖିଥିଲେ । ପରିଶେଷରେ ଯୁଗ୍ମ ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

SBI | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ | ସୁନା ନିଲାମ ବିଜ୍ଞପ୍ତି

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ,
ଭୁବନେଶ୍ୱର ଉତ୍ତର, ରାଜପଥ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୧୧.୨୦୨୬ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତା ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

କ୍ର. ନଂ.	ଋଣଗ୍ରହୀତାଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ.	ନେଟ୍ ଓଜନ (ଗ୍ରାମ୍‌ରେ)	ମୋଟ ଓଜନ (ଗ୍ରାମ୍‌ରେ)	୦୨.୧୧.୨୦୨୬ ସୁଦ୍ଧା ବକେୟା ଋଣ
	ଫରେଷ୍ଟ ପାର୍କ ଶାଖା, ଭୁବନେଶ୍ୱର			
୧.	**ଇ. ଭାଗୀରଥୀ ପାତ୍ର,** ପ୍ଲଟ୍ ନଂ.: ୬୪୧/ଏ, ଲକ୍ଷ୍ମୀ ନିବାସ, ଲେନ୍-୯, ପଳାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦ / ୪୪୭୬୨୭୫୫୬୩୯	୪୩.୦୦	୪୬.୫୦	ଟ.୩,୨୬,୦୧୩/-

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ବକେୟା ଋଣର ୧୦%** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଉଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୧୧.୨୦୨୬ | **କ୍ଷେତ୍ରୀୟ ପ୍ରବନ୍ଧକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଇ-ସେବା ମୋବାଇଲ ଭ୍ୟାନ

ଧୀରପାଟଣା ଗ୍ରାମରେ ଆଭାସୀ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ଧୀରପାଟଣା ଗ୍ରାମରେ ଭାରତର ସର୍ବୋଚ୍ଚନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଇ-ସେବା ମୋବାଇଲ୍ ଭ୍ୟାନ୍ ଦ୍ୱାରା ଆଭାସି ମାଧ୍ୟମରେ ସାକ୍ଷ୍ୟଗ୍ରହଣ କାରାଯାଇଅଛି ।ଏହି ମୋବାଇଲ୍ ଭ୍ୟାନ୍‌ଟିକୁ ଜିଲ୍ଲା ଓ ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଠାରୁ ଧୀରପାଟଣା ଗ୍ରାମକୁ ଗ୍ରସ୍ତକରିଥିଲେ । ଏହି ସମୟରେ ଅନାନ୍ୟ ବିଚାରପତି ଏବଂ ଆଇନଜୀବୀ ଉପସ୍ଥିତ ରହିଥିଲେ ।ଢେଙ୍କାନାଳ ଜିଲ୍ଲା ଉପଖଣ୍ଡ ବିଚାରବିଭାଗିୟ ମାଜିଷ୍ଟ୍ରେଟ ରେଙ୍ଗା ଧଳ ବିସୋଇ ଧୀରପାଟଣା ଗ୍ରାମରେ ଏକ ଫୌଜଦାରୀ ମାମଲାରେ ପାଞ୍ଚ ଜଣ ବରିଷ୍ଠ ନାଗରିକଙ୍କ ସାକ୍ଷ୍ୟ ରେକର୍ଡ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରିଛନ୍ତି । ଫଳରେ ବୟସାଧିକ୍ୟ ଓ



ଅନ୍ୟାନ୍ୟ ଅସୁବିଧା ଯୋଗୁଁ ଅଦାଲତକୁ ଯାତାୟାତ କରିବାରେ ସମସ୍ୟା ଭୋଗୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ନ୍ୟାୟିକ ପ୍ରକ୍ରିୟା ଅଧିକ ସୁଗମ ହୋଇପାରିଛି ।ଗ୍ରାମାଞ୍ଚଳର ଲୋକମାନେ କିପରି ସହଜରେ ଆଇନଗତ ସହାୟତା ପାଇପାରିବେ ଏବଂ ନିଜର ନ୍ୟାୟିକ ଅଧିକାର ସମ୍ପର୍କରେ ଅବଗତ ହୋଇପାରିବେ, ସେନେ ଇ ଏହି ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ବିଭିନ୍ନ ସେବା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଓ ଏହି ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ଯୋଗଦେଉଥିବା ଶ୍ରଦ୍ଧାଳୁ, ଦର୍ଶକ ଓ ସାଧାରଣ ଜନତାଙ୍କୁ ଆଇନ ସମ୍ପର୍କିତ ବିଭିନ୍ନ ବିଷୟରେ ସଚେତନ କରାଯାଉଛି । ନିଃଶୁଳ୍କ ଆଇନ ସହାୟତା, ନାଗରିକଙ୍କ ଅଧିକାର ଓ ନ୍ୟାୟ ପ୍ରାପ୍ତିର ସୁଯୋଗ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।ଉଚ୍ଚ ନ୍ୟାୟାଳୟଙ୍କ ଏଭଳି ଜନହିତକର ପଦକ୍ଷେପ ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି ପାଇବା ସହ ନ୍ୟାୟ ପ୍ରାପ୍ତି ପ୍ରକ୍ରିୟା ଅଧିକ ସରଳ ଓ ସୁଗମ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି । ଆଇନ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଏବଂ ନ୍ୟାୟିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି କରିବା ଦିଗରେ ଏହି ଇ-ସେବା ମୋବାଇଲ୍ ଭ୍ୟାନ୍ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ବିବେଚିତ ହେଉଛି ।

ସମ୍ପାଦକୀୟ

ଆମ ଗଣତନ୍ତ୍ରର ଗତି କେଉଁଆଡ଼େ ?

୧୯୭୫ ଜୁନ୍ ୨୫ରେ ସାରା ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ତାହା ବଳବତ୍ତର ରହିଥିଲା ୧୯୭୭ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ । ସେ ସମୟର ଜରୁରୀକାଳୀନ ପରିସ୍ଥିତିକୁ ଆମ ଦେଶରେ 'କଳା ଶାସନ' ବୋଲି ମଧ୍ୟ କୁହାଯାଉଥିଲା । ସେହି ସମୟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଥିବା ସମ୍ବାଦପତ୍ର ଓ ପୁସ୍ତକ ପ୍ରକାଶନ ଉପରେ କଟକଣା ଜାରି କରାଯାଉଥିଲା । ସେହି ଜରୁରୀକାଳୀନ ପରିସ୍ଥିତିକୁ ଦୀର୍ଘ ୫୧ ବର୍ଷ ପରେ ଅର୍ଥାତ୍ ଅର୍ଦ୍ଧ ଶତାବ୍ଦୀ ପରେ କେହି ଭୁଲି ନାହାନ୍ତି । ଭୁଲି ପାରି ନାହାନ୍ତି । ଏହି ପିଢ଼ିର ଯୁବକ ଯୁବତୀ ବା ଛାତ୍ରଛାତ୍ରୀମାନେ ଜରୁରୀକାଳୀନ ପରିସ୍ଥିତି ଉପରେ ସମ୍ଭବତଃ ଅବଗତ ନାହାନ୍ତି । କେହି କେହି ଅବଗତ ଥାଇ ପାରନ୍ତି । ସେମାନେ ଭାରତୀୟ ଗଣତନ୍ତ୍ରର ଇତିହାସ ହୁଏତ ଜାଣିଥିବେ ।

ନୂଆଦିଲ୍ଲୀରେ ଭାରତର କଂଗ୍ରେସ ଶାସନ ସମୟରେ ୧୯୮୪ ନଭେମ୍ବର ପହିଲାରେ ଯେଉଁ ଦଙ୍ଗା ହୋଇ ଗୋଟିଏ ସଂପ୍ରଦାୟର ଅନେକ ପ୍ରାଣ ହରାଇଥିବା ସହିତ ଆଉ କେତେକ ଆହତ ହୋଇଥିଲେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସେ କଥାକୁ ମନେପକାଇ କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି । କିନ୍ତୁ ସେ କଥାକୁ ଅନେକ ମନେ ରଖିଥିବେ ଆଉ ଅନେକ ଭୁଲି ମଧ୍ୟ ଯାଇଥିବେ । ମାତ୍ର ଆଭ୍ୟନ୍ତରୀଣ କ୍ଷେତ୍ରରେ ଦେଶରେ ଯେପରି ବିଶୃଙ୍ଖଳା ସର୍ବତ୍ର ମୁଣ୍ଡ ଟେକିଛି, ସେଥିପାଇଁ ଦାୟୀ କିଏ ? ଯଦି 'ନୋଟା' ବ୍ୟବସ୍ଥା ବଳରେ କୌଣସି ଯୋଗ୍ୟ ପ୍ରାର୍ଥୀଙ୍କୁ ଆମେମାନେ ଭୋଟ ନ ଦେଲୁ, ତାହାର ମୂଲ୍ୟ କ'ଣ ? ଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେ କଥାକୁ ଗୁରୁତ୍ୱ ଦେଉଛିବା କିଏ ? ଏହାର ଜବାବ ଉଭୟ ଶାସକ ଓ ବିରୋଧୀ ଦଳ ଦିଅନ୍ତୁ ।

ଏବେ ଆମେ ଯେତେବେଳେ ଆମ ସ୍ୱାଧୀନତାର ୮୦ ବର୍ଷରେ ପାଦ ଦେଉଛୁଁ, ଏ ଗଣତନ୍ତ୍ରର ଗତି କେଉଁଆଡ଼କୁ ସେ ବିଷୟରେ ଦେଶ ବା ରାଜ୍ୟର ଚିନ୍ତାନାୟକମାନେ ଯେତେ ଯାହା ବିଶ୍ଲେଷଣ କଲେ ମଧ୍ୟ ତାହାକୁ ଗୁରୁତ୍ୱହୀନ କରି ପକାଉଛନ୍ତି, ଆମର ରାଜନେତାମାନେ ରାଜନୀତି ଜରିଆରେ । ତାହା ହିଁ ଦୁଃଖ ।

ରାଜନୀତି ଆମର ଏବେ କଳୁଷିତ ଆଉ ଅର୍ଥସର୍ବସ୍ୱ । କେହି ଛାତିରେ ହାତ ଦେଇ କହିପାରିବେ କି ଆମର ରାଜନୀତି ଓ ଆମର ଗଣତନ୍ତ୍ର ଉଚ୍ଚକୋଟିର ବୋଲି । ଅଧିକାଂଶ ଶିକ୍ଷିତ ବା ଉଚ୍ଚଶିକ୍ଷିତ ହେଉ ବା ଅର୍ଦ୍ଧଶିକ୍ଷିତ ବା ଅଶିକ୍ଷିତ ହେଉ, ନିର୍ବାଚନରେ ପ୍ରାର୍ଥୀ ହେବାକୁ ଯୋଗ୍ୟତା ଥିଲେ ମଧ୍ୟ ହୋଇ ପାରୁନାହାନ୍ତି, ଆମ ଗଣତନ୍ତ୍ରର ପଞ୍ଚସ୍ତରୀ ବର୍ଷ ପରେ ମଧ୍ୟ । ତା'ର କାରଣ ପ୍ରାର୍ଥୀ ଭଲ ଦଳରୁ ପ୍ରାର୍ଥୀ ହୋଇ ନଥିବେ କିମ୍ବା ପ୍ରାର୍ଥୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ପଇସା ନଥିବ । ପଇସା ଦେଇ ଏଠାରେ ଦଳୀୟ ଟିକେଟ ନେଉଛନ୍ତି । ପଇସା ଖର୍ଚ୍ଚ କରି ପ୍ରାୟ ଅଧିକାଂଶ ପ୍ରାର୍ଥୀ ଜିତୁଛନ୍ତି । କେଉଁ ଦଳ ଭୋଟ ଚୋରି କରୁ ନାହିଁ ? ଅତୀତରେ ତ ଭୋଟ ହେଉ ନଥିଲା, ଜବରଦସ୍ତ ବୁଥ ଦଖଲ କରି ଭୋଟ ନିଆଯାଉଥିଲା । ପରିବର୍ତ୍ତିତ ପରିସ୍ଥିତିରେ ଏବେ ତାହା ହ୍ରାସ ପାଇଛି ସତ, କିନ୍ତୁ ଏ ବ୍ୟବସ୍ଥାର ମୂଳୋତ୍ପାଟନ ସମ୍ପୂର୍ଣ୍ଣ ଭାବେ ହୋଇ ପାରିନାହିଁ ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଧ୍ୱନି ଦେଇ ସେ ଯିବା ଦରକାର ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାମଲୀଳା ମଇଦାନରେ ଗତ ନଭେମ୍ବର ପହିଲାରେ (୨୦୧୬) ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ପ୍ରକୃତରେ ଫଳପ୍ରଦ ହେବ କି ନାହିଁ, ସାଧାରଣ ଲୋକେ ସେ ବିଷୟରେ ଜାଣି ପାରୁନାହାନ୍ତି । ''ମୋଦୀ ହଟାଅ' ଆହ୍ୱାନ ରାହୁଲ ଜୀ ବା ତାଙ୍କ କଂଗ୍ରେସର ସଭାପତି ଶ୍ରୀ ଖଡ଼ଗେଙ୍କର ସଫଳ ହେବ କି ନାହିଁ, ତାହା ହୁଏତ ଆସନ୍ତା ୨୦୨୯ର ସାଧାରଣ ନିର୍ବାଚନର ଫଳାଫଳ କହିବ । ସେତେବେଳକୁ ଯିଏ ବା ପ୍ରଧାନମନ୍ତ୍ରୀ ହେବେ, ସେ ଯେଉଁ ଦଳରୁ ହୁଅନ୍ତୁ ପଛେ, ତାଙ୍କର ନୈତିକତା ଓ କାର୍ଯ୍ୟଦକ୍ଷତା ଉପରେ ଦେଶବାସୀଙ୍କ ଭରସା ରହିଥିବ ନିଶ୍ଚୟ ।

ନୂଆଦିଲ୍ଲୀରେ ଭାରତର କଂଗ୍ରେସ ଶାସନ ସମୟରେ ୧୯୮୪ ନଭେମ୍ବର ପହିଲାରେ ଯେଉଁ ଦଙ୍ଗା ହୋଇ ଗୋଟିଏ ସଂପ୍ରଦାୟର ଅନେକ ପ୍ରାଣ ହରାଇଥିବା ସହିତ ଆଉ କେତେକ ଆହତ ହୋଇଥିଲେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସେ କଥାକୁ ମନେପକାଇ କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି । କିନ୍ତୁ ସେ କଥାକୁ ଅନେକ ମନେ ରଖିଥିବେ ଆଉ ଅନେକ ଭୁଲି ମଧ୍ୟ ଯାଇଥିବେ । ମାତ୍ର ଆଭ୍ୟନ୍ତରୀଣ କ୍ଷେତ୍ରରେ ଦେଶରେ ଯେପରି ବିଶୃଙ୍ଖଳା ସର୍ବତ୍ର ମୁଣ୍ଡ ଟେକିଛି, ସେଥିପାଇଁ ଦାୟୀ କିଏ ?

ଯଦି 'ନୋଟା' ବ୍ୟବସ୍ଥା ବଳରେ କୌଣସି ଯୋଗ୍ୟ ପ୍ରାର୍ଥୀଙ୍କୁ ଆମେମାନେ ଭୋଟ ନ ଦେଲୁ, ତାହାର ମୂଲ୍ୟ କ'ଣ ? ଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେ କଥାକୁ ଗୁରୁତ୍ୱ ଦେଉଛିବା କିଏ ? ଏହାର ଜବାବ ଉଭୟ ଶାସକ ଓ ବିରୋଧୀ ଦଳ ଦିଅନ୍ତୁ ।

ବାତ୍ୟା ଅର୍ଣ୍ଣବ ପାଇଁ ପ୍ରସ୍ତୁତି କିପରି ହୋଇଥାନ୍ତା



ପ୍ର. ସୁରେନ୍ଦ୍ରନାଥ ପଶୁପାଳକ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ହୋଇଥିବା ସ୍ୱାଭାବିକ ବର୍ଷା, ଭୟାବହ ବନ୍ୟା ଓ ଭୂସ୍ଖଳନ ପରେ ଓଡ଼ିଶା ସରକାରଙ୍କ ପ୍ରସ୍ତୁତିକୁ ନେଇ ଗଣମାଧ୍ୟମ ଓ ସାଧାରଣରେ ସମାଲୋଚନା ହେଉଛି । ଏହାର ନିରପେକ୍ଷ ଓ ତଥ୍ୟଭିତ୍ତିକ ସମୀକ୍ଷା ହେବା ଆବଶ୍ୟକ ।

ବିପର୍ଯ୍ୟୟ ପ୍ରସ୍ତୁତିରେ ତିନୋଟି ପରସ୍ପର ସମ୍ପର୍କିତ ପର୍ଯ୍ୟାୟ ରହିଛି–ପାଣିପାଗ ପୂର୍ବାନୁମାନ, ସମ୍ଭାବ୍ୟ ପ୍ରଭାବର ଆକଳନ ଏବଂ ସରକାରଙ୍କ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ। ରିଲେ ଦୌଡ଼ ପରି ପ୍ରତ୍ୟେକ ପର୍ଯ୍ୟାୟରୁ ପରବର୍ତ୍ତୀ ପର୍ଯ୍ୟାୟକୁ ଠିକ୍ ସମୟରେ ଉପଯୋଗୀ ସୂଚନା ପହଞ୍ଚିବା ଦରକାର। ଯେକୌଣସି ଗୋଟିଏ ପର୍ଯ୍ୟାୟର ଦୁର୍ବଳତା ସମଗ୍ର ବ୍ୟବସ୍ଥାକୁ ପ୍ରଭାବିତ କରିପାରେ । ଉପଲବ୍ଧ ସରକାରୀ ସୂଚନା ଓ ପ୍ରକାଶିତ ପର୍ଯ୍ୟବେକ୍ଷଣ ଆଧାରରେ ଏହି ପ୍ରବନ୍ଧରେ ୨୭–୨୯ ଅକ୍ଟୋବର ୨୦୨୬ର ବିପର୍ଯ୍ୟୟ ସମ୍ପର୍କରେ ଏହି ତିନୋଟି ଦାୟିତ୍ୱର ଆଲୋଚନା କରାଯାଇଛି ।

ମୁଖ୍ୟ ପ୍ରଶ୍ନ ହେଉଛି–ସେତେବେଳେ ଉପଲବ୍ଧ ପାଣିପାଗ ପୂର୍ବାନୁମାନ, ପ୍ରଭାବ ଆକଳନ ଓ ଜଳ ପରିଚାଳନା ସମ୍ପର୍କିତ ତଥ୍ୟରୁ ପରବର୍ତ୍ତୀ ବନ୍ୟାର ଭୟାବହତା ଓ ପ୍ରଭାବିତ ଅଞ୍ଚଳ ସମ୍ପର୍କରେ ଯଥେଷ୍ଟ ସୂଚନା ମିଳୁଥିଲା କି?

୧. ଭାରତୀୟ ପାଣିପାଗ ବିଭାଗ କ'ଣ ପୂର୍ବାନୁମାନ କରିଥିଲା?

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ହେଉଛି ଦେଶର ସରକାରୀ ପାଣିପାଗ ସଂସ୍ଥା । ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ସରକାର ମୁଖ୍ୟତଃ ଏହାର ପୂର୍ବାନୁମାନ ଓ ସତର୍କ ସୂଚନା ଉପରେ ନିର୍ଭର କରନ୍ତି । ୨୭ ଅକ୍ଟୋବର ରାତି ୧୦ଟାର ଜାତୀୟ ବୁଲେଟିନରେ ୨୭ ଓ ୨୮ ଅକ୍ଟୋବର ପାଇଁ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ ଅଳ୍ପ କିଛି ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଥିଲା। ୨୯ ଅକ୍ଟୋବରରେ ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଦର୍ଶାଯାଇଥିଲା ।

୨୮ ଅକ୍ଟୋବର ମଧ୍ୟାହ୍ନ ୧୨ଟାରେ ଜାରି ହୋଇଥିବା ୨୫ ନମ୍ବର ଜାତୀୟ ବୁଲେଟିନରେ ଓଡ଼ିଶା ପାଇଁ ପୂର୍ବାନୁମାନ ପ୍ରାୟ ସମାନ ରହିଥିଲା ସେତେବେଳେ ଗଞ୍ଜାମ ଓ ଗଜପତିରେ ଅନେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟଧିକ ପ୍ରବଳ ବର୍ଷା ହେଉଥିଲା । ଅର୍ଥାତ୍ ପାଣିପାଗ ବିଭାଗ ଅତ୍ୟଧିକ ପ୍ରବଳ ବର୍ଷା ସମ୍ପର୍କରେ ସ୍ପଷ୍ଟ ସତର୍କ ସୂଚନା ଦେଇଥିଲା କିନ୍ତୁ ପୂର୍ବାନୁମାନଟି ସମଗ୍ର ଦକ୍ଷିଣ ଓଡ଼ିଶା ପାଇଁ ଥିଲା। ଗଞ୍ଜାମ ଓ ଗଜପତିର କେତେକ ଅଞ୍ଚଳରେ ହୋଇଥିବା ଅସାଧାରଣ ବର୍ଷାର କେନ୍ଦ୍ରୀଭୂତ ସ୍ୱରୂପ ଏଥିରେ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନଥିଲା ।

ପାଣିପାଗ ବିଭାଗର ପରିଭାଷା ଅନୁସାରେ, ଅଳ୍ପ କିଛି ସ୍ଥାନରେ ଅର୍ଥ ସର୍ବାଧିକ ୨୫% ବର୍ଷାର ମାପକେନ୍ଦ୍ର ବିକ୍ଷିପ୍ତ ସ୍ଥାନରେ ୨୬–୫୦% ଅଧିକାଂଶ ସ୍ଥାନରେ ୫୧–୭୫% ଏବଂ ବ୍ୟାପକ ଅଞ୍ଚଳରେ ୭୬–୧୦୦% କେନ୍ଦ୍ରକୁ ବୁଝାଏ । ଏହି ଶବ୍ଦଗୁଡ଼ିକ ବର୍ଷାର ଭୌଗୋଳିକ ବିସ୍ତାରକୁ ବୁଝାଏ, କୌଣସି ଗୋଟିଏ ସ୍ଥାନର ବର୍ଷାର ତୀବ୍ରତାକୁ ନୁହେଁ ।

୨. ସମ୍ଭାବ୍ୟ ବିପର୍ଯ୍ୟୟର ପ୍ରଭାବ ଯଥେଷ୍ଟ ଆକଳନ କରାଯାଇଥିଲା କି?

ପାଣିପାଗ ବିଭାଗର ଆକଳନ

ଅଳ୍ପ କିଛି ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେଲେ ମଧ୍ୟ, ତାହା ଏକ ବନ୍ୟାପ୍ରବଣ ନଦୀ ଅବବାହିକାରେ କେନ୍ଦ୍ରୀଭୂତ ହେଲେ ଭୟାବହ ବନ୍ୟା ସୃଷ୍ଟି ହୋଇପାରେ । କିନ୍ତୁ ଉପରୋକ୍ତ ଦୁଇଟି ଜାତୀୟ ବୁଲେଟିନରେ ସମ୍ଭାବ୍ୟ ପ୍ରଭାବ ଭାବେ ମୁଖ୍ୟତଃ କେତେକ ରାସ୍ତାରେ ସ୍ଥାନୀୟ ବନ୍ୟା ଓ ତଳିଆ ଅଞ୍ଚଳରେ ପାଣି ଜମିବା କଥା ଉଲ୍ଲେଖ ଥିଲା । ଋଷିକୁଲ୍ୟା, ଘୋଡ଼ାହାଡ଼, ପଦ୍ମା, ଜରଉ, ଧନେଇ, ବାହୁଦା ଓ ଅନ୍ୟାନ୍ୟ ନଦୀରେ ବଡ଼ ବନ୍ୟାର ସମ୍ଭାବନା ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନଥିଲା । ସୋରଡ଼ାରୁ ଆସିକା ଓ ହିଞ୍ଜିଳି ଦେଇ ପୁରୁଷୋତ୍ତମପୁର ପର୍ଯ୍ୟନ୍ତ ବନ୍ୟାପ୍ରବଣ ଅଞ୍ଚଳ ସମ୍ପର୍କରେ ମଧ୍ୟ ସ୍ୱତନ୍ତ୍ର ସୂଚନା ନଥିଲା । ଗଜପତିରେ ବଂଶଧାରା ଓ ମହେନ୍ଦ୍ରତନୟା ନଦୀ ଅବବାହିକାରେ ମଧ୍ୟ ବନ୍ୟା ବିପଦର ଆକଳନ କରାଯାଇ ନଥିଲା ।

୨୭–୨୯ ଅକ୍ଟୋବର ମଧ୍ୟରେ କନ୍ଧମାଳ ପାଇଁ ବର୍ଷା ଓ ପବନ ସମ୍ପର୍କରେ କମଳା ରଙ୍ଗର ସତର୍କ ସୂଚନା ଥିଲାଛ କିନ୍ତୁ ଉଲ୍ଲିଖିତ ଜାତୀୟ ପ୍ରଭାବ ଆକଳନରେ ଏହି ତିନୋଟି ଜିଲ୍ଲା ପାଇଁ ବଡ଼ ଧରଣର ଭୂସ୍ଖଳନ ବିପଦ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନଥିଲା । ଗଞ୍ଜାମ ଓ ଗଜପତି ପାଇଁ ଲାଲ୍ ସତର୍କ ସୂଚନା ମଧ୍ୟ ଜାରି ହୋଇଥିଲା । ଏପରି ସତର୍କ ସୂଚନାକୁ ଗୁରୁତ୍ୱର ସହିତ ନେବା ଆବଶ୍ୟକ। ତେବେ ମୌସୁମୀ ଋତୁରେ ଅନ୍ୟ ସମୟରେ ମଧ୍ୟ ଲାଲ୍ ସତର୍କ ସୂଚନା ଦିଆଯାଏ, କିନ୍ତୁ ପ୍ରତ୍ୟେକ ଥର ଏପରି ଭୟାବହ ବିପର୍ଯ୍ୟୟ ଘଟେନାହିଁ । ଅର୍ଣ୍ଣବ ସମୟରେ ମଧ୍ୟ ଲାଲ୍ ସତର୍କ ସୂଚନା ଥିବା ଅନ୍ୟ ତିନୋଟି ଜିଲ୍ଲାରେ ସେହି ମାତ୍ରାରେ ବର୍ଷା ହୋଇନଥିଲା । ଏହାଛଡ଼ା ଜିଲ୍ଲାଭିତ୍ତିକ ସତର୍କ ସୂଚନା ମାନଚିତ୍ରରେ ବର୍ଷା ଓ ପବନର ସଙ୍କେତ ଏକାଠି ଦିଆଯାଇଥିଲେ, କେଉଁ ବିପଦ ପାଇଁ କେଉଁ ସ୍ତରର ସତର୍କ ସୂଚନା ରହିଛି, ତାହା ସ୍ପଷ୍ଟ ହୋଇ ନ ଥିଲା । ଏଠାରେ ପ୍ରଶ୍ନ ହେଉନାହିଁ ଯେ ପାଣିପାଗ ବିଭାଗ ସତର୍କ କରାଇଥିଲା କି ନାହିଁ । ପ୍ରଶ୍ନ ହେଉଛି, ସେହି ସତର୍କ ସୂଚନା ସହିତ ଦିଆଯାଇଥିବା ପ୍ରଭାବ ଆକଳନ ବଡ଼ ନଦୀବନ୍ୟା ଓ ଭୂସ୍ଖଳନ ପାଇଁ ପ୍ରସ୍ତୁତି ନେବାକୁ ଯଥେଷ୍ଟ ନିର୍ଦ୍ଦିଷ୍ଟ ଥିଲା କି?

ତେବେ ମୌସୁମୀ ଋତୁରେ ଅନ୍ୟ ସମୟରେ ମଧ୍ୟ ଲାଲ୍ ସତର୍କ ସୂଚନା ଦିଆଯାଏ, କିନ୍ତୁ ପ୍ରତ୍ୟେକ ଥର ଏପରି ଭୟାବହ ବିପର୍ଯ୍ୟୟ ଘଟେନାହିଁ । ଅର୍ଣ୍ଣବ ସମୟରେ ମଧ୍ୟ ଲାଲ୍ ସତର୍କ ସୂଚନା ଥିବା ଅନ୍ୟ ତିନୋଟି ଜିଲ୍ଲାରେ ସେହି ମାତ୍ରାରେ ବର୍ଷା ହୋଇନଥିଲା । ଏହାଛଡ଼ା ଜିଲ୍ଲାଭିତ୍ତିକ ସତର୍କ ସୂଚନା ମାନଚିତ୍ରରେ ବର୍ଷା ଓ ପବନର ସଙ୍କେତ ଏକାଠି ଦିଆଯାଇଥିଲେ, କେଉଁ ବିପଦ ପାଇଁ କେଉଁ ସ୍ତରର ସତର୍କ ସୂଚନା ରହିଛି, ତାହା ସ୍ପଷ୍ଟ ହୋଇ ନ ଥିଲା ।

ରାଜ୍ୟର ଦାୟିତ୍ୱ

ପାଣିପାଗ ବିଭାଗ ଜାତୀୟ ଓ ଆଞ୍ଚଳିକ ସ୍ତରରେ ପୂର୍ବାନୁମାନ ଦେଇଥାଏ । କିନ୍ତୁ ସ୍ଥାନୀୟ ଭୂଗୋଳ, ନଦୀ ଅବବାହିକା, ଜଳଭଣ୍ଡାର ଓ ବିପଦପ୍ରବଣ ଜନବସତିକୁ ବିଚାର କରି ଏହାର ସମ୍ଭାବ୍ୟ ପ୍ରଭାବ ଆକଳନ କରିବାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବିପର୍ଯ୍ୟୟ ସମୟରେ ସମ୍ପୃକ୍ତ ରାଜ୍ୟ ସଂସ୍ଥାଗୁଡ଼ିକ କେଉଁ ପ୍ରକାରର ବିସ୍ତୃତ ପ୍ରଭାବ ଆକଳନ କରିଥିଲେ, ସେ ସମ୍ପର୍କରେ ମୋ ପାଖରେ ପର୍ଯ୍ୟାପ୍ତ ତଥ୍ୟ ନାହିଁ । ତେଣୁ ଏପରି ଆକଳନ ହୋଇନଥିଲା କିମ୍ବା ତାହା ଅପର୍ଯ୍ୟାପ୍ତ ଥିଲା ବୋଲି କହିବା ଉଚିତ ହେବନାହିଁ ।

ତଥାପି ଗୋଟିଏ ପ୍ରଶ୍ନ ଉଠୁଛି । ଅତ୍ୟଧିକ ପ୍ରବଳ ବର୍ଷାର ପୂର୍ବାନୁମାନ ଦିଆଗଲେ ତିନୋଟି ସମ୍ଭାବନା ରହିଥାଏ–ପୂର୍ବାନୁମାନ ପ୍ରାୟ ସମ୍ପୂର୍ଣ୍ଣ ସତ୍ୟ ହୋଇପାରେ, ବର୍ଷା ବହୁତ କମ୍ ହୋଇପାରେ କିମ୍ବା ଏହି ଦୁଇ ସ୍ଥିତି ମଧ୍ୟରେ ରହିପାରେ । ଯଦି ଅଧିକ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୁଏ ଏବଂ ଅତ୍ୟଧିକ ବର୍ଷା ବନ୍ୟାପ୍ରବଣ ନଦୀ ଅବବାହିକାରେ କେନ୍ଦ୍ରୀଭୂତ ହୁଏ, ତେବେ ତାହାର ସମ୍ଭାବ୍ୟ ପ୍ରଭାବକୁ ରାଜ୍ୟର ଆକଳନରେ ବିଚାର କରାଯାଇଥିଲା କି? ଏଥିପାଇଁ କେଉଁ ନଦୀର ଜଳସ୍ତର ବଢ଼ିପାରେ, କେଉଁ ଜନବସତି ପ୍ରଭାବିତ ହୋଇପାରେ, କେଉଁଠାରେ ଭୂସ୍ଖଳନ ଆଶଙ୍କା ରହିଛି ଏବଂ ଜଳଭଣ୍ଡାରର ଅବସ୍ଥା କିପରି ପ୍ରଭାବ ପକାଇପାରେ, ତାହା ବିଚାର କରିବା ଆବଶ୍ୟକ । ପ୍ରଭାବିତ ଅନେକ ନଦୀ ଅବବାହିକାର ଅଧିକାଂଶ ଅଂଶ ଓଡ଼ିଶା ମଧ୍ୟରେ ଥିବାରୁ ସ୍ଥାନୀୟ ଭୌଗୋଳିକ ଜ୍ଞାନ ଏପରି ଆକଳନରେ ବିଶେଷ ସହାୟକ ହୋଇପାରେ ।


୩. ପ୍ରକୃତ ବର୍ଷାରୁ କ'ଣ ଜଣାପଡ଼ିଲା?

୨୯ ଅକ୍ଟୋବର ସକାଳ ସାଢ଼େ ୮ଟାରେ ପ୍ରକାଶିତ ବର୍ଷା ତଥ୍ୟ ପୂର୍ବବର୍ତ୍ତୀ ୨୪ ଘଣ୍ଟାର, ଅର୍ଥାତ୍ ୨୮ ଅକ୍ଟୋବର ଓ ତାହା ପରବର୍ତ୍ତୀ ରାତିର ବର୍ଷାକୁ ଦର୍ଶାଉଥିଲା । ପାତ୍ରପୁରରେ ୫୪୬ ମିଲିମିଟର ଓ ସୋରଡ଼ାରେ ୫୦୩ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ଗଞ୍ଜାମ ଓ ଆଖପାଖ ଅଞ୍ଚଳର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଅସାଧାରଣ ବର୍ଷା ହୋଇଥିଲା । ଏହି ତଥ୍ୟରୁ ବିପର୍ଯ୍ୟୟର ଅସାଧାରଣ ତୀବ୍ରତା ସ୍ପଷ୍ଟ ହେଉଛି । ଏହା ସହିତ ଗୁରୁତର ପାଣିପାଗ ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନକୁ ନିରନ୍ତର ନିରୀକ୍ଷଣ କରିବାର ଆବଶ୍ୟକତା ମଧ୍ୟ ପ୍ରକାଶ ପାଉଛି ।

୨୮ ଅକ୍ଟୋବର ମଧ୍ୟାହ୍ନରେ ପାଣିପାଗ ବିଭାଗ ୨୫ ନମ୍ବର ଜାତୀୟ ବୁଲେଟିନ ଜାରି କରିବା ବେଳକୁ ଗଞ୍ଜାମର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେଉଥିବା ସୂଚନା ମିଳିଥିଲା । ତଥାପି ବୁଲେଟିନରେ ବର୍ଷାର ବିସ୍ତାର ଓ ସମ୍ଭାବ୍ୟ ପ୍ରଭାବର ପୂର୍ବ ବର୍ଣ୍ଣନା ପ୍ରାୟ ଅପରିବର୍ତ୍ତିତ ରହିଥିଲା । ସେହି ସମୟରେ ଉପଲବ୍ଧ ପର୍ଯ୍ୟବେକ୍ଷଣ ଅଧିକ ଗୁରୁତର ସତର୍କ ସୂଚନା ପାଇଁ ଯଥେଷ୍ଟ ଥିଲା କି ନାହିଁ, ତାହା ଜାଣିବା ପାଇଁ ସେତେବେଳର ବର୍ଷାମାପ କେନ୍ଦ୍ର, ରାଡାର ଓ ନଦୀ ଜଳସ୍ତର ତଥ୍ୟ ଯାଞ୍ଚ କରିବା ଆବଶ୍ୟକ। ପରବର୍ତ୍ତୀ ୨୪ ଘଣ୍ଟାର ମୋଟ ବର୍ଷା ତଥ୍ୟରୁ ମଧ୍ୟାହ୍ନରେ କେତେ ସୂଚନା ଉପଲବ୍ଧ ଥିଲା, ତାହା ନିଶ୍ଚିତ କରାଯାଇପାରିବ ନାହିଁ । ତେବେ ଏହି ବନ୍ୟା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ବିଷୟକୁ ସ୍ପଷ୍ଟ କରିଛି–ବର୍ଷାର ପୂର୍ବାନୁମାନ ଏବଂ ସେହି ବର୍ଷାରୁ ସୃଷ୍ଟି ହେବାକୁ ଥିବା ବନ୍ୟାର ଆକଳନ ପରସ୍ପର ସମ୍ପର୍କିତ ହେଲେ ମଧ୍ୟ ଦୁଇଟି ଭିନ୍ନ ଦାୟିତ୍ୱ । **(କ୍ରମଶଃ)**

– ୩୮୭,ଲେନ୍–୪
ଜଗନ୍ନାଥ ବିହାର,
ବରମୁଣ୍ଡା,ଭୁବନେଶ୍ୱର
ଫୋନ: ୭୭୩୫୩୭୪୪୯୭

ଶିକ୍ଷା ବ୍ୟବସ୍ଥାର ବାଣିଜ୍ୟୀକରଣ କରା ନଯାଉ



ଡଃ ବଦ୍ରିନାଥ ପଟ୍ଟନାୟକ

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ, ସମାଜର ପ୍ରଗତିର ମୂଳମନ୍ତ୍ର ଏବଂ ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଗଠନର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ଶିକ୍ଷା କେବଳ ଜ୍ଞାନ ଆହରଣର ପ୍ରକ୍ରିୟା ନୁହେଁ, ଏହା ଜଣେ ମଣିଷର ଚରିତ୍ର ଗଠନ, ନୈତିକ ମୂଲ୍ୟବୋଧର ବିକାଶ ଏବଂ ଜୀବନକୁ ସଠିକ୍ ଦିଗରେ ପରିଚାଳିତ କରିବାର ଏକ ମହାନ ମାଧ୍ୟମ । କିନ୍ତୁ ଆଜିର ଭାରତରେ ଶିକ୍ଷା ବ୍ୟବସ୍ଥାର ଏକ ଗମ୍ଭୀର ଦିଗ ଆମ ସମସ୍ତଙ୍କ ଚିନ୍ତାର କାରଣ ହୋଇଛି । ବିଶେଷକରି ଘରୋଇ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଧୀରେ ଧୀରେ ବାଣିଜ୍ୟୀକରଣ ବା Commercialization ଆଡ଼କୁ ଗତି କରୁଛି । ଶିକ୍ଷା ଯେଉଁଠାରେ ଏକ ମହତ୍ ସେବା ଓ ସାମାଜିକ ଦାୟିତ୍ୱ ଭାବରେ ପରିଚିତ ହେବା ଉଚିତ, ସେଠାରେ ତାହା ଅନେକ ସ୍ଥାନରେ ଲାଭ ଅର୍ଜନର ଏକ ମାଧ୍ୟମରେ ପରିଣତ ହେଉଥିବା ଦେଖାଯାଉଛି ।

ଶିକ୍ଷାର ବାଣିଜ୍ୟୀକରଣ ଓ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ

ବର୍ତ୍ତମାନ ଭାରତବର୍ଷରେ ହଜାର ହଜାର ଘରୋଇ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ । ଏହି ବିଦ୍ୟାଳୟଗୁଡ଼ିକ ଆଧୁନିକ ଶିକ୍ଷା, ଉନ୍ନତ ଭିତ୍ତିଭୂମି, ଡିଜିଟାଲ୍ ଶିକ୍ଷା ଓ ବିଭିନ୍ନ ସହପାଠ୍ୟକ୍ରମ ମାଧ୍ୟମରେ ଶିକ୍ଷାର ଗୁଣବତ୍ତା ବୃଦ୍ଧିରେ ଅବଦାନ ରଖୁଛନ୍ତି । ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ତଥାପି ଅନେକ ବିଦ୍ୟାଳୟରେ ଅତ୍ୟଧିକ ଶିକ୍ଷା ଶୁଳ୍କ, ଆଡମିଶନ୍ ଫି, ଡେଭଲପମେଣ୍ଟ ଫି, ବିଲ୍ଡିଂ ଫଣ୍ଡ, ଆକ୍ଟିଭିଟି ଫି, ବାର୍ଷିକ ଶୁଳ୍କ ଓ ଅନ୍ୟାନ୍ୟ ନାମରେ ଅତିରିକ୍ତ ଅର୍ଥ ଆଦାୟ ଅଭିଭାବକମାନଙ୍କ ପାଇଁ ଏକ ବଡ଼ ଆର୍ଥିକ ସମସ୍ୟା ସୃଷ୍ଟି କରୁଛି ।

ଜଣେ ସାଧାରଣ ଓ ମଧ୍ୟବିତ୍ତ ପରିବାରର ଅଭିଭାବକ ନିଜ ପିଲାଙ୍କୁ ଭଲ ବିଦ୍ୟାଳୟରେ ପଢ଼ାଇବା ପାଇଁ ନିଜର ଆୟର ଏକ ବଡ଼ ଅଂଶ ଶିକ୍ଷା ଖର୍ଚ୍ଚରେ ବ୍ୟୟ କରୁଛନ୍ତି । ଅନେକ ସମୟରେ ଏହି ଖର୍ଚ୍ଚ ପରିବାରର ଅନ୍ୟାନ୍ୟ ଆବଶ୍ୟକତା ଉପରେ ମଧ୍ୟ ପ୍ରଭାବ ପକାଉଛି । ଏହା ଏକ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରୁଛି–ଉତ୍ତମ ଶିକ୍ଷା ପାଇବା ପାଇଁ କ'ଣ ଜଣେ ଅଭିଭାବକ ନିଜର ଆର୍ଥିକ ସାମର୍ଥ୍ୟଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବା ଉଚିତ?

ଏକ ସମାନ ଶିକ୍ଷା ଶୁଳ୍କ ବ୍ୟବସ୍ଥାର ପ୍ରସ୍ତାବ

ଏହି ସମସ୍ୟାର ଏକ ସମାଧାନମୂଳକ ପଦକ୍ଷେପ ଭାବରେ ମୋର ଏକ ପ୍ରସ୍ତାବ ରହିଛି । ସମଗ୍ର ଭାରତରେ ଘରୋଇ ବିଦ୍ୟାଳୟଗୁଡ଼ିକ ପାଇଁ ଏକ ସୁସଂଗଠିତ, ସ୍ୱଚ୍ଛ ଓ ଯୁକ୍ତିସଙ୍ଗତ ଶିକ୍ଷା ଶୁଳ୍କ ବ୍ୟବସ୍ଥା ପ୍ରଚଳନ କରିବା ଦିଗରେ ଚିନ୍ତା କରାଯିବା ଆବଶ୍ୟକ ।

ମୋର ପ୍ରସ୍ତାବ ହେଉଛି, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ଶିକ୍ଷା ଶୁଳ୍କ ୫୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଉଛି । ଏହି ରାଶି ମଧ୍ୟରେ ବିଦ୍ୟାଳୟର ନିୟମିତ ଶିକ୍ଷାଦାନ ଓ ଶିକ୍ଷା ସମ୍ବନ୍ଧୀୟ ଆବଶ୍ୟକ ସେବାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଉ । ଏହା ଏକ ନୀତିଗତ ପ୍ରସ୍ତାବ । ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକଙ୍କ ଦରମା, ପରିଚାଳନା ଖର୍ଚ୍ଚ, ଅଞ୍ଚଳଭିତ୍ତିକ ଆର୍ଥିକ ପାର୍ଥକ୍ୟ ଓ ଶିକ୍ଷାର ଗୁଣବତ୍ତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ । ତଥାପି ଏକ ନିର୍ଦ୍ଦିଷ୍ଟ ଓ ସ୍ୱଚ୍ଛ ଶୁଳ୍କ ନୀତି ଅଭିଭାବକଙ୍କୁ ଆର୍ଥିକ ଯୋଜନା କରିବାରେ ସହାୟକ ହେବ ।

ଅତିରିକ୍ତ ଓ ଲୁକ୍କାୟିତ ଶୁଳ୍କ ଉପରେ ନିୟନ୍ତ୍ରଣ

ଏହି ପ୍ରସ୍ତାବର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଭିଭାବକମାନଙ୍କ ଉପରେ ଲୁକ୍କାୟିତ ଶୁଳ୍କର ବୋଝ ହ୍ରାସ କରିବା । ଯଦି ବାର୍ଷିକ ଶିକ୍ଷା ଶୁଳ୍କ ନିର୍ଦ୍ଧାରିତ ହୁଏ, ତେବେ ସେହି ଶୁଳ୍କ ବ୍ୟତୀତ ଅନ୍ୟ କୌଣସି ନାମରେ ଅନାବଶ୍ୟକ ଅର୍ଥ ଆଦାୟ କରାଯିବା ଉଚିତ ନୁହେଁ । ଆଡମିଶନ୍ ଫି, ଡେଭଲପମେଣ୍ଟ ଫି, ବିଲ୍ଡିଂ ଫଣ୍ଡ ଓ ବିଭିନ୍ନ ଅତିରିକ୍ତ ଶୁଳ୍କକୁ ନିୟନ୍ତ୍ରିତ କରିବା ପାଇଁ ଏକ ସ୍ପଷ୍ଟ ନିୟମାବଳୀ ପ୍ରସ୍ତୁତ ହେବା ଆବଶ୍ୟକ ।

କେବଳ ଛାତ୍ରଛାତ୍ରୀଙ୍କ ପରିବହନ ସେବା ଏବଂ ହଷ୍ଟେଲରେ ରହିବାର ସୁବିଧା ନେଉଥିବା ପିଲାମାନଙ୍କ କ୍ଷେତ୍ରରେ ପ୍ରକୃତ ଖର୍ଚ୍ଚ ଅନୁଯାୟୀ ଅତିରିକ୍ତ ଶୁଳ୍କ ଆଦାୟ କରାଯାଇପାରିବ । ଏହି ଶୁଳ୍କ ମଧ୍ୟ ସ୍ୱଚ୍ଛ ଓ ନିୟନ୍ତ୍ରିତ ହେବା ଆବଶ୍ୟକ । ଏହାଦ୍ୱାରା ଅଭିଭାବକମାନେ ଆର୍ଥିକ ଶୋଷଣରୁ ମୁକ୍ତି ପାଇବା ସହିତ ବିଦ୍ୟାଳୟ ପରିଚାଳନାରେ ମଧ୍ୟ ଅଧିକ ସ୍ୱଚ୍ଛତା ଆସିପାରିବ ।

ଶିକ୍ଷା ଏକ ସେବା, କେବଳ ବ୍ୟବସାୟ ନୁହେଁ

ଏଠାରେ ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ ଘରୋଇ ବିଦ୍ୟାଳୟଗୁଡ଼ିକର ଅବଦାନକୁ ଅବମୂଲ୍ୟାୟନ କରିବା ମୋର ଉଦ୍ଦେଶ୍ୟ ନୁହେଁ । ଏକ ବିଦ୍ୟାଳୟ ଚଳାଇବା ପାଇଁ ଜମି, ଭିତ୍ତିଭୂମି, ଶିକ୍ଷକ ଓ କର୍ମଚାରୀଙ୍କ ଦରମା, ଶିକ୍ଷା ସାମଗ୍ରୀ, ବିଦ୍ୟୁତ୍, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି । ଏହି ସମସ୍ତ ଦାୟିତ୍ୱକୁ ସମ୍ମାନ ଦେବା ଆବଶ୍ୟକ । କିନ୍ତୁ ଶିକ୍ଷାନୁଷ୍ଠାନର ମୂଳ ଲକ୍ଷ୍ୟ କେବଳ ଅର୍ଥ ଉପାର୍ଜନ ହେବା ଉଚିତ ନୁହେଁ । ଶିକ୍ଷାନୁଷ୍ଠାନର ପ୍ରକୃତ ସଫଳତା ହେଉଛି ଉତ୍ତମ ନାଗରିକ, ଦକ୍ଷ ଯୁବପିଢ଼ି ଓ ନୈତିକ ମୂଲ୍ୟବୋଧସମ୍ପନ୍ନ ମଣିଷ ଗଢ଼ିବା । ଶିକ୍ଷକଙ୍କୁ ଉପଯୁକ୍ତ ଦରମା, ବିଦ୍ୟାଳୟକୁ ଆବଶ୍ୟକ ଆର୍ଥିକ ସମ୍ବଳ ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ–ଏହି ତିନୋଟି ଦିଗ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସୃଷ୍ଟି ହେବା ଆବଶ୍ୟକ ।

ଶିକ୍ଷାର ମାନ କେବେବି ଅଭିଭାବକଙ୍କ ଆର୍ଥିକ ସ୍ଥିତି ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ପ୍ରତ୍ୟେକ ଶିଶୁ ନିଜର ପ୍ରତିଭା ଓ ଯୋଗ୍ୟତା ଅନୁସାରେ ଆଗକୁ ବଢ଼ିବାର ସମାନ ସୁଯୋଗ ପାଇବା ଉଚିତ । ଆଜି ସମୟ ଆସିଛି ଆମେ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦୃଷ୍ଟିକୋଣରୁ ଦେଖିବା । ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମଣିଷ ତିଆରି କରିବା, କେବଳ ଡିଗ୍ରୀ ପ୍ରଦାନ କରିବା ନୁହେଁ ।

ସରକାରଙ୍କ ଭୂମିକା ଓ ଏକ ଜାତୀୟ ଶିକ୍ଷା ଶୁଳ୍କ ନୀତି

ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଶିକ୍ଷା ବିଭାଗ, CBSE ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ନିୟାମକ ସଂସ୍ଥାଗୁଡ଼ିକ ଏକ ସକାରାତ୍ମକ ଆଲୋଚନା ଆରମ୍ଭ କରିବା ଉଚିତ । ସମଗ୍ର ଦେଶରେ ଶିକ୍ଷା ଶୁଳ୍କ ନିୟନ୍ତ୍ରଣ ପାଇଁ ଏକ ଯୁକ୍ତିସଙ୍ଗତ ନୀତି ପ୍ରସ୍ତୁତ କରାଯାଉ । ଏଥିରେ ଅଞ୍ଚଳଭିତ୍ତିକ ଖର୍ଚ୍ଚ, ବିଦ୍ୟାଳୟର ପ୍ରକାର, ଶିକ୍ଷାର ମାନ ଏବଂ ପରିଚାଳନାଗତ ଆବଶ୍ୟକତାକୁ ଧ୍ୟାନରେ ରଖାଯାଉ ।

ପ୍ରତ୍ୟେକ ବିଦ୍ୟାଳୟ ନିଜର ଆୟ ଓ ବ୍ୟୟର ସ୍ୱଚ୍ଛ ହିସାବ ରଖିବା ସହିତ ଶୁଳ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅଭିଭାବକମାନଙ୍କୁ ଜଣାଇବା ଉଚିତ । ଏକ ସ୍ୱାଧୀନ ନିୟାମକ ବ୍ୟବସ୍ଥା ମାଧ୍ୟମରେ ଅଭିଭାବକଙ୍କ ଅଭିଯୋଗର ସମାଧାନ ମଧ୍ୟ କରାଯାଇପାରିବ । ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଧନୀ, ମଧ୍ୟବିତ୍ତ ଓ ଗରିବ–ସମସ୍ତ ପରିବାରର ପିଲାମାନଙ୍କୁ ଉତ୍ତମ ଶିକ୍ଷା ପାଇବାର ସୁଯୋଗ ମିଳିବା ଆବଶ୍ୟକ । ବିଶେଷକରି ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ବଢ଼ାଇବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ।

ଶିକ୍ଷାର ମାନ କେବେବି ଅଭିଭାବକଙ୍କ ଆର୍ଥିକ ସ୍ଥିତି ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ପ୍ରତ୍ୟେକ ଶିଶୁ ନିଜର ପ୍ରତିଭା ଓ ଯୋଗ୍ୟତା ଅନୁସାରେ ଆଗକୁ ବଢ଼ିବାର ସମାନ ସୁଯୋଗ ପାଇବା ଉଚିତ । ଆଜି ସମୟ ଆସିଛି ଆମେ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦୃଷ୍ଟିକୋଣରୁ ଦେଖିବା । ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମଣିଷ ତିଆରି କରିବା, କେବଳ ଡିଗ୍ରୀ ପ୍ରଦାନ କରିବା ନୁହେଁ । ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଜ୍ଞାନ, ଚରିତ୍ର, ଶୃଙ୍ଖଳା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ବିକାଶ ।

ମୋର ଦୃଢ଼ ବିଶ୍ୱାସ, ଯଦି ଆମେ ଏକ ସ୍ୱଚ୍ଛ, ନିୟନ୍ତ୍ରିତ ଓ ଅଭିଭାବକ–ଅନୁକୂଳ ଶିକ୍ଷା ଶୁଳ୍କ ବ୍ୟବସ୍ଥା ପ୍ରଚଳନ କରିପାରିବା, ତେବେ ଭାରତର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇପାରିବ । ଆସନ୍ତୁ, ଆମେ ସମସ୍ତେ ମିଶି ଏପରି ଏକ ଶିକ୍ଷା ବ୍ୟବସ୍ଥା ଗଢ଼ିବା, ଯେଉଁଠାରେ ଶିକ୍ଷା ହେବ ସେବାର ମାଧ୍ୟମ, ଅଭିଭାବକ ହେବେ ଆର୍ଥିକ ଚିନ୍ତାମୁକ୍ତ ଏବଂ ପ୍ରତ୍ୟେକ ଶିଶୁ ନିଜ ସ୍ୱପ୍ନକୁ ସାକାର କରିବାର ସମାନ ସୁଯୋଗ ପାଇବ । କାରଣ ଶିକ୍ଷା ଏକ ବ୍ୟବସାୟିକ ସାମଗ୍ରୀ ନୁହେଁ ଏହା ଏକ ମହାନ ସାମାଜିକ ଦାୟିତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ।

– ମୋ: ୯୭୭୬୬୯୯୯୯୯

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବାତ୍ୟା...

୨୦୨୬ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିବ । ପୂର୍ବରୁ ଏହି ସର୍ଭେ କାର୍ଯ୍ୟ ସମାପ୍ତିର ଶେଷ ତାରିଖ ୦୭.୧୦.୨୦୨୬ ରହିଥିଲା ।

ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ତିନୋଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସର୍ଭେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି । ଧାର୍ଯ୍ୟ ବର୍ଦ୍ଧିତ ସମୟସୀମା ମଧ୍ୟରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ସହ କାର୍ଯ୍ୟ ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ସମୟସୀମା ବୃଦ୍ଧି କେବଳ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲା ପାଇଁ ପ୍ରଯୁଜ୍ୟ ହେବ । ଘରକୁ ଘର ସର୍ଭେ ସମ୍ପର୍କରେ କମିଶନଙ୍କ ପକ୍ଷରୁ ପୂର୍ବରୁ ଜାରି ଅନ୍ୟ ସମସ୍ତ ନିର୍ଦ୍ଦେଶାବଳୀ ଅପରିବର୍ତ୍ତିତ ରହିବ ।

ଆତ୍ମସମର୍ପଣ...

ସଂଗ୍ରାମ କେଶରୀ ବେହେରା, ରୋଷେୟା ମନ୍ମଥ କୁମ୍ଭ ଏବଂ ସୋମ୍ୟଙ୍କ ପନୀ ବିଦ୍ୟାଭାରତୀଙ୍କ ନାମରେ ହତ୍ୟା ଅଭିଯୋଗ ହୋଇଥିଲା । ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାରେ କ୍ଲିନଚିଟ ଦେବାରୁ ମାମଲାଟି ଆଉ ଆଗକୁ ବଢ଼ି ନଥିଲା । ଏହି ଘଟଣାକୁ ଚ୍ୟାଲେଞ୍ଜ କରି ମୃତ ଏସିଏଫ ସୋମ୍ୟଙ୍କ ପିତା ନ୍ୟାୟଳୟରେ ଆଶ୍ରୟ ନେଇଥିଲେ । ଏହି ମାମଲାରେ ପାରଳାର ପୂର୍ବତନ ଡ଼ିଏଫଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ପାରଳା ଏସଡିଜେଏମ କୋର୍ଟରେ ଆତ୍ମ ସମର୍ପଣ କରିଥିଲେ । ହେଲେ ଏହି ଜାମିନ ଆବେଦନ ଖାରଜ ହେବା ପରେ ପାରଳାଖେମୁଣ୍ଡି ସବଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି । ଠିକ ସେହିପରି ଭାବେ ବିଦ୍ୟାଭାରତୀ ସୋମବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ଆତ୍ମ ସମର୍ପଣ କରିବା ପରେ ଜାମିନ ଆବେଦନ ଖାରଜ ହେବାରୁ ବିଦ୍ୟାଭାରତୀଙ୍କୁ ମଧ୍ୟ ଏସଡିଜେଏମଙ୍କ ନିର୍ଦ୍ଦେଶକ୍ରମେ ପାରଳା ସବଜେଲ ହାଜତକୁ ପଠାଇ ଦିଆଯାଇଛି ।

୫ ଲକ୍ଷ...

୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏଥିପାଇଁ ୨୭ ଅକ୍ଟୋବର, ୨୦୨୬ରେ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ । ବାକି ୩ ଲକ୍ଷ ୧୦ ହଜାର ଟଙ୍କା ତୁରନ୍ତ ନ ଦେଲେ ଭବିଷ୍ୟତରେ ତୃତୀୟ ରେଳ ଲାଇନ ପ୍ରକଳ୍ପ ଜମି ଅଧିଗ୍ରହଣ ବେଳେ ସମସ୍ୟା କରିବେ ବୋଲି ଧମକ ଦେଇଥିଲେ । ଏଥିରେ ଅତିଷ୍ଠ ହୋଇ ଜମି ମାଲିକ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ତେବେ ସୋମବାର ଅନୁଗୁଳ ବିଜଡି କଲେଜ ନିକଟରେ ବାକି ଟଙ୍କା ଲାଞ୍ଚ ନେବା ବେଳେ ଶ୍ରୀ ଗଡନାୟକଙ୍କୁ ଭିଜିଲାନ୍ସ ଟିମ୍ ଧରିବାରେ ସକ୍ଷମ ହୋଇଛି ।

ଡା.ଅଶୋକ...

ସେଣ୍ଟରର ମୁଖ୍ୟ ଏବଂ ଗବେଷଣା ଡିନ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ । ସେ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୭ ମସିହାରେ ଯୋଡ଼ାମୁଣ୍ଡ ଶିଶୁ ଜଗ-କାଳିଆଙ୍କ ସଫଳ ଅସ୍ତ୍ରୋପଚାର କରି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ । ଦିଲ୍ଲୀ ଏମ୍ସରେ କରାଯାଇଥିବା ଏହି ଜଟିଳ ପ୍ରକ୍ରିୟା ଭାରତରେ ଏହା ପ୍ରଥମ ସଫଳ ଅସ୍ତ୍ରୋପଚାର ଥିଲା । ଲିମ୍କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ । ୨୦୨୪ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କର ୬୦୦ରୁ ଅଧିକ ଗବେଷଣାତ୍ମକ ପ୍ରବନ୍ଧ ଓ ୧୫ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି । ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ତାଙ୍କୁ ସିଭିରମଣ ଆୱାର୍ଡ ମଧ୍ୟ ପ୍ରଦାନ କରାଯାଇଛି । ସୋଆର ପୂର୍ବତନ କୁଳପତି ଭାବେ କାର୍ଯ୍ୟ କରିବା ସହ ଏବେ ସୋଆର ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରମୁଖ ଉପଦେଷ୍ଟା ଭାବେ କାର୍ଯ୍ୟରତ ଥିଲେ ।

ଡ. ଅଶୋକ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଦେଶର ଜଣେ ପ୍ରମୁଖ ନିରୋ ସର୍ଜନ ଭାବେ ସେ ଜଣାଶୁଣା । ସ୍ୱାସ୍ଥ୍ୟସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁ ଓଡ଼ିଶାକୁ ଗର୍ବିତ କରିବା ସହ ରାଷ୍ଟ୍ରକୁ ମଧ୍ୟ ଗର୍ବିତ କରିଛନ୍ତି । ସ୍ୱାସ୍ଥ୍ୟସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ସେ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ । ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ କାମନା କରୁଛି । ସେହିଭଳି ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସେହିଭଳି ଦିଲ୍ଲୀ ଉତ୍କଳ ଅସ୍ମିତାର ସଭାନେତ୍ରୀ ଡା. ଅନୀତା ପଣ୍ଡା ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ଏସ୍ଆଇଆର...

ଏଠାରେ ୧୫.୪୪ କୋଟି ଭୋଟର ଥିବାବେଳେ ଡ୍ରାଫ୍ଟ ତାଲିକାରେ ଏହା ୧୨.୫୬ କୋଟିକୁ ହ୍ରାସ ପାଇଥିଲା । ପରେ ଚୂଡ଼ାନ୍ତ ତାଲିକାରେ ଏହା ୧୩.୪୦ କୋଟିକୁ ବୃଦ୍ଧି ପାଇଛି । ତଥାପି ରାଜ୍ୟରେ ମୋଟ ୨.୦୪ କୋଟି ଭୋଟର ହ୍ରାସ ପାଇଛନ୍ତି, ଯାହା ୧୩.୨୪ ପ୍ରତିଶତ । ୫ଟି ରାଜ୍ୟ ମଧ୍ୟରେ ଏହା ସର୍ବାଧିକ ।

ଡ୍ରାଫ୍ଟ ତାଲିକାରୁ ପ୍ରାୟ ୨.୮୯ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିଥିଲା । ଏଥିମଧ୍ୟରୁ ପ୍ରାୟ ୮୪ ଲକ୍ଷ ନାମ, ଅର୍ଥାତ୍ ବାଦ୍ ପଡ଼ିଥିବା ନାମର ପ୍ରାୟ ୨୯ ପ୍ରତିଶତ, ଚୂଡ଼ାନ୍ତ ତାଲିକାରେ ପୁନଃ ସାମିଲ ହୋଇଛି । ପଞ୍ଜାବରେ ତୃତୀୟ ପର୍ଯ୍ୟାୟରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା । ସଂଶୋଧନ ପୂର୍ବରୁ ରାଜ୍ୟରେ ୨.୧୫ କୋଟି ଭୋଟର ଥିବାବେଳେ ଡ୍ରାଫ୍ଟ ତାଲିକାରେ ଏହା ୧.୯୪ କୋଟିକୁ ହ୍ରାସ ପାଇଥିଲା । ଚୂଡ଼ାନ୍ତ ତାଲିକାରେ ଏହା ୨.୦୧ କୋଟିକୁ ବୃଦ୍ଧି ପାଇଛି ।

ମୋଟ ୧୪ ଲକ୍ଷ ଭୋଟର ହ୍ରାସ ପାଇଛନ୍ତି, ଯାହା ୬.୩୪ ପ୍ରତିଶତ । ୫ଟି ରାଜ୍ୟ ମଧ୍ୟରେ ପଞ୍ଜାବରେ ସର୍ବାଧିକ ନାମ ପୁନଃ ସାମିଲ ହୋଇଛି । ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ପ୍ରାୟ ୨୧ ଲକ୍ଷ ନାମ ମଧ୍ୟରୁ ୭ ଲକ୍ଷ, ଅର୍ଥାତ୍ ପ୍ରାୟ ୩୪ ପ୍ରତିଶତ ନାମ ପୁନଃ ଯୋଡ଼ାଯାଇଛି । ଉତ୍ତରାଖଣ୍ଡରେ ମଧ୍ୟ ତୃତୀୟ ପର୍ଯ୍ୟାୟରେ ଏସ୍ଆଇଆର୍ କରାଯାଇଥିଲା । ସଂଶୋଧନ ପୂର୍ବରୁ ୮୦ ଲକ୍ଷ ଭୋଟର ଥିବାବେଳେ ଡ୍ରାଫ୍ଟ ତାଲିକାରେ ଏହା ୭୧ ଲକ୍ଷକୁ ହ୍ରାସ ପାଇଥିଲା । ଚୂଡ଼ାନ୍ତ ତାଲିକାରେ ଭୋଟରଙ୍କ ସଂଖ୍ୟା ୭୨ ଲକ୍ଷ ରହିଛି ।

ରାଜ୍ୟରେ ମୋଟ ୮ ଲକ୍ଷ ଭୋଟର ହ୍ରାସ ପାଇଛନ୍ତି, ଯାହା ୧୦.୦୭ ପ୍ରତିଶତ । ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ନାମ ମଧ୍ୟରୁ କେବଳ ୨୫ ହଜାର ନାମ ପୁନଃ ସାମିଲ ହୋଇଛି । ଏହା ପ୍ରାୟ ୩ ପ୍ରତିଶତ । ମଣିପୁରରେ ତୃତୀୟ ପର୍ଯ୍ୟାୟରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା । ସଂଶୋଧନ ପୂର୍ବରୁ ରାଜ୍ୟରେ ୨୦.୯ ଲକ୍ଷ ଭୋଟର ଥିବାବେଳେ ଡ୍ରାଫ୍ଟ ତାଲିକାରେ ଏହା ୧୯.୩ ଲକ୍ଷକୁ ହ୍ରାସ ପାଇଥିଲା । ଚୂଡ଼ାନ୍ତ ତାଲିକାରେ ଏହା ୧୯.୬ ଲକ୍ଷ ରହିଛି । ମୋଟ ୧.୩ ଲକ୍ଷ ଭୋଟର ହ୍ରାସ ପାଇଛନ୍ତି, ଯାହା ୬.୩୩ ପ୍ରତିଶତ । ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ନାମ ମଧ୍ୟରୁ ପ୍ରାୟ ୧୭ ପ୍ରତିଶତ ପୁନଃ ସାମିଲ ହୋଇଥିବା ପିଟିଆଇ ରିପୋର୍ଟରେ ଉଲ୍ଲେଖ ରହିଛି । ଗୋଆରେ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍ଆଇଆର୍ କରାଯାଇଥିଲା । ସଂଶୋଧନ ପୂର୍ବରୁ ରାଜ୍ୟରେ ୧୧.୮୫ ଲକ୍ଷ ଭୋଟର ଥିବାବେଳେ ଡ୍ରାଫ୍ଟ ତାଲିକାରେ ଏହା ୧୦.୮୫ ଲକ୍ଷକୁ ହ୍ରାସ ପାଇଥିଲା । ଚୂଡ଼ାନ୍ତ ତାଲିକାରେ ଏହା ଆହୁରି ହ୍ରାସ ପାଇ ୧୦.୫୮ ଲକ୍ଷରେ ପହଞ୍ଚିଛି ।

ରାଜ୍ୟରେ ପ୍ରାୟ ୧.୩ ଲକ୍ଷ ଭୋଟର ହ୍ରାସ ପାଇଛନ୍ତି, ଯାହା ୧୦.୭୬ ପ୍ରତିଶତ । ୫ଟି ରାଜ୍ୟ ମଧ୍ୟରେ ଗୋଆ ଏକମାତ୍ର ରାଜ୍ୟ, ଯେଉଁଠାରେ ଚୂଡ଼ାନ୍ତ ତାଲିକାରେ ଡ୍ରାଫ୍ଟ ତାଲିକା ତୁଳନାରେ ଭୋଟରଙ୍କ ସଂଖ୍ୟା ଆହୁରି କମିଛି । ଏଠାରେ କୌଣସି ନାମର ନେଟ୍ ପୁନଃ ସାମିଲ ହୋଇନାହିଁ । ନିକଟରେ ୧୭ଟି ରାଜ୍ୟରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିର୍ଦ୍ଦେଶ ଦେବା ସମୟରେ ନିର୍ବାଚନ ଆୟୋଗ କହିଥିଲେ ଯେ, ଏହି ୫ଟି ରାଜ୍ୟରେ ଆଗାମୀ ବର୍ଷ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ହୋଇପାରେ । ନିର୍ବାଚନ ପୂର୍ବରୁ ଚାଲିଥିବା ଏହି ସଂଶୋଧନ ପ୍ରକ୍ରିୟାରେ ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ପୁନଃ ପଞ୍ଜୀକରଣର ସୁଯୋଗ ମିଳିବ । ଏହାସହ ଜାନୁଆରି ୧ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରୁଥିବା ନାଗରିକମାନେ ମଧ୍ୟ ଭୋଟର ଭାବେ ପଞ୍ଜୀକରଣ କରି ନିର୍ବାଚନରେ ମତଦାନ କରିପାରିବେ । ଉତ୍ତରପ୍ରଦେଶର ୪୦୩ ସଦସ୍ୟ ବିଶିଷ୍ଟ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ବର୍ଷ ମେ' ୨୨ରେ ଶେଷ ହେବ । ମଣିପୁରର ୬୦, ଗୋଆର ୪୦, ପଞ୍ଜାବର ୧୧୭ ଓ ଉତ୍ତରାଖଣ୍ଡର ୭୦ ସଦସ୍ୟ ବିଶିଷ୍ଟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ୨୦୨୭ ମାର୍ଚ୍ଚ ମାସରେ ବିଭିନ୍ନ ତାରିଖରେ ଶେଷ ହେବ । ଜନପ୍ରତିନିଧି ଆଇନ, ୧୯୫୦ ଅନୁଯାୟୀ, ବିଧାନସଭାର କାର୍ଯ୍ୟକାଳ ଶେଷ ହେବାର ୬ ମାସ ପୂର୍ବରୁ ମଧ୍ୟ ନିର୍ବାଚନ ଆୟୋଗ ନିର୍ବାଚନ କରାଇପାରିବେ । ମୋଟାମୋଟି ଭାବେ, ଏସ୍ଆଇଆର୍ ପରେ ୫ଟି ନିର୍ବାଚନମୁଖୀ ରାଜ୍ୟରେ ୨.୨୯ କୋଟି ଭୋଟରଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଉତ୍ତରପ୍ରଦେଶରେ ସର୍ବାଧିକ ହ୍ରାସ ଘଟିଛି । ତେବେ ଯୋଗ୍ୟ ଓ ନୂଆ ଭୋଟରଙ୍କୁ ତାଲିକାରେ ସାମିଲ ହେବା ପାଇଁ ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାରେ ପୁନଃ ସୁଯୋଗ ମିଳିବ ।

ବାତ୍ୟା...

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଉପସ୍ଥିତିରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସମ୍ଭାବ୍ୟ ଆଉ ଏକ ବାତ୍ୟା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ । ଅର୍ଣ୍ଣବ ବାତ୍ୟା ଓ ବନ୍ୟା ଯୋଗୁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଞ୍ଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି । ସେହିପରି ୨୩ଟି ସହରାଞ୍ଚଳର ୩୦୭ଟି ୱାର୍ଡର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଜନସଂଖ୍ୟା ସମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ, ପ୍ରଭାବିତ ଅଞ୍ଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ବିପର୍ଯ୍ୟୟରେ ଗଞ୍ଜାମ ୩ ଜଣ ବ୍ୟକ୍ତିଙ୍କର ଜୀବନହାନି ହୋଇଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରିଲିଫ୍ କ୍ୟାମ୍ପଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଯଥା ଚାଉଳ, ଚୁଡ଼ା, ଗୁଡ଼ ଏବଂ ଗୋ-ଖାଦ୍ୟ ବଣ୍ଟନ କରାଯାଉଛି । ଏହା ସହିତ ପ୍ରଭାବିତମାନଙ୍କୁ ୫,୪୫୮ଟି ପଲିଥିନ୍ ସିଟ୍ ମଧ୍ୟ ଯୋଗାଇ ଦିଆଯାଇଛି ।

ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ଚଳିଛି । ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ନିୟନ୍ତ୍ରଣ କକ୍ଷ ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ ଘଣ୍ଟା (୨୪/୭) ସକ୍ରିୟ ରଖାଯାଇଛି । ରାସ୍ତାଘାଟଗୁଡ଼ିକୁ ଯାନବାହନ ଚଳାଚଳ ପାଇଁ ଉପଯୁକ୍ତ କରିବାକୁ ସମସ୍ତ କର୍ମଚାରୀ, ସାମଗ୍ରୀ ଏବଂ ଯନ୍ତ୍ରପାତି ନିୟୋଜିତ କରାଯାଇଛି । ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ଓ ପାତ୍ରପୁର ବ୍ଲକର ୧୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି । ଭଞ୍ଜନଗରରେ ରାସ୍ତା ଉପରେ ଭୂସ୍ଖଳନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି । ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ଭୂସ୍ଖଳନ ଅବସ୍ଥା ସଫା କରାଯାଇଛି । ପାଣି ମାଡ଼ିଯିବା ଯୋଗୁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି । ଗୋଷାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । କନ୍ଧମାଳ ଜିଲ୍ଲାର ୩ଟି ବ୍ଲକର ୩୧ଟି ରାସ୍ତା ଫାଟ ମଧ୍ୟରୁ ୧୫ଟି ବନ୍ଦ ହୋଇସାରିଥିବାବେଳେ ୧୬ଟି ନିର୍ମାଣାଧିନ ଅଛି । ୩ଟି ବ୍ଲକର ୭ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଛି ଏବଂ ୩୧ଟିର କାମ ଚାଲିଛି । ରାୟଗଡ଼ା ଜିଲ୍ଲାର ଗୁଣୁପୁରରେ ଭୂସ୍ଖଳନ ଯୋଗୁ ରାସ୍ତା ଉପରେ ୧୫ଟି ସ୍ଥାନରେ ଜମିଥିବା ଆବର୍ଜନା ଓ ମାଟି ବାଧକକୁ ସଫା କରାଯାଇଛ ।

ଡାଏରିଆ, ମଲେରିଆ, ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା "ରାପିଡ୍ ରେସପନ୍ସ ଟିମ୍" ଏବଂ ମୋବାଇଲ୍ ହେଲଥ ଟିମ୍ ନିୟୋଜିତ କରାଯାଇଛି । ଆସୁଥିବା ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ସୁରକ୍ଷା ବାହିନୀ ଗଞ୍ଜାମ ଜିଲ୍ଲାରେ ୩୨ଟି ଓଡ୍ରାଫ୍ ଏବଂ ୩ଟି ଏନଡିଆରଏଫ୍ ଟିମ୍ (ମୋଟ ୩୫ଟି ଟିମ୍) ମୁତୟନ ଅଛନ୍ତି । ଗଜପତିରେ ୯ ଟି ଓଡ୍ରାଫ୍ ଟମ ସହିତ ରାୟଗଡ଼ା୩ ଟି, ଓଡ୍ରାଫ, ୧ ଟି ଏଡ଼ଡିଆରଏଫ୍, କୋରାପୁଟରେ ୩ ଟି ,୧ ଟି ଏନଡିଆରଏଫ, ମାଲକାନଗିରିରେ ୩ ଟି ଓଡ୍ରାଫ୍, ୧ ଟି ଏନଡିଆରଏଫ୍ ଟିମ, କନ୍ଧମାଳରେ ୪ ଟି ଓଡ୍ରାଫ୍, ୨ ଟି ଏନଡିଆରଏଫ୍, ଓ ନବରଙ୍ଗପୁରରେ ୩ଟି ଓଡ୍ରାଫ୍ ଟିମ୍ ନିୟୋଜିତ କରାଯାଇଛି । ଜନସାଧାରଣଙ୍କୁ ସୁରକ୍ଷିତ ରିଲିଫ୍ ସେଣ୍ଟର, ନିକଟସ୍ଥ ସ୍କୁଲ୍, କଲେଜ କିମ୍ବା ଚାଲିଯିବାକୁ ନିବେଦନ କରାଯାଇଛି । ଆଶା ଓ ଆଙ୍ଗନବାଡ଼ି କର୍ମୀମାନେ ଲୋକଙ୍କୁ ସଚେତନ କରୁଛନ୍ତି ।

ବିମାନରେ...

୧୪ର ଉଲ୍ଲଂଘନ ବୋଲି ସେ ଯୁକ୍ତି ଦର୍ଶାଇଥିଲେ ।

ସାମାଜିକ କର୍ମୀ ଏସ୍. ଲକ୍ଷ୍ମୀନାରାୟଣନ୍ ମଧ୍ୟ ଏକ ପୃଥକ ଆବେଦନ ଦାଖଲ କରିଛନ୍ତି । ଏଥିରେ ଦେଶର ବିମାନ ଚଳାଚଳ କ୍ଷେତ୍ରରେ ସ୍ୱଚ୍ଛତା ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏକ ସଶକ୍ତ ନିୟାମକ ସଂସ୍ଥା ଗଠନ ସହ ବିମାନ ଭଡ଼ା ଓ ଅତିରିକ୍ତ ଶୁଳ୍କର ଅନିୟନ୍ତ୍ରିତ ଉତ୍ଥାନ-ପତନ ରୋକିବାକୁ ନିୟମାବଳୀ ପ୍ରଣୟନ କରିବାକୁ ଦାବି କରାଯାଇଛି । ଅକ୍ଟୋବର ୧୬ରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଭାରତୀୟ ବିମାନ ଚଳାଚଳ କ୍ଷେତ୍ରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ୨୦୨୪ର ଏକ ଆଇନ ଅଧୀନରେ ପ୍ରସ୍ତୁତ ନିୟମଗୁଡ଼ିକୁ ପ୍ରଶାସନିକ ଅନୁମୋଦନ ମିଳିଛି । ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହା ପ୍ରକାଶିତ ହେବାର ସମ୍ଭାବନା ରହିଛି । ଏହାପରେ ସୁପ୍ରିମକୋର୍ଟ ସଲିସିଟର ଜେନେରାଲ ତୁଷାର ମେହେତାଙ୍କୁ ଭାରତୀୟ ବାୟୁଯାନ ଅଧିନିୟମ, ୨୦୨୪ ଅଧୀନରେ ପ୍ରକାଶିତ ନିୟମଗୁଡ଼ିକୁ ନଭେମ୍ବର ୧୬ରେ ଅଦାଲତରେ ଉପସ୍ଥାପନ କରିବାକୁ କହିଛନ୍ତି । ଜାନୁଆରିରେ ଲକ୍ଷ୍ମୀନାରାୟଣନଙ୍କ ଆବେଦନର ଶୁଣାଣି ସମୟରେ ଶୀର୍ଷ ଅଦାଲତ ବିମାନ ଭଡ଼ାର ଅନିୟନ୍ତ୍ରିତ ବୃଦ୍ଧିରେ ହସ୍ତକ୍ଷେପ କରିବା ନେଇ ସଙ୍କେତ ଦେଇଥିଲେ । ବିଶେଷକରି ପର୍ବପର୍ବାଣି ସମୟରେ ଅତ୍ୟଧିକ ଭଡ଼ା ବୃଦ୍ଧିକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଥିଲେ ।

ଖୋଲା ମଞ୍ଚରେ...

ଭାରତର ଆର୍ଥିକ ବ୍ୟବସ୍ଥା ବିଦେଶୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଓ ସମର୍ଥିତ ଥିବା ଏବଂ ବିଦେଶୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକ ମୋଦୀଙ୍କୁ ସମର୍ଥନ କରୁଥିବା ରାହୁଲ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି, "ଆପଣଙ୍କ ଆର୍ଥିକ ବ୍ୟବସ୍ଥା ବିଦେଶୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଓ ସମର୍ଥିତ । ବିଦେଶୀ ସୋସିଆଲ୍ ମିଡିଆ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି । ଏହି ପ୍ରସଙ୍ଗରେ ମୁଁ ଆପଣଙ୍କୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଉଛି । ଯେକୌଣସି ମଞ୍ଚରେ, ଯେକୌଣସି ସମୟରେ । ସାହସ ଅଛି ତ ଆସନ୍ତୁ ।" ଏହା ସହ ମୋଦୀ ଖୋଲା ବିତର୍କରେ ଯୋଗଦେବାକୁ ସାହସ କରିବେ ନାହିଁ ବୋଲି ରାହୁଲ ଦାବି କରିଛନ୍ତି । ତାଙ୍କ ବିଷୟରେ ରାହୁଲ ଯାହା ଜାଣିଛନ୍ତି, ସେଥିପାଇଁ ମୋଦୀ ଭୟଭୀତ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ମୋଦୀ କହିଥିଲେ ଯେ, ଗଣତନ୍ତ୍ରରେ ବିରୋଧୀଙ୍କ ଦାୟିତ୍ୱ ହେଉଛି ସରକାରଙ୍କ ନୀତିକୁ ପ୍ରଶ୍ନ କରିବା ଓ ବିରୋଧ କରିବା । କିନ୍ତୁ ଦୁର୍ଭାଗ୍ୟବଶତଃ ବିରୋଧୀ ଦଳ ଏବେ ବାଧା ସୃଷ୍ଟିକାରୀ ଶକ୍ତିରେ ପରିଣତ ହୋଇଛି ବୋଲି ସେ କହିଥିଲେ । ମୋଦୀଙ୍କ କହିବା ଅନୁଯାୟୀ, ବିରୋଧୀ ଦେଶର ବିକାଶରେ ବାଧା ସୃଷ୍ଟି କରୁଛନ୍ତି । ନିରାଶା ଓ ହତାଶାରୁ ଏଭଳି କାର୍ଯ୍ୟ କରାଯାଉଛି । ଏହାସହ ସମ୍ବିଧାନର ମର୍ଯ୍ୟାଦା ଓ ପବିତ୍ରତାକୁ କ୍ଷୁଣ୍ଣ କରାଯାଉଥିବା ସେ ଅଭିଯୋଗ କରିଥିଲେ । "ଏହା ବିରୋଧ ନୁହେଁ, ଏହା ବାଧା । ସେମାନେ ଏହାକୁ ନିଜର ରାଜନୈତିକ ଏଜେଣ୍ଡା କରିଛନ୍ତି । ସମ୍ବିଧାନର ମର୍ଯ୍ୟାଦା ଓ ପବିତ୍ରତାକୁ କ୍ଷୁଣ୍ଣ କରିବାରେ ସେମାନେ ଲାଗିଛନ୍ତି," ବୋଲି ମୋଦୀ କହିଥିଲେ । ଦେଶକୁ ବିଭାଜିତ କରିବା ପାଇଁ କିଛି ଶକ୍ତି ନିରନ୍ତର ଷଡ଼ଯନ୍ତ୍ର କରୁଥିବା ମୋଦୀ ଅଭିଯୋଗ କରିଥିଲେ । ଏକ ଦଶନ୍ଧିରୁ ଅଧିକ ସମୟର ନିରାଶା ଓ ହତାଶା ପରେ ଏହି ଶକ୍ତିଗୁଡ଼ିକ ଏବେ ଖୋଲାଖୋଲି ସାମ୍ନାକୁ ଆସିଛନ୍ତି ବୋଲି ସେ କହିଥିଲେ ।

ବିଦେଶରେ କିଏ କାହା ସହ ଗୁପ୍ତ ବୈଠକ କରୁଛି, ଭାରତ ବିରୋଧୀ ଶକ୍ତି କାହାକୁ ସମର୍ଥନ କରୁଛନ୍ତି ଏବଂ କିଏ ଭାରତର ଶତ୍ରୁମାନଙ୍କ ଭାଷା କହୁଛି, ସେ ନେଇ ମୋଦୀ ପ୍ରଶ୍ନ ଉଠାଇଥିଲେ । ଏହି ସମସ୍ତ ଘଟଣାକ୍ରମକୁ ଚିହ୍ନଟ କରି ଏକଜୁଟ ହୋଇ ଏହାର ମୁକାବିଲା କରିବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହାସହ ସୋସିଆଲ୍ ମିଡିଆର ଅପବ୍ୟବହାର କରି ଗୁଜବ ପ୍ରଚାର ଓ ଭାରତର ଛବିକୁ ଖରାପ କରିବାକୁ ଉଦ୍ୟମ ହେଉଥିବା ନେଇ ମୋଦୀ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଭଳି ଆହ୍ୱାନର ମୁକାବିଲା ପାଇଁ ଦେଶବାସୀ ଏକଜୁଟ ହେବା ଆବଶ୍ୟକ ବୋଲି ସେ କହିଥିଲେ ।

ଗୋଟିଏ ରାତିରେ ୪ ସ୍ଥାନରୁ ଚୋରି

ମଙ୍ଗଳପୁର,(ସବ୍ୟ) : ମଙ୍ଗଳପୁର ଥାନା ଅଞ୍ଚଳରେ ଲଗାତାର ଚୋରି ଘଟଣା ମଙ୍ଗଳପୁର ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି । ବାରମ୍ବାର ଚୋରି ଘଟଣାକୁ ନେଇ ଅଂଚଳରେ ଆତଙ୍କର ବାତାବରଣ ଖେଳିଯାଇଛି । ଅଭିଯୋଗ ଅନୁଯାୟୀ ମଙ୍ଗଳପୁର ଥାନାର ଅନତି ଦୂରରେ ଥିବା ଥାଲକୁଡ଼ି ଗ୍ରାମରେ ରବିବାର ରାତିରେ ଚାରିଗୋଟି ସ୍ଥାନରୁ ଚୋରମାନେ କଳାକନା ବୁଲାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସ.ଆଇ ଅନିତା ପ୍ରଧାନ ଘଟଣାସ୍ଥଳରେ ଫରେନସିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି । ପ୍ରକାଶ ଥାଉକି ଚୋରମାନେ ପ୍ରଥମେ ଥାଲକୁଡ଼ି ଗ୍ରାମର ସୁଧାଂଶୁ ବେହୁରିଆ ଓ ହିମାଂଶୁ ବେହୁରିଆଙ୍କ ଘରେ ପଶିବା ସହିତ ଘରର ଗେଟ ଓ କବାଟର ତାଲା ଭାଙ୍ଗିବା ସହିତ ଗଡ଼ରେଜ ଆଦି ଭାଙ୍ଗି ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତ ।

E-mail ID:ori-agalpur@nic.in
GOVERNMENT OF ODISHA
OFFICE OF THE PANCHAYAT SAMITI.AGALPUR,
19001/321/2627 AT: DUDUKA, DIST. BALANGIR
"e"-Procurement Notice
Bid Identification No-PS-AGLP-04 OF 2026-27.
Letter No. 2408 / Date : 29.10.2026

1.	The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of Building & Earth Works as detailed in DTCN.		
2.	Nature of Works	:	Building & Earth works
3.	No. of works.	:	09 (Nine) Nos
4.	Tender Paper Cost	:	Rs 6,000/-
5.	Class of Contractor	:	B, C & D Contractor
6.	Availability of bid document in the website	:	From 10:00 A.M. Date-: 03.11.2026 to 05:00 P.M Date-13.11.2026
7.	Date of opening of Bid	:	09 : 00A.M. On Dt. 17.11.2026
8.	The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender Can also be seen in the said website only.		

Sd/- Block Development Officer,
Agalpur(Duduka)
OIPR : 19001/19300/1/26-27/0004

ବିଜ୍ଞାପନ
ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର
ଓ.ଏ ନମ୍ବର ୧୯୧/୨୦୨୪ ଧା ୩୬ ରା

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆ ଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା, ଖଣ୍ଡଗିରି ଥାନା, ଜଗମରା ଗ୍ରାମରେ ବିଜେ ହୋଇଥିବା ଶ୍ରୀ ଭାଗବତ ସେବା ମଣ୍ଡପ ଓରଫ ଛତା ପଥର ମଠର ମହନ୍ତ ଅଜୟ ଦାସ ମହାରାଜଙ୍କ ଦେହାନ୍ତେ ଉକ୍ତ ମଠର ମହନ୍ତ ଅଧିକାରୀ ଅମର କୁମାର ଦାସ, ସ୍ୱର୍ଗତ ଅଜୟ ଦାସ ମହାରାଜଙ୍କ ଚେଲା ସୂତ୍ରେ ମୌରସୀନ୍ୟାସୀ/ ମହନ୍ତ ରୂପେ ସ୍ୱିକୃତି ମିଳିବା ନିମନ୍ତେ ଅତ୍ର ଅଦାଲତରେ ଓଡିଶା ହିନ୍ଦୁ ଦେବୋତ୍ତର ଆଇନର ଧା ୩୬ ରା ଅନୁଯାୟୀ ଉପରୋକ୍ତ ମୋକଦ୍ଦମା ଦାଖଲ କରିଛନ୍ତି ଓ ଆହୁରି ମଧ୍ୟ ସେ ସେହି ମଠର ପୂର୍ବତନ ଅନ୍ତେବାସୀ ଶ୍ରୀ ଉମାକାନ୍ତ ଚମ୍ପତିଙ୍କୁ ହିନ୍ଦୁ ଜନସାଧାରଣଙ୍କ ତରଫରୁ ପକ୍ଷଭୁକ୍ତ କରିଛନ୍ତି ।

ଏଣୁ ଉପରୋକ୍ତ ଦରଖାସ୍ତ ବା ଦାବୀ ଉପରେ କାହାର କୌଣସି ଦାବୀ ବା ଆପତ୍ତି ଥିଲେ ଆସନ୍ତା ତା ୧୮/୧୧/୨୦୨୬ ରିଖ ଦିବା ଘ ୧୦.୩୦ ଟିକାରେ ଅତ୍ର ଅଦାଲତରେ ନିଜେ ବା କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଦାବୀ ବା ଆପତ୍ତି କରିପାରିବେ ।

ଧାର୍ଯ୍ୟ ତାରିଖରେ ମୋକଦ୍ଦମା ଆଇନାନୁଯାୟୀ ବିଚାର କରାଯିବ ।

ସ୍ୱା- ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱର

BADABIL MUNICIPALITY
P.O.: Badabil, District: Kendujhar, Odisha, PIN; 758035
Ph.:-(06767)275278
E-Mail: eobblmnc@yahoo com / eobblmnc@gmail.com
Letter No. 5494 / BBL MPLTY Date : 29.10.2026
OFFICE OF THE MUNICIPAL COUNCIL, BADABIL
13001/2338/2627 "e"- Procurement Notice
BID REFERENCE MUNICIPALITY (BBLM-4/2026-27)
TENDER CALL NOTICE NO. 5491/ BBL MPLTY DATE. 29.10.2026

1. Name of the work :- Civil construction works as mentioned in website.
2. No. of work :- 8 (Eight)
3. Bid value :- Rs.3,31,843/- to Rs.19,98,456/-
4. Period of completion :- 90-180 days
5. Period of availability of tenders online :- From 10.00 A.M. of 02.11.2026 to 5.00 P.M. of 16.11.2026
6. Last Date & time of bidding online :- 5.00 P.M. of 16.11.2026
7. Date & time of opening of Technical Bid :-11.00 A.M. of dt.17.11.2026
8. Name and address of the officer inviting bid : EXECUTIVE OFFICER, BADABIL MUNICIPALITY.

Further details can be seen from the procurement portal : www.tendersorissa.gov.in
Sd/- Executive Officer,
Badabil Municipality
OIPR : 13001/13108/1/26-27/0012

GOVERNMENT OF ODISHA,
"e"-PROCUREMENT NOTICE
OFFICE OF THE NOTIFIED AREA COUNCIL, DASHAPALLA
13001/2325/2627 Tender Cancellation Notice
Bid Identification No. NAC-Daspalla/02/2026-27
No.2840 Dt.31.10.2026

The following development work as mentioned below published vide E-Procurement Notice No.1217 dt.20.04.2026 is hereby cancelled due to some un-avoidable circumstances.

Sl. No.	Name of Work
1	Improvement & Renovation of Road from Near Jagadev Patana P.A.C.S. (Primary Agricultural Credit Society) to Gramadevati Temple (Jaripatna) and Damidei Nodal UP School to Gopinath Temple (Arghatiapatna) of NAC Daspalla.

Sd/- Executive Officer,
Notified Area Council,
Dashapalla
OIPR : 13001/13141/1/26-27/0008

GOVERNMENT OF ODISHA
OFFICE OF THE DIVISIONAL FOREST OFFICER,
PARALAKHEMUNDI DIVISION
8001/432/2627 e-mail: dfo.parlakhemundi@odisha.gov.in
INVITATION FOR BIDS (IFB)
Letter No. 5911 / Dtd. 29.10.2026
TENDER CALL NOTICE
INVITATION FOR BIDS (IFB)
E-Procurement Bid Identification No.PKD -02/2026-27

1.	Name of work	:	Construction of Buildings
2.	No. of works	:	02 Nos.
3.	No. of covers	:	Single Cover
4.	Estimated Cost	:	Rs. 12,76,000/-
5.	Period of Completion	:	Three Calendar Months
6.	Date & Time of availability of bid documents in portal	:	From 30.10.2026 to 05.00 PM to dated 10.11.2026.
7.	Last date/ time for receipt of bids in the portal	:	Up to 5.00 PM of 10.11.2026.
8.	Date of opening of bid documents	:	At 11.30 A.M. of 11.11.2026.
9.	Class of Contractor	:	"C" & "D" Class Contractor
10.	Name and address of officer inviting Bid	:	Divisional Forest Officer, Paralakhemundi Division, Paralakhemundi.

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.
Sd/- Divisional Forest Officer,
Paralakhemundi Division
OIPR : 8001/8148/1/26-27/0002

OFFICE OF THE NOTIFIED AREA COUNCIL, KHADIAL
AT/PO- KHADIAL, District- NUAPADA, PIN-766107
E-mail- khariarn.hud@ori.nic.in, khariarnac@gmail.com.
OFFICE PHONE No.- Ph. 06671-224294/ +91-8280335851
Letter No. 3475 Dated. 30.10.2026
13001/2327/2627 Notice Inviting Tender

Sealed tenders, in conformity with the detailed tender call notice are invited from the intending Registered Man Power Service Providers / Regd. Firms / Regd. NGO / Regd. Private Companies/Entrepreneur satisfying the eligibility criteria as per NIT for execution of providing, cleaning & sanitation work from Ward No. I to XIII of Notified Area Council, Khadial so as to reach the Executive Officer, Notified Area Council, Khadial through registered post/ speed post/Courier Service only up to 5.00 PM on Dt.18.11.2026 and tender of Technical Bid will be opened at Notified Area Council, Khadial on 23.11.2026 at 11.00 A.M. and the Financial Bid will be opened on 26.11.2026 at 11.00 A.M. The details of works, purchase of Tender documents, scope of work, eligibility criteria & submission of tender can be purchased from office of the undersigned from Dt. 30.10.2026 to Dt.18.11.2026 upto 5.00 PM. Tender form can also be downloaded from websites: www.nuapada.odisha.gov.in but it should be accompanied with Bank Draft of Rs.10,000/-(Rupees Ten Thousand only) in the name of Executive Officer, Notified Area Council, Khadial , payable at Khadial along with Bank Draft of EMD, at the time of submission.Details can be had from the office of the undersigned during working hours on working days.

Sd/- Executive Officer,
N.A.C., Khadial
OIPR : 13001/13136/1/26-27/0005

8001/431/2627 Government of Odisha
"e" procrement Notice
Bid Identification no. FE & CC-DFO (T) KJR-01/2026-27
No. 443 Dt. 30.10.2026
e-mail : dfo.keonjhar@odisha.gov.in

1	No. of the work	:	23 Nos. VSS Building
2	Estimated cost	:	Prom Rs. 10.88 Lakh
3	Penod of completion	:	3 (Three) Calendar Months
4	Date and Time of availability of Bid document in the portal	:	From 10.00 Hour of 03.11.2026 to 17.00 Hour of 13.11.2026
5	Last date / Time for receipt of bids in the portal	:	17.00 Hour of 13.11.2026
6	Date of opening of Bid from Portal	:	10.00 Hour of 16.11.2026
7	Name and address of the officer inviting Bid	:	Divisional Forest Officer, Kendujhar Division, Kendujhar

Further details can be seen from the e-procurement portal "http://tendersodisha.gov.in"
Sd/- Divisional Forest Officer
Kendujhar Division
OIPR : 8001/8042/1/26-27/0001

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR
(Sat DISTRICT PROGRAMME MANAGEMENT UNIT
10001/675/2627 (NATIONAL HEALTH MISSION)
AT-DISTRICT HEADQUARTER HOSPITAL, MODIPARA,
SAMBALPUR PO/DIST- SAMBALPUR, PIN - 768 002, ORISSA
Ph :- (0663) 2400441, E-mail:- nhmsambalpur@gmail.com
ZILLA SWASTHYA SAMITI, SAMBALPUR
(Department of Health & FW, Govt, of Odisha)
TENDER CALL NOTICE
Advt. No : 10001/673/IEC Tender/2026-27 Date : 30.10.2026

Sealed tenders in prescribed format are invited from registered firms/agencies/suppliers for printing &supply of IEC/BCC and trainings materials to meet the day to day requirement of IEC materials/logistics of different programmes under H & FW Dept. Sambalpur. Sealed tender documents should reach to the undersigned on or before Dt. \G \ \\ till 04:00 PM, by registered post/speed post/ courier only. Tender document received after the scheduled date & time and received without relevant documents will summarily be rejected. Details of tender documents are available in the district website (www.sambalpur.odisha.qov.in). The undersigned reserves the right to cancel any or all tender document(s) without assigning any reason thereof.

Sd/-
CDM & PHO, Sambalur
OIPR : 10001/10049/1/26-27/0010

OFFICE OF THE PURI MUNICIPAL CORPORATION, PURI
13001/2334/2627
Letter No. 11914 Dt. 31.10.2026
Inviting Request for Proposal for Selection of Agency for Comprehensive Sanitation Management Services for Zone-1 (Ward No, 7,9,10,11,12, 13,14, 15, 18,19,20 & 24) under Puri Municipal Corporation

Puri Municipal Corporation invites Request for Proposal (RFP) for Selection of Agency for Comprehensive Sanitation Management Services for Zone-1 (Ward No. 7,9,10,11, 12,13,14,15,18,19,20 & 24) under Puri Municipal Corporation. The details terms & conditions can be downloaded from the website puri.odisha.gov.in & **www.pmcpuri.odisha.gov.in**. The detail Technical & Financial proposal in conformity with the terms and conditions of the RFP documents shall be submitted to the office of commissioner, Puri Municipal Corporation, Puri on or before **Dt. 19.11.2026** at **4.00 PM** through speed post/Regd. Post/ Courier only. The Technical bids will be opened on **Dt. 20.11.2026** at **11:30 AM** in the office chamber of the Commissioner, Puri Municipal Corporation, Puri.

The authority reserves the right to reject any or all the tenders withour assignin any reason thereof.

Sd/- Commissioner
Puri Municipal Corporation
OIPR : 13001/13159/1/26-27/0037

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭାଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ବିଜେପିର ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଶୋଭାଯାତ୍ରା

ସାମିଲ ହେଲେ ରାଷ୍ଟ୍ରୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ

କଟକ, (ସ୍ୱପ୍ର): ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଆହ୍ୱାନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସୋମବାର କଟକରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା କଟକ ରେଭେନ୍ସା କଲେଜ ସାମ୍ନା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ଦୋଳମୁଣ୍ଡାଇ ଛକ ଠାରେ ଶେଷ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ପ୍ରବକ୍ତା ସାଂସଦ ଡ. ସୁଧାଂଶୁ ତ୍ରିବେଦୀ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ହଜାର ହଜାର କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇ ଗଣତନ୍ତ୍ର ସୁରକ୍ଷା ପାଇଁ ନାରା ଦେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ ବକ୍ତାମାନେ କଂଗ୍ରେସର ଦେଶ ବିରୋଧୀ ଅଣରାଜନୈତିକ ଆଚରଣକୁ ନିନ୍ଦା କରି ବର୍ଷିଥିଲେ ଓ ବିଜେପିର ବୈଚାରିକ ଆଦର୍ଶ ଜନତାଙ୍କ ନିକଟରେ ରଖିଥିଲେ ।



ଏଥିରେ ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ ଏହି ପଦଯାତ୍ରାରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶେଷ ପର୍ଯ୍ୟନ୍ତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ ।ଦେଶ ବିରୋଧୀ ତତ୍ତ୍ୱମାନଙ୍କ କୌଣସି ପ୍ରକାର ଦେଶ ବିରୋଧୀ ତଥା ଗଣତନ୍ତ୍ର ବିରୋଧୀ ନାରାବାଜୀ ଓଡ଼ିଶାରେ ଚାଲିବାକୁ ଦିଆଯିବନି କି ଓଡ଼ିଶାର ଜନତା ବରଦାସ୍ତ କରିବେ ନାହିଁ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସାମଲ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ଏହି ବିଶାଳ ଶୋଭାଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ସୁଦୀପ୍ତ ରାୟ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଏବଂ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ଜିଲ୍ଲା ପ୍ରଭାରି ଇଂ ଜ୍ଞାନଦେବ ବେଉରା, ବିଜୟ ଦଳବେହେରା, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ଭର୍ତ୍ତୃହରି ମହତାବ ସାଂସଦ ପ୍ରକାଶ ଚନ୍ଦ୍ର ସେଠି, ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଲଲାଟେନ୍ଦୁ ବଡୁ, ନୟନ କିଶୋର ମହାନ୍ତି, ବିନୋଦ ଦାଶ, ରଶ୍ମିରେଖା ଦାଶ, ଶ୍ରୀତମ ଦାଶ, ଡ଼ା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅରିନ୍ଦମ ରାୟ, ଅଭୟ ବାରିକ, ଚୌଧୁରୀ ହେମନ୍ତ କୁମାର ସାହୁ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ ।

ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ

ଅସ୍ତରଙ୍ଗ,(ସବ୍ୟୁ): ଅସ୍ତରଙ୍ଗରେ ମା ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ କୁମାରପୂର୍ଣ୍ଣିମାରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ସଭାପତି ହରିହର ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦନ ହେବା ସହ ଆଜି ସନ୍ଧ୍ୟାରେ ଶାନ୍ତିଶୃଙ୍ଖଳାର ସହ ଭସାଣି କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଉପସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ଦିଲ୍ଲୀପ ଦାସ, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ ସହ ଅନ୍ୟ ବରିଷ୍ଠ ଓ କନିଷ୍ଠ ସଭ୍ୟ ଭସାଣି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଗଧାଡିର ସମସ୍ତ ସଦସ୍ୟବୃନ୍ଦ ଯୋଗଦେଇ ମା ଧନଦାତ୍ରୀଙ୍କୁ ବିଦାୟ ଦେଇଥିଲେ । ଅନ୍ୟପକ୍ଷରେ ପୂଜା ଅବସରରେ ନଭେମ୍ବର ୧ରୁ ୦୭ ପର୍ଯ୍ୟନ୍ତ ମୁକ୍ତ ନାଟକ ପ୍ରତିଯୋଗିତା ଓ ୮ ତାରିଖ ଦିନ ପୁରସ୍କାର ବିତରଣ ଉତ୍ସବ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

ପୂର୍ବତଟ ରେଳପଥରେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜିତ ହେବ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ପକ୍ଷରୁ ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀ ମାନଙ୍କ ପାଇଁ ୧ ନଭେମ୍ବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀ ମାନଙ୍କ ପାଇଁ ଅଧିକ ସୁଲଭ କରିବା। ପୂର୍ବ ତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି । ଏହି ଶିବିର ଗୁଡ଼ିକରେ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ।

ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସୋନେଲ୍) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ। ସମ୍ବଲପୁର ଡିଭିଜନ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜିରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ କ୍ୟାରେଜ ରିପେୟାର ୱର୍କସପ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫଏ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ।

୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଶିବିରକୁ ଆସୁଥିବା ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର, ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

ପତ୍ନୀଙ୍କୁ ଆକ୍ରମଣ: ସ୍ୱାମୀ ଗିରଫ

କଟକ,(ସବ୍ୟୁ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଦରଘାବଜାର ଥାନା ପୁଲିସ ଗିରଫ କରିଛି । ସେ ହେଲେ ସ୍ଥାନୀୟ ବାଉଁଶଗଳିର ଜି. ଶ୍ୟାମସେଠୀ(୪୦) ।ଗତ ଅକ୍ଟୋବର ୨୫ ତାରିଖ ବିଳମ୍ବିତ ରାତିରେ ଶ୍ୟାମ ଘରକୁ ଫେରି ଖାଇବାକୁ ମାଗିଥିଲା । ମାତ୍ର ପତ୍ନୀ ଜି. ଶାନ୍ତି ସେଠୀ ସେଦିନ ଆମିଷ ରୋଷେଇ କରିନଥିଲେ । ଏହି ଘଟଣାକୁ ନେଇ ଶ୍ୟାମ ଓ ଶାନ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଶ୍ୟାମ ପତ୍ନୀଙ୍କୁ ମାରପିଟ କରିବା ସହ ସାଇକେଲ ଲକ ହେଉଥିବା ଏକ ତାରରେ ତାଙ୍କ ବେକକୁ ଚିପି ହତ୍ୟା ଉଦ୍ୟମ କରିଥିଲା ।କୌଣସି ପ୍ରକାରେ ଶାନ୍ତି ତା' କବଳରୁ ଖସିଆସି ଘଟଣା ସମ୍ପର୍କରେ ଦରଘାବଜାର ଥାନାରେ ଫେରାଦ ହୋଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ବିଷୟ ଜାଣି ଶ୍ୟାମ କେଉଁଆଡେ ଫେରାର ହୋଇଯାଇଥିଲା । ତଦନ୍ତକ୍ରମେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦରଘାବଜାର ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

ଗିଫ୍ଟ ସ୍ୱୟଂଶାସିତ କଲେଜରେ ଜାତୀୟ ସମ୍ମିଳନୀ ଏଜିଟିଏସଡି

ଭୁବନେଶ୍ୱର, (ସବ୍ୟୁ) : ଗିଫ୍ଟ ସ୍ୱୟଂଶାସିତ କଲେଜର ମେକାନିକାଲ, ସିଭିଲ୍ ଓ କୃଷି ଇଂଜିନିୟରିଂ ବିଭାଗର ମିଳିତ ଆନୁକୁଲ୍ୟରେ ଦୁଇଦିନ ଧରି ଏକ ଜାତୀୟ ସମ୍ମିଳନୀ ଆଡ୍‌ଭାନ୍‌ସେସ୍ ଇନ୍ ଗ୍ରିନ୍ ଟେକ୍ନୋଲୋଜି ଫର୍ ସଷ୍ଟେନେବଲ୍ ଡେଭଲେପମେଂଟ ଶିର୍ଷକ (ଏଜିଟିଏସଡି-୨୦୨୬) ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ବିଭିନ୍ନ ବୈଷୟିକ ବିଶ୍ୱବିଦ୍ୟାଳୟ, ଆଇଆଇଟି ଓ କଲେଜରୁ ୧୦୩ ଜଣ ଛାତ୍ରଛାତ୍ରୀ ଓ ଗବେଷକ ଯୋଗଦେଇ ସେମାନଙ୍କର ମୂଲ୍ୟାୟନ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରିଥିଲେ । ଉଦଘାଟନ ଦିବସରେ ମେକାନିକାଲ ବିଭାଗର ମୁଖ୍ୟ ଡଃ. ଅମର କୁମାର ଦାସ ଓ ଅଧକ୍ଷ ଡଃ ଚିତ୍ତ ରଂଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସମ୍ମାନୀତ ଅତିଥିଭାବେ ଓଇଓସିର ଅଧକ୍ଷ ଡଃ. ଜେ. କେ. ପାଣିଗ୍ରାହୀ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡଃ. ସ୍ୱରୁପ କୁମାର ମହାପାତ୍ର ତାଙ୍କ ଅଭିଭାଷଣ ରଖିଥିଲେ । ସେହିପରି ଉଦ୍‌ଯାପନ ଦିବସରେ ଭାଇସ୍ ପ୍ରିନ୍‌ସପାଲ ଡଃ. ଡି. ମୋହନ ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମାନୀୟ ଅତିଥୀ ଭାବେ ଟ୍ରାଇଡେଣ୍ଟ, ଭୁବନେଶ୍ୱରର ପ୍ରଫେସର ଡଃ. ମାନସ ରଞ୍ଜନ ସେନାପତୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥୀ ଭାବେ ଅଇଜିଏମ୍ଆର୍‌ସିର ଏମ୍‌ଡ଼ି ଡଃ. ଏସ୍.କେ. ବିଶ୍ୱାଳ ତାଙ୍କ ଅଭିଭାଷଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଭିଲ ବିଭାଗର ମୁଖ୍ୟ ପ୍ର. ସୁରଜିତ ପଟ୍ଟନାୟକ, କୃଷି ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ର. ଖଲିଜ୍ ଖାନ୍, ଓଏସ୍‌ଡି ପ୍ର. ସମୀର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମକୁ ଆବାହକ ଡଃ. ଅମର କୁମାର ଦାସଙ୍କ ତତ୍ତ୍ୱାବଧାନରେ ପ୍ର. ଅମିୟ ଜ୍ୟୋତି ନାୟକ, ପ୍ର. ଅଭିଜିତ୍ ମଙ୍ଗରାଜ, ପ୍ର. ରାକେଶ ବେହେରା ପ୍ରମୁଖ ସଫଳତାର ସହ ସମ୍ପାଦନ କରିଥିଲେ ।

ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା। ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି। ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି। ପୂର୍ବ ତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (ପିସିସିଏମ୍)ଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି।

କିଟ୍ ଲ ସ୍କୁଲ୍ ପକ୍ଷରୁ ଆଇନ ସଚେତନତା ଶିବିର

ଭୁବନେଶ୍ୱର (ସବ୍ୟୁ) : କିଟ୍ ଲ ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକର ବିଡ଼ାନାସୀ ବନ୍ଧାଗଡ଼ସ୍ଥିତ ମମତା ଅଳ୍ପକାଳୀନ ଆଶ୍ରୟ ଗୃହଠାରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ସମାଜର ଅସହାୟ, ଦୁର୍ଦ୍ଦଶାଗ୍ରସ୍ତ ଓ ନିରାଶ୍ରୟ ମହିଳାମାନଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମମତା ସ୍ୱଳ୍ପକାଳୀନ ଆଶ୍ରୟ ଗୃହରେ ବିଭିନ୍ନ ବୟସର ଅସହାୟ, ନିରାଶ୍ରୟ ଓ ବିଭିନ୍ନ ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ମହିଳାମାନେ ରହୁଛନ୍ତି । ଏହି ଶିବିରରେ ମହିଳାମାନଙ୍କ ଆଇନଗତ ଅଧିକାର, ସେମାନଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନଗତ ସହାୟତା ପାଇବାର ଉପାୟ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା ।

କିଟ୍ ଲ ସ୍କୁଲ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଆଶ୍ରୟ ଗୃହରେ ରହୁଥିବା ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ମହିଳାମାନଙ୍କ ଅଧିକାର, ଘରୋଇ ହିଂସା ଓ ଶୋଷଣ ବିରୋଧରେ ଆଇନଗତ ସୁରକ୍ଷା, ଆଇନଗତ ପ୍ରତିକାରର ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ ସହାୟତା ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା ମହିଳାମାନେ ମଧ୍ୟ ନିଜର ସମସ୍ୟା ଓ ଅନୁଭୂତି ବାଣ୍ଟିବା ସହ ଉପଲବ୍ଧ ଆଇନଗତ ସହାୟତା ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ । ଏହି କାର୍ଯ୍ୟକ୍ରମ କିଟ୍ ଆଇନ ବିଦ୍ୟାଳୟର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଏହାର ସଂଯୋଜନା ଶଶାଙ୍କ ନନ୍ଦେ ଏବଂ ଡ ପ୍ରଜ୍ଞା ପାରମିତା ରାୟ, ଆଇନ ସେବା କ୍ଲିନିକ୍‌ର ଅଧ୍ୟାପକ ସଂଯୋଜକଙ୍କ ଦ୍ୱାରା କରାଯାଇଥିଲା । କିଟ୍ ଲ ସ୍କୁଲର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅମ୍ରିତା ବଳ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ



। ଏହି ପଦକ୍ଷେପ ମାଧ୍ୟମରେ କିଟ୍ ଆଇନ ବିଦ୍ୟାଳୟ ସମାଜର ଅସହାୟ ଓ ଅବହେଳିତ ବର୍ଗଙ୍କ ମଧ୍ୟରେ ଆଇନ ସଚେତନତାର ପ୍ରସାର, ମହିଳାମାନଙ୍କ ଅଧିକାରର ସୁରକ୍ଷା ଏବଂ ସମସ୍ତଙ୍କ ପାଇଁ ନ୍ୟାୟିକ ସହାୟତାର ସୁଯୋଗ ସୁନିଶ୍ଚିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି ।

ଚଳନ୍ତା ଟ୍ରେନରେ ପ୍ରସବ ମହିଳା ଓ ଶିଶୁପୁତ୍ର ଉଦ୍ଧାର

କଟକ,(ସବ୍ୟୁ): ଚଳନ୍ତା ଟ୍ରେନରେ ଜଣେ ଗର୍ଭବତୀ ମହିଳା ଶିଶୁପୁତ୍ରକୁ ପ୍ରସବ କରିଛନ୍ତି । ମହିଳା ଜଣକ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ସମ୍ପର୍କରେ ଆଗୁଆ ସୂଚନା ପାଇ ଆରପିଏଫ କର୍ମଚାରୀ ସଜାଗ ରହିଥିଲେ । ଟ୍ରେନ କଟକରେ ପହଞ୍ଚିବା ମାତ୍ରେ ଉଭୟ ମହିଳା ଓ ଶିଶୁପୁତ୍ରକୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ସୋମବାର ଦିନ ପ୍ରାୟ ସାଢେ ୨ଟାରେ କଟକ ରେଳ ଷ୍ଟେସନ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିଥିଲାଯେ, ହାୱଡା-ସିକନ୍ଦରାବାଦ ଫାଲକନାମା ଏକ୍ସପ୍ରେସରେ ଜଣେ ଗର୍ଭବତୀ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ତାଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଆବଶ୍ୟକ । ଏହି ସୂଚନା ପାଇବା ମାତ୍ରେ କଟକ ଆରପିଏଫର 'ମେରୀ ସହେଲୀ ଟିମ'ର କର୍ମଚାରୀମାନେ ସଜାଗ ହୋଇଥିଲେ । ତୁରନ୍ତ ଆମ୍ବୁଲାନ୍ସ ଡକାଇ ଟ୍ରେନ ଅପେକ୍ଷାରେ ପ୍ଲାଟଫର୍ମରେ ଜଗିରହିଥିଲେ । ଦିନ ପ୍ରାୟ ସାଢେ ୩ଟାରେ ଟ୍ରେନଟି କଟକ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ପହଞ୍ଚି ଥିଲା । ଏହାପରେ ଆରପିଏଫ ଟିମ ତୁରନ୍ତ ଟ୍ରେନର ଜେନେରାଲ ବଗିରେ ପଶି ଉକ୍ତ ମହିଳାଙ୍କ ପାଖକୁ ଯାଇଥିଲେ ।

କୋଲକାତାରେ ଓଡ଼ିଶାର ସର୍ବବୃହତ୍ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ'ର ଶୁଭାରମ୍ଭ

୩୫୦୦ ବର୍ଗଫୁଟ୍‌ର ଗ୍ରାଣ୍ଡ ଫ୍ଲାଗସିପ୍ ଷ୍ଟୋର୍

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଦୀର୍ଘ ୨୬ ବର୍ଷର ଅପୂର୍ବ ସଫଳତା ଓ ୪ କୋଟି ଓଡିଶାବାସୀଙ୍କ ବିଶ୍ୱାସ ଜିତିବା ପରେ, ଓଡ଼ିଶାର ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଆଜି କୋଲକାତାର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ୨୨, କାମାକ୍ ଷ୍ଟ୍ରିଟ୍ ଠାରେ ନିଜର ନୂତନ ଫ୍ଲାଗସିପ୍ ଷ୍ଟୋରକୁ ମହାଆଡମ୍ବର ସହକାରେ ଶୁଭାରମ୍ଭ କରିଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟଲିଉଡର ଜଣାଶୁଣା ଅଭିନେତ୍ରୀ କୌସନି ମୁଖାର୍ଜୀ ଏବଂ ଓଲିଉଡର ଦୁଇ ଲୋକପ୍ରିୟ ଅଭିନେତ୍ରୀ ତଥା ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସଡର ଅର୍ଚ୍ଚିତା ସାହୁ ଓ ଶିବାନୀ ସଙ୍ଗୀତା ଯୋଗଦେଇ ଏହି ନୂତନ ଷ୍ଟୋର୍‌ର ଶୁଭାରମ୍ଭ କରିଥିଲେ। ଦୁଇ ରାଜ୍ୟର କଳା ଓ ପରମ୍ପରାକୁ ଏକାଠି ଯୋଡୁଥିବା ଅରୁନ୍ଧତୀର ଏହି ୩୫୦୦ ବର୍ଗଫୁଟ୍ ବିଶିଷ୍ଟ ଅତ୍ୟାଧୁନିକ ଷ୍ଟୋରରେ ସମସ୍ତ କୋଲକାତାବାସୀଙ୍କ ନିମନ୍ତେ ୧୦,୦୦୦ରୁ ଉର୍ଦ୍ଧ୍ୱ ଶତ ପ୍ରତିଶତ ଏଚ୍‌ୟୁଆଇଡି ହଲମାର୍କ ଯୁକ୍ତ ସୁନା ଓ ହୀରା ଅଳଙ୍କାରର ଏକ୍ସକ୍ଲୁସିଭ୍ କଲେକ୍ସନ୍ ସହିତ ଓଡ଼ିଶାର ଗର୍ବିତ କଳା ଓ ଐତିହ୍ୟର ପ୍ରତୀକ 'ଅରୁନ୍ଧତୀ ହାଣ୍ଡଲୁମ ରିସର୍ଚ୍ଚ ସେଣ୍ଟର' ଦ୍ୱାରା ପ୍ରସ୍ତୁତ ଓଡିଶା ପ୍ରିମିୟମ୍ ସମ୍ବଲପୁରୀ ତଥା ଅନ୍ୟାନ୍ୟ ହାଣ୍ଡଲୁମ



ସିଲ୍କ ଶାଢ଼ୀର ଏକ୍ସକ୍ଲୁସିଭ୍ କଲେକ୍ସନ୍ ମଧ୍ୟ ଉପଲବ୍ଧ ରହିଛି।

ଏହା ସହିତ ସମଗ୍ର କୋଲକାତାବାସୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରି ଅରୁନ୍ଧତୀ ପକ୍ଷରୁ ଆଗକୁ ଆସୁଥିବା ଧନତେରସ ଉପଲକ୍ଷେ ସ୍ୱାଗତ ଭେଟି ସ୍ୱରୂପ ଅନେକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଯେଉଁଥିରେ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନାର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୯.୯୯% ର ମେଗା ଅଫର୍ ସହ ପ୍ରତିଟି ଅଳଙ୍କାର କ୍ରୟ ଉପରେ ସୁନିଶ୍ଚିତ ଉପହାର ଏବଂ ୮୦ ଜଣଙ୍କୁ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ ମଧ୍ୟ ମିଳିବ । ତା ସହିତ ଅରୁନ୍ଧତୀ ବନ୍ଧକଳାର ସମସ୍ତ ପ୍ରିମିୟମ୍ ଶାଢ଼ୀ ଉପରେ ୨୦% ପର୍ଯ୍ୟନ୍ତ ରିହାତି ମଧ୍ୟ ଉପଲବ୍ଧ ରହିଛି ।

ଉଦଘାଟନୀ ଉତ୍ସବର ଏହି ଖୁସିର ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ "ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା କାଳୀଙ୍କ ଆଶୀର୍ବାଦ ପାଇଁ ଆଜି ଅରୁନ୍ଧତୀ କୋଲକାତାରେ ନିଜର ପ୍ରଥମ ଷ୍ଟୋରର ଶୁଭାରମ୍ଭ କରିପାରିଛି , ଆଉ ଏହି ଭବ୍ୟ ଶୁଭାରମ୍ଭରେ କୋଲକାତା ବାସୀଙ୍କ ବିଶାଳ ଉପସ୍ଥିତି ଏବଂ ଉତ୍ସାହ , ଉଦ୍ଦୀପନା ଅରୁନ୍ଧତୀ ପରିବାର ପାଇଁ ଏକ ଅତ୍ୟନ୍ତ ଖୁସିର ମୁହୂର୍ତ୍ତ । ୨୬ ବର୍ଷ ଧରି ଓଡିଶାବାସୀଙ୍କ ସେବା କରିବା ପରେ କୋଲକାତା ଭଳି ଏକ ସାଂସ୍କୃତିକ ମହାନଗରୀରେ ଅରୁନ୍ଧତୀର ନୂତନ ଯାତ୍ରା କେବଳ ଏକ ବ୍ୟବସାୟିକ ସମ୍ପ୍ରସାରଣ ନୁହେଁ, ବଙ୍ଗ ଓଡ଼ିଶା ଓ କୋଲକାତାର ମହାନ ସଂସ୍କୃତିକୁ ଯୋଡ଼ିବାର ଏକ ନୂତନ ପ୍ରୟାସ । ଯେଉଁ ଶୁଦ୍ଧତା , ସ୍ୱଚ୍ଛତା , ଗୁଣବତ୍ତା ଓ ବିଶ୍ୱାସ ଆମକୁ ଓଡ଼ିଶାରେ ସର୍ବଶ୍ରେଷ୍ଠର ମାନ୍ୟତା ପ୍ରଦାନ କରିଛି , ସେ ସବୁକୁ ବଜାୟ ରଖି ସେହି ନିରନ୍ତର ସେବା ଆମେ କୋଲକାତାବାସୀଙ୍କୁ ଯୋଗାଇଦେବାକୁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।"

ଭାରତର ପ୍ରଥମ ଓଡ଼ିଆ 'ସାଇବର ସେଣ୍ଟିନେଲ'

ସତ୍ୟନାରାୟଣ ରାୟ ମହାପାତ୍ର (ରିଚି ରାୟ) ଓଏମଜି ବୁକ୍ ଅଫ୍ ରେକର୍ଡସ ୨୦୨୬ରେ ସ୍ଥାନ

ଭୁବନେଶ୍ୱର (ସବ୍ୟୁ): ଜାତୀୟ ସାଇବର ସୁରକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ ସଫଳତା ସ୍ୱରୂପ, ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀର ବାସିନ୍ଦା ସତ୍ୟନାରାୟଣ ରାୟ ମହାପାତ୍ର (ରିଚି ରାୟ) ୨୦୨୬ ମସିହାର ଜାତୀୟ ରେକର୍ଡ ଅଧିକାରୀ ଭାବେ ଓଏମଜି ବୁକ୍ ଅଫ୍ ରେକର୍ଡସରେ ନିଜ ନାମ ସାମିଲ କରି ଇତିହାସ ରଚିଛନ୍ତି। ସାରା ଭାରତରେ ସାଇବର ସୁରକ୍ଷା ଶିକ୍ଷାର ପ୍ରସାର ପାଇଁ ସ୍ୱେଚ୍ଛାକୃତ ଜନସେବା କ୍ଷେତ୍ରରେ ଏହି ପ୍ରତିଷ୍ଠିତ ରେକର୍ଡ ହାସଲ କରିବାରେ ସେ ସମଗ୍ର ଦେଶରେ ତଥା ଓଡ଼ିଶାରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି। ତାଙ୍କର ଏହି ସଫଳତା ତାଙ୍କର ରୂପାନ୍ତରଣକାରୀ ଜାତୀୟ ଅଭିଯାନ "ବିଲ୍ଡ ଏ ସାଇବର ସିକ୍ୟୁର ଇଣ୍ଡିଆ" କୁ ଏକ ବଡ଼ ସ୍ୱୀକୃତି ଦେଇଛି। ପେସାଗତ ଭାବେ ଶ୍ରୀ ରାୟ ମହାପାତ୍ର ବେଙ୍ଗାଲୁରୁର ଏକ ଅଗ୍ରଣୀ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀରେ ସାଇବର ସିକ୍ୟୁରିଟି ଡେଲିଭରି ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ, ନିଜ ଖାଲି ସମୟରେ ଜଣେ ବିଶିଷ୍ଟ ଜାତୀୟ ସାଇବର ବିଶେଷଜ୍ଞ ଓ ପରାମର୍ଶଦାତା ଭାବେ ସ୍ୱେଚ୍ଛାକୃତ ସେବା ପ୍ରଦାନ କରୁଛନ୍ତି। ଓଡ଼ିଶା ପୋଲିସର ସିଆଇଡି ସିବି ର ଅତିରିକ୍ତ ଏସପି ସୁଶ୍ରୀ



ଅଞ୍ଜନା ଟୁଡୁଙ୍କ ସହ ମିଶି ୨୦୨୩ ମସିହାରେ ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା, ୨୦୨୬ ସୁଦ୍ଧା ଏକ ପ୍ରଭାବଶାଳୀ ସାଇବର ସଚେତନତା ଅଭିଯାନରେ ପରିଣତ ହୋଇ ବ୍ୟାପକ ସାମାଜିକ କଲ୍ୟାଣ କରିପାରିଛି। ଏଥିପାଇଁ ତାଙ୍କୁ ଆଜି "ଭାରତର ସାଇବର ସେଣ୍ଟିନେଲ" ଆଖ୍ୟା ଦିଆଯାଇଛି। ଶ୍ରୀ ରାୟ ମହାପାତ୍ର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ୭୦,୦୦୦ ରୁ ଅଧିକ ନାଗରିକଙ୍କୁ ସାଇବର ସଚେତନତା ବିଷୟରେ ଶିକ୍ଷିତ କରିଛନ୍ତି। ତାଙ୍କର ଏହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ, ବରିଷ୍ଠ ନାଗରିକ ମଞ୍ଚ ସମେତ ଓଡ଼ିଶା ପୋଲିସ, ଭଦ୍ରକ ପୋଲିସ, ପାରାଦୀପ ପୋଲିସ, ଭୁବନେଶ୍ୱର ଓ କଟକ କମିଶନରେଟ ପୋଲିସ, ଭାରତୀୟ କୋଷ୍ଟ ଗାର୍ଡ, ଆଇଆଇଟି ରୋପାର, ଆଇଆଇଟି ଭୁବନେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ବିଭିନ୍ନ ନବରତ୍ନ ଓ ସରକାରୀ ସଂଗଠନ ସାମିଲ ରହିଛନ୍ତି। ଦେଶର ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ତାଙ୍କର ରଣନୈତିକ ପ୍ରୟାସକୁ ପ୍ରଶଂସା କରାଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ ଓ ସରକାରୀ ସଂସ୍ଥା ତରଫରୁ ୩୦୦ ରୁ ଅଧିକ ସମ୍ମାନଜନକ ପୁରସ୍କାର ଓ ପ୍ରଶଂସା ପତ୍ର ମିଳିସାରିଛି। ଭାରତର "ହ୍ୟୁମାନ ଫାୟାରୱାଲ" କୁ ଶକ୍ତିଶାଳୀ କରିବା ଏବଂ ଏକ ସୁରକ୍ଷିତ ଡିଜିଟାଲ ଭାରତ ଗଠନ କରିବା ତାଙ୍କର ମୂଳ ଲକ୍ଷ୍ୟ ଅଟେ।

ଭୋଟର କାର୍ଡକୁ ନେଇ ୱାର୍ଡବାସୀଙ୍କୁ ସଚେତନ କଲେ କର୍ପୋରେଟର

କଟକ, (ସ୍ୱପ୍ର): ଦେଶରେ ଭୋଟର କାର୍ଡକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ କଟକ ମହାନଗର ନିଗମର ୫୨ ନମ୍ବର ୱାର୍ଡ ସ୍ଥିତ ରାଜେନ୍ଦ୍ରନଗର ଠାରେ ଏହାକୁ ନେଇ ଏକ ଭିନ୍ନ ବିବାଦ ଦେଖାଦେଇଛି । କିଛି ଅସାଧୁ ବ୍ୟକ୍ତି ଭୋଟର କାର୍ଡ ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ଆଳରେ ଘରକୁ ଘର ବୁଲି ଲୋକଙ୍କ ଠାରୁ ପୁରୁଣା ଭୋଟର କାର୍ଡ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ଗୁରୁତ୍ୱ ଦେଇ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା ଓ୍ୱାର୍ଡବାସୀଙ୍କୁ ସଚେତନ କରାଇଛନ୍ତି । ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ସରକାରଙ୍କ ପକ୍ଷରୁ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍ଓ) ନିଯୁକ୍ତ ହୋଇଛନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ସହ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇଛି । ତେଣୁ କୌଣସି ଅଜଣା ବ୍ୟକ୍ତିଙ୍କୁ ପୁରୁଣା ଭୋଟର କାର୍ଡ ହସ୍ତାନ୍ତର ନକରିବାକୁ କର୍ପୋରେଟର ଶ୍ରୀମତୀ ଜେନା ପରାମର୍ଶ ଦେଇଛନ୍ତି । ଏପରି ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ସନ୍ଦେହଜନକ ହୋଇପାରେ ଏବଂ ଭୋଟର କାର୍ଡର ଅପବ୍ୟବହାର ହେବାର ଆଶଙ୍କା ରହିଛି । ଏଭଳି କୌଣସି ଘଟଣା ନଜରକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବା ସହ ସରକାରୀ ଭାବେ ନିଯୁକ୍ତ ବିଏଲ୍ଓଙ୍କୁ ହିଁ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ସେ ଓ୍ୱାର୍ଡବାସୀଙ୍କୁ ଅନୁରୋଧ କରିଛନ୍ତି ।

ସତର୍କତା ସଚେତନତା ସପ୍ତାହ ୨୦୨୬' ଅବସରରେ

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୱାକାଥନ୍ ଆୟୋଜିତ

ଭୁବନେଶ୍ୱର: (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର ଜୋନ୍ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ ୨୦୨୬' ଅବସରରେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସଚ୍ଚୋଟତା" ବିଷୟବସ୍ତୁକୁ ନେଇ ପାଳନ କରାଯାଉଥିବା ଏହି ସପ୍ତାହ, ଅଗଷ୍ଟ ୧୭ରୁ ନଭେମ୍ବର ୧୬, ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ବ୍ୟାପକ ସତର୍କତା ସଚେତନତା ଅଭିଯାନର ଅଂଶବିଶେଷ। ଏହି ୱାକାଥନ୍‌ରେ ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ତଥା ଜୋନାଲ୍ ମୁଖ୍ୟ ଶରତ କୁମାର ପାଣିଗ୍ରାହୀ, ଡିଜିଏମ୍-ବିଡି ଦେବୀ ପ୍ରସାଦ ମହାନ୍ତି, ଡିଜିଏମ୍-ଜିଆଇଏଡି ଜଗଜୀବନ ମହାପାତ୍ରଙ୍କ ସମେତ ବରିଷ୍ଠ ଜୋନାଲ୍ ଓ ଆଞ୍ଚଳିକ ଅଧିକାରୀ, ସହରର ବିଭିନ୍ନ ଶାଖା ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ



ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ଜନସଚେତନତା ବୃଦ୍ଧି ଏବଂ ନୈତିକ ଆଚରଣ ପ୍ରତି ପ୍ରତିବଦ୍ଧତାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଶରତ କୁମାର ପାଣିଗ୍ରାହୀ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କର୍ମଚାରୀମାନଙ୍କୁ ନୈତିକ ମୂଲ୍ୟବୋଧ ବଜାୟ ରଖିବା ସହ ବୃତ୍ତିଗତ ଓ ସାର୍ବଜନୀନ ଜୀବନରେ ଦୁର୍ନୀତି ବିରୋଧରେ ସର୍ବଦା ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ।

ଭାରତ ଅକ୍ଷୟ ଶକ୍ତି ଶିଖର ସମ୍ମିଳନୀ ଉଦ୍‌ଘାଟିତ

ଶକ୍ତି ସୁରକ୍ଷାର ଭବିଷ୍ୟତ ସ୍ୱଚ୍ଛ ଶକ୍ତିରେ ନିହିତ: ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬କୁ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ସେ ସ୍ୱଚ୍ଛ ଶକ୍ତିକୁ ଦେଶର ଶକ୍ତି ସୁରକ୍ଷାର ଭବିଷ୍ୟତ ବୋଲି ଅଭିହିତ କରିବା ସହ ଆଗାମୀ ୧୦ରୁ ୧୧ ବର୍ଷ ମଧ୍ୟରେ ଆଉ ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ ଶକ୍ତି ଉତ୍ପାଦନ କ୍ଷମତା ଯୋଡ଼ିବାକୁ ଭାରତର ଲକ୍ଷ୍ୟ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱରେ ଶକ୍ତି ସଙ୍କଟ ଓ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଭାରତର ଅଭିବୃଦ୍ଧି ଦୃଢ଼ ରହିଛି। ଗତ ଏକ ଦଶନ୍ଧିରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନିବେଶ ଓ ବ୍ୟବସ୍ଥାଗତ ସଂସ୍କାର ଦେଶକୁ ବାହ୍ୟ ସଙ୍କଟର ମୁକାବିଲା କରିବାରେ ସହାୟତା କରିଛି। ବର୍ତ୍ତମାନ ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତରୁ ଅଧିକ ଅଣ-ଜୀବାଶ୍ମ ଉତ୍ସରୁ ଆସୁଛି।

ସେହିପରି 'ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜଳୀ ଯୋଜନାଦ ଅଧୀନରେ ୬୫ ଲକ୍ଷରୁ ଅଧିକ ପରିବାର ସାମିଲ ହୋଇଛନ୍ତି। ଏହି ଯୋଜନା ଦ୍ୱାରା ବିଦ୍ୟୁତ୍ ବିଲ୍‌ରେ ପ୍ରାୟ ୭୬ ପ୍ରତିଶତ ହ୍ରାସ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ଏଥିସହ ୪୪ ହଜାରରୁ ଅଧିକ ସରକାରୀ କୋଠାରେ ସୌରଶକ୍ତି ସଂଯୋଗ ଦ୍ୱାରା ବାର୍ଷିକ ପ୍ରାୟ ୭୦୦ କୋଟି ଟଙ୍କା ସଞ୍ଚୟ ହେଉଛି।

କୃଷି କ୍ଷେତ୍ରରେ ସୌରଶକ୍ତିର ବ୍ୟବହାର ବୃଦ୍ଧି, ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ, ବ୍ୟାଟେରୀ ସଂରକ୍ଷଣ ଓ ଶକ୍ତି ପରିବହନ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଦିନରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନୂତନ ଉଦ୍ଭାବନ ଓ ନିବେଶ ଯୁବପିଢ଼ିଙ୍କ ପାଇଁ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗତ ଏକ ଦଶନ୍ଧିରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ୧୬୪ ବିଲିୟନ ଡଲାରରୁ ଅଧିକ ନିବେଶ ହୋଇଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ଏହି କ୍ଷେତ୍ରରେ ନିବେଶ ୨୨୦ ବିଲିୟନ ଡଲାର ଅତିକ୍ରମ କରିବାର ଆକଳନ କରାଯାଇଛି। ସ୍ୱଚ୍ଛ, ସବୁଜ ଓ ସୁରକ୍ଷିତ ଭବିଷ୍ୟତ ଗଠନ ପାଇଁ ବିଶ୍ୱର ସମସ୍ତ ଦେଶକୁ ଏହି ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ ଓଡ଼ିଶାରୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇଥିଲେ।

ବିଦ୍ରୋହୀ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ଧମକ

ଶ୍ରୀନଗର: ଜମ୍ମୁ ଓ କଶ୍ମୀରରେ ଶାସନ ଗାଦିରେ ବସିଥିବା ନ୍ୟାସନାଲ କନଫରେନ୍ସରେ ଦେଖାଦେଇଛି ସଙ୍କଟ। ବିଦ୍ରୋହ ମୁଡକୁ ଚାଲିଯାଇଛନ୍ତି ଦଳର ୨୫ ଜଣ ବିଧାୟକ। ଦାବି ପୂରଣ ନହେଲେ ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେବେ ବୋଲି ଦେଇଛନ୍ତି ୧୪ ଦିନର ଅଲ୍ଟିମେଟମ। ଫଳରେ ଚାପରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ତାଙ୍କ ବାପା ତଥା ଦଳର ସଭାପତି ଫାରୁକ ଅବଦୁଲ୍ଲା। ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାରରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି ଏହି ୨୫ ବିଧାୟକ।



ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ରାଜ୍ୟପାଳ ବ୍ରଜ ମୋହନ ରାମ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଦିଲ୍ଲୀରେ ସବୁଜ ବାଣକୁ କୋର୍ଟ ଅନୁମତି

ନୂଆଦିଲ୍ଲୀ: ଦିଲ୍ଲୀ-ଏନ୍‌ସିଆର୍‌ରେ ଦୀପାବଳିରେ ଅପେକ୍ଷାକୃତ କମ୍ ପ୍ରଦୂଷଣ କରୁଥିବା ସବୁଜ ବାଣ ଫୁଟାଇବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍‌ସିଆରରେ ଦୀପାବଳି ସମୟରେ ଦୁଇ ଦିନ ପାଇଁ ସବୁଜ ବାଣ ଫୁଟାଇବାକୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି ଓ ଏଥିପାଇଁ ସମୟ ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ନଭେମ୍ବର ୭ ଓ ୮ ତାରିଖ ସକାଳ ୬ଟାରୁ ୭ଟା ଘଣ୍ଟାଏ ପାଇଁ ଓ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇ ପାରିବେ। ୯ ତାରିଖରେ ପୁନର୍ବାର ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ଲାଗୁ ହେବ। ସୁପ୍ରିମକୋର୍ଟ 'ସାଇଲେନ୍ସ ଜୋନ୍' ଅଞ୍ଚଳ ବାଣ ନ ଫୁଟାଇବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ସ୍କୁଲ, କଲେଜ, ହସ୍ପିଟାଲ ଓ ବୃଦ୍ଧାଶ୍ରମ ପରି ଅଞ୍ଚଳଗୁଡ଼ିକ ଚାରିପାଖକୁ 'ସାଇଲେନ୍ସ ଜୋନ୍' ଘୋଷଣା କରିଛନ୍ତି।

ମହାଦେବ ଅନଲାଇନ୍ ବେଟିଂ ତଦନ୍ତ ଜୋରଦାର

ନୂଆଦିଲ୍ଲୀ : ୬ ହଜାର କୋଟି ଟଙ୍କାର ବହୁଚର୍ଚ୍ଚିତ ମହାଦେବ ଅନଲାଇନ୍ ବେଟିଂ ଆପ୍ ମାମଲାରେ ବଡ଼ ଅପଡେଟ୍। ଦୀର୍ଘ ଦିନ ଧରି ତଦନ୍ତକାରୀ ସଂସ୍ଥାଙ୍କ ନଜରରେ ଥିବା ଏହି ମାମଲାର ଅଭିଯୁକ୍ତ ସୌରଭ ଚନ୍ଦ୍ରାକରଙ୍କୁ ଓମାନରୁ ଭାରତ ଅଣାଯାଇଛି। ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଏବେ ତଦନ୍ତର ଫୋକସ୍ ଅନ୍ୟତମ ସହ-ପ୍ରତିଷ୍ଠାତା ରବି ଉପ୍ପଲଙ୍କ ଉପରେ। ତାଙ୍କୁ ଦୁବାଇରୁ ଭାରତ ଆଣିବା ପାଇଁ ୟୁଏଇ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଚାଲିଥିବା ସୂଚନା ମିଳିଛି। ଅନଲାଇନ୍ ବେଟିଂର ଚକାଚକ୍ୟ ଦୁନିଆ ପଛରେ ହଜାର ହଜାର କୋଟି ଟଙ୍କାର କାରବାର ଥିବା ଅଭିଯୋଗ। ମହାଦେବ ଆପ୍ ଜରିଆରେ ବେଆଇନ୍ ଅନଲାଇନ୍ ବେଟିଂ ଓ ଜୁଆ କାରବାର ଚାଲୁଥିବା ନେଇ ତଦନ୍ତ ହେଉଛି।

ରାମ ମନ୍ଦିର ଦାନ ଚୋରି ମାମଲା

ତଦନ୍ତ ତଦାରଖରୁ ଓହରିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଅଯୋଧ୍ୟାର ରାମ ମନ୍ଦିରକୁ ଆସିଥିବା ଦାନ ଅର୍ଥ ଚୋରି ଅଭିଯୋଗ ମାମଲାରେ ତଦନ୍ତ ଉପରେ ତଦାରଖ ବନ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିବା ପରେ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆଇନ ଅନୁଯାୟୀ ମାମଲା ଆଗକୁ ବଢ଼ାଇବାକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କୌଣସି ପକ୍ଷଙ୍କୁ ପକ୍ଷପାତ କରିବା ଉଚିତ୍ ନୁହେଁ କାରଣ ଏହା ଅଭିଯୋଗର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହିଁ। ତଦନ୍ତକାରୀ ଦଳ ମନ୍ଦିର ପରିସରରେ ଦାନ ଟଙ୍କା ଗଣତି ସମୟରେ ୧୦୫ଟି ସ୍ଥାନରେ ଅନଧିକୃତ ଭାବେ ଟଙ୍କା ଚୋରି ହେବା ଘଟଣା ଚିହ୍ନଟ କରିଥିବା ସରକାର ଅଦାଲତଙ୍କୁ ଜଣାଇଛନ୍ତି। ସେପ୍ଟେମ୍ବରରେ ଅଯୋଧ୍ୟାର ଦୁର୍ନୀତି ନିରୋଧୀ ଅଦାଲତରେ ୬୦ ହଜାରରୁ ଅଧିକ ପୃଷ୍ଠାର ଅଭିଯୋଗପତ୍ର ଦାଖଲ ହୋଇଛି। ତଦନ୍ତରେ ୧୭୩ ଜଣ ସାକ୍ଷୀଙ୍କ ବୟାନ ନିଆଯାଇଛି। ମନ୍ଦିରର ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀର ହିସାବ ମଧ୍ୟ ଯାଞ୍ଚ କରାଯାଇଛି। ଜୁନ୍ ୬ରେ ମନ୍ଦିରରୁ ୫ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ହଡ଼ପ ଅଭିଯୋଗ ଉଠିଥିଲା। ଜୁନ୍ ୨୬ରେ ଦାନ ଟଙ୍କା ପରିଚାଳନା ସହ ଜଡ଼ିତ ୮ ଜଣ କର୍ମଚାରୀ ଗିରଫ ହୋଇଥିଲେ।

ବିଜେପିରେ ମିଶିଲେ ୩ ଆପ୍ ବିଧାୟକ

ନୂଆଦିଲ୍ଲୀ: ପଞ୍ଜାବରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍)କୁ ଶକ୍ତ ଧକ୍କା ଲାଗିଛି। ଦଳର ତିନି ଜଣ ବିଧାୟକ ଇସ୍ତଫା ଦେବାର କିଛି ଘଣ୍ଟା ପରେ ସୋମବାର ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି। ଏହି ଘଟଣା ପଞ୍ଜାବ ରାଜନୀତିକୁ ସରଗରମ କରିବା ସହ ଶାସକ ଦଳର ରାଜନୈତିକ ସମୀକରଣକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ୍‌ଙ୍କ ସରକାର ପାଇଁ ଏହା ବଡ଼ ଚାଲେଞ୍ଜ ହୋଇଛି। ବିଜେପିରେ ଯୋଗ ଦେଇଥିବା ତିନି ନେତା ହେଲେ ଅମୃତସର ଉତ୍ତର ଆସନର ବିଧାୟକ କୁଁୱର ବିଜୟ ପ୍ରତାପ ସିଂହ, ସମାନା ଆସନର ବିଧାୟକ ଚେତନ ସିଂହ ଜୌରାମାଜରା ଓ ସନୌର ଆସନର ବିଧାୟକ ହରମିତ ସିଂହ ପଠାନମାଜରା।

ଦୁଇ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଇରାନ ପ୍ରସ୍ତୁତ



ତେହେରାନ: ଇରାନ-ଆମେରିକା ଯୁଦ୍ଧର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଥିବାବେଳେ ହର୍ମୁଜ୍ ପ୍ରଣାଳୀକୁ ଦୁଇ ଦିନ ମଧ୍ୟରେ ପୁନଃ ଖୋଲିବାକୁ ଇରାନ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ତେବେ ଏଥିପାଇଁ ଆମେରିକାକୁ ଇରାନର ସର୍ତ୍ତଗୁଡ଼ିକ ଗ୍ରହଣ କରିବାକୁ ପଡ଼ିବ। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍ମାଇଲ ବାଘାଇ ସୋମବାର ଏହି ସୂଚନା ଦେଇଛନ୍ତି।

ଇରାନ ଓ ଆମେରିକା ମଧ୍ୟରେ ବାର୍ତ୍ତା ଆଦାନପ୍ରଦାନ ଜାରି ରହିଛି। ଇରାନର ସର୍ତ୍ତ ଆମେରିକା ଗ୍ରହଣ କରିବା ଉପରେ ସବୁକିଛି ନିର୍ଭର କରୁଛି। ଏହା ପରେ ହିଁ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ସମ୍ଭବ ହେବ ବୋଲି ବାଘାଇ କହିଛନ୍ତି। ଇରାନର ସର୍ତ୍ତ ମଧ୍ୟରେ ମଧ୍ୟପ୍ରାଚ୍ୟର ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ କରିବା, ବିଦେଶରେ ଅଟକ ରହିଥିବା ଇରାନର ସମ୍ପତ୍ତିକୁ ମୁକ୍ତ କରିବା, ଇରାନର ତୈଳ କ୍ଷେତ୍ର ଉପରୁ କଟକଣା ହଟାଇବା ଏବଂ ଆମେରିକାର ନୌସେନା ଅବରୋଧ ଶେଷ କରିବା ଅନ୍ତର୍ଭୁକ୍ତ ରହିଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପାଇଁ ଇରାନ ଓ ଓମାନ ମଧ୍ୟରେ ସହମତି ହୋଇଥିବା ନୂତନ ମାର୍ଗକୁ ଆମେରିକା ଗ୍ରହଣ କରିବା ଆବଶ୍ୟକ। ଏଥିସହ ଗତ କିଛି ମାସ ମଧ୍ୟରେ ଲାଗୁ ହୋଇଥିବା କଟକଣା ହଟାଇବା ଏବଂ ମଧ୍ୟପ୍ରାଚ୍ୟରେ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନ ପ୍ରସ୍ତାବ ଦେଇଥିବାବେଳେ ଆମେରିକା ଓ ଇସ୍ରାଏଲ ତେହେରାନ ଉପରେ ଆକ୍ରମଣ କରିବା ନେଇ ଆଶଙ୍କା ବଢ଼ିଛି। ଆମେରିକାର ମଧ୍ୟାବଧି ନିର୍ବାଚନ ପରେ ଏଭଳି ଆକ୍ରମଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନିର୍ବାଚନ ପରେ ତୁରନ୍ତ ଇରାନ ଉପରେ ଆକ୍ରମଣ କରିବାକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଚାପ ପକାଉଛନ୍ତି। ଅନ୍ୟପକ୍ଷରେ, ଟ୍ରମ୍ପ ଆଲୋଚନାର ଫଳାଫଳ ଦେଖିବାକୁ ଚାହୁଁଛନ୍ତି। ରବିବାର ଟ୍ରମ୍ପ ସାମ୍ବାଦିକଙ୍କୁ କହିଥିଲେ ଯେ ନେତାନ୍ୟାହୁଙ୍କ ସହ ତାଙ୍କର ଏକ 'ବହୁତ ଭଲ' ଫୋନ୍ ଆଲୋଚନା ହୋଇଛି। ଏହି ଆଲୋଚନାରେ ଇରାନ ପ୍ରସଙ୍ଗ ଉଠିଥିଲା, କିନ୍ତୁ ସେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇନଥିଲେ। ଆକ୍ସିଓସ୍‌କୁ ଜଣେ ଇସ୍ରାଏଲୀ ଅଧିକାରୀ ଏହି ଆଲୋଚନାକୁ 'କଠୋର'

ଆମେରିକାର ନିଷ୍ପତ୍ତି ଉପରେ ନିର୍ଭର


ବୋଲି କହିଥିବାବେଳେ ଆମେରିକୀୟ ଅଧିକାରୀ ଏହାକୁ 'ସିଧାସଳଖ' ବୋଲି ବର୍ଣ୍ଣନା କରିଛନ୍ତି।

ପାରସ୍ୟ ଉପସାଗରରେ ଅବସ୍ଥିତ ହର୍ମୁଜ୍ ପ୍ରଣାଳୀ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ଯୋଗାଣ ଏହି ଜଳପଥ ଦେଇ ପରିବହନ ହୋଇଥାଏ। ଚଳିତ ବର୍ଷ ଫେବୃଆରିରେ ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ଜଳପଥରେ ବାରମ୍ବାର ବାଧା ସୃଷ୍ଟି ହେଉଛି। ଇରାନ ଏହି ଜଳପଥ ଉପରେ ନିଜର ନିୟନ୍ତ୍ରଣ ଥିବା ଦାବି କରୁଛି। ଏହାସହ ନିଜ ଅନୁମତି ବିନା ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ନିୟମିତ ଭାବେ ଟାର୍ଗେଟ୍ କରୁଥିବା ମଧ୍ୟ ଅଭିଯୋଗ ହେଉଛି।

କଲମ୍ବିଆ ବିଦ୍ରୋହୀ ଶିବିର ଉପରେ ଆକ୍ରମଣ; ୧୯ ମୃତ

କାରାକାସ୍: ଦକ୍ଷିଣ ଆମେରିକାର ଭେନେଜୁଏଲାରେ ସେନା କଲମ୍ବିଆର ସଶସ୍ତ୍ର ବିଦ୍ରୋହୀ ସଙ୍ଗଠନ ନ୍ୟାସନାଲ୍ ଲିବରେସନ୍ ଆର୍ମି (ଇଏଲ୍ଏନ୍)ର ଶିବିର ଉପରେ ଆକ୍ରମଣରେ ଅତିକମ୍‌ରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଭେନେଜୁଏଲାର ଆପୁରେ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଘଟିଛି। ରବିବାର ଏକ ମାନବାଧିକାର ସଙ୍ଗଠନ ଓ ସାମରିକ ସୂତ୍ରରୁ ଏହି ଖବର ମିଳିଛି। ମାନବାଧିକାର ସଙ୍ଗଠନ ଫୁଣ୍ଡାରେଡେସ୍ ପକ୍ଷରୁ ପ୍ରଥମେ ୯ ଜଣଙ୍କ ମୃତ୍ୟୁ ଖବର ଦିଆଯାଇଥିଲା। ପରେ ସଙ୍ଗଠନର ସଂଯୋଜକ ଜୁଆନ୍ ଫ୍ରାନ୍ସିସ୍କୋ ଗାର୍ସିଆ କହିଛନ୍ତି, ଆଉ ୧୦ଟି ମୃତଦେହ ଆପୁରେ ରାଜ୍ୟର ରାଜଧାନୀ ସାନ୍ ଫର୍ନାଣ୍ଡୋକୁ ଅଣାଯାଇଛି। ଏହାପରେ ମୃତକଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ସାମରିକ ସୂତ୍ର ଅନୁସାରେ, ଜଙ୍ଗଲ ଭିତରେ ଥିବା ବିଦ୍ରୋହୀଙ୍କ ଶିବିରକୁ ଡ୍ରୋନ୍ ଓ ଯୁଦ୍ଧ ହେଲିକପ୍ଟର ଜରିଆରେ ଟାର୍ଗେଟ୍ କରାଯାଇଥିଲା। ଆକ୍ରମଣ ଏତେ ଆକସ୍ମିକ ଥିଲା ଯେ ବିଦ୍ରୋହୀମାନେ ପ୍ରତିରୋଧ କରିବାକୁ ସୁଯୋଗ ପାଇ ନଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ଭେନେଜୁଏଲାର ନାଗରିକ ବୋଲି ଦାବି କରାଯାଇଛି। ଏହି ଆକ୍ରମଣରେ ଆମେରିକାର ଗୁଇନ୍ଦା ସଙ୍ଗଠନ ସିଆଇଏ ଓ ଏଫବିଆଇ ସହଯୋଗ କରିଥିବା ଜଣେ ଭେନେଜୁଏଲା ସାମରିକ ଅଧିକାରୀ ଦାବି କରିଛନ୍ତି।

ଫ୍ଲୋରିଡାରେ ଜଳିଗଲା ବିମାନ: ୯ ମୃତ



ଫ୍ଲୋରିଡା: ଫ୍ଲୋରିଡାର ଏକ ବ୍ୟସ୍ତବହୁଳ ରାସ୍ତା ନିକଟରେ ନଅ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ବ୍ୟବସାୟିକ ଜେଟ୍ ଆକାଶରୁ ଖସି ପଡ଼ିଲା ଏବଂ ତା'ପରେ ହୁତୁହୁତି ହୋଇ ଜଳିଗଲା। ଯାତ୍ରୀମାନେ ଏହି ଘଟଣାକୁ ଭିଡିଓରେ କଏଦ କରିଛନ୍ତି। ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଆମେରିକାର ପରିବହନ ସଚିବ ସିଆନ୍ ଡଫି କହିଛନ୍ତି ଯେ ବିମାନରେ ଥିବା ସମସ୍ତ ନଅ ଜଣ ପ୍ରାଣ ହରାଇଛନ୍ତି। ବାହାମାସ ଅଭିମୁଖେ ଯାଉଥିବା ଲିଅର୍‌ଜେଟ୍ ୬୦, ପାମ୍ ବିଚ୍ କାଉଣ୍ଟିର ଗ୍ରୀନାକ୍ରେସ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ, ଏହା ନିକଟସ୍ଥ ଘର କିମ୍ବା ଯାତାୟାତ କରୁଥିବା ଯାନବାହାନକୁ ଆଘାତ କରିନଥିଲା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଏହା ଏପରି ମନେ ହେଉଛି ଯେପରି ଏକ କ୍ଷେପଣାସ୍ତ୍ର ମାଡ଼ କରିଛି। ଦୁର୍ଘଟଣା ରାସ୍ତା କଡ଼ରେ ଏକ ବଡ଼ ଗର୍ତ୍ତ ସୃଷ୍ଟି କରିଥିଲା, ଯାହା ଅଞ୍ଚଳକୁ ନିଆଁ ଏବଂ ଘନ କଳା ଧୂଆଁରେ ପୂର୍ଣ୍ଣ କରିଥିଲା। ଏୟାର ଟ୍ରାଫିକ୍ ନିୟନ୍ତ୍ରଣ ରେକର୍ଡିଂଗୁଡ଼ିକ ଉଡ଼ାଣର ଭୟଙ୍କର ଶେଷ ମୁହୂର୍ତ୍ତଗୁଡ଼ିକୁ ପ୍ରକାଶ କରୁଛି। ପାଇଲଟ୍ ଏୟାର ଟ୍ରାଫିକ୍ ନିୟନ୍ତ୍ରଣକୁ ରିପୋର୍ଟ କରିଥିଲେ ଯେ ପାଗ ଖରାପ ହେଉଛି। ବିମାନ ଅଶାନ୍ତ ହେଉଛି ଏବଂ ବିମାନରେ ବରଫ ସୃଷ୍ଟି ହେଉଛି। ତା'ପରେ ପାଇଲଟ୍ ସାହାଯ୍ୟ ପାଇଁ ଏକ ବିପଦ ଡାକ ଜାରି କରିଥିଲେ। ପାଇଲଟ୍ ପ୍ରଥମେ ଏୟାର ଟ୍ରାଫିକ୍ ନିୟନ୍ତ୍ରକଙ୍କୁ ରିପୋର୍ଟ କରିଥିଲେ।

ଆଜମ୍ ଖାନଙ୍କ ଗିରଫଦାରୀ ଉପରେ ଶୁଣାଣି ମନା

ନୂଆଦିଲ୍ଲୀ: ସମାଜବାଦୀ ପାର୍ଟି ମହାସଚିବ ଆଜମ୍ ଖାନଙ୍କୁ ସୁପ୍ରିମକୋର୍ଟରୁ ସୋମବାର ବଡ଼ ଝଟ୍କା ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତାଙ୍କୁ କରାଯାଇଥିବା ଗିରଫଦାରୀକୁ ଚାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଜରୁରୀ ଶୁଣାଣି କରିବାକୁ କୋର୍ଟ ମନା କରିଦେଇଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟରୁ ଜାମିନ୍ ମିଳିବା ପରେ ଜେଲ୍ରୁ ବାହାରିବା କ୍ଷଣି ଇଡି ତାଙ୍କୁ ଗିରଫ କରିଥିଲା। ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଏହି ସପ୍ତାହରେ କୌଣସି ସମୟରେ ତାଲିକାଭୁକ୍ତ ହୋଇପାରେ। ଶନିବାର ସନ୍ଧ୍ୟାରେ ଆଜମ ଖାନଙ୍କୁ ରାମପୁର ଜେଲରୁ ମୁକ୍ତ କରାଯାଇଥିଲା। ଇଡି ତାଙ୍କୁ ଜେଲ ଗେଟରେ ଗିରଫ କରି ଗାଜିଆବାଦ ନେଇଯାଇଥିଲା। ରବିବାର ଗାଜିଆବାଦରେ ହାଜର ହେବା ପରେ, ଆଜମ୍ ଖାନ୍‌ଙ୍କୁ ଡାସନା ଜେଲକୁ ପଠାଯାଇଥିଲା। ଆଜି ତାଙ୍କ ରିମାଣ୍ଡ ହାଜତ ଉପରେ ଶୁଣାଣି ହେବାର ସମ୍ଭାବନା ଅଛି। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବି ମୋହନାଙ୍କ ଖଣ୍ଡପୀଠ ଆଜମ୍ ଖାନ୍‌ଙ୍କ ଓକିଲ ନିଜାମ ପାଶାଙ୍କ ଯୁକ୍ତିକୁ ଧ୍ୟାନକୁ ନେଇଥିଲେ ଓ ଜରୁରୀ ଶୁଣାଣି ପାଇଁ ଆବେଦନକୁ ତାଲିକାଭୁକ୍ତ କରିବାକୁ ମନା କରିଥିଲେ। ତଥାପି ମୁଖ୍ୟ ବିଚାରପତି କହିଛନ୍ତି ଯେ, ଚଳିତ ସପ୍ତାହରେ ଆବେଦନର ଶୁଣାଣି କରାଯାଇପାରିବ।

ଇଣ୍ଡସ୍ ଆପଷ୍ଟୋରର ନୂଆ ନାମ "ଫୋନପେ ଆପଷ୍ଟୋର



ନୂଆଦିଲ୍ଲୀ: ଇଣ୍ଡସ୍ ଆପଷ୍ଟୋର ନାମ ପରିବର୍ତ୍ତନ କରି ଫୋନପେ ଆପଷ୍ଟୋର ରଖାଯାଇଛି । ଏହି ରିବ୍ରାଣ୍ଡିଂ ମାଧ୍ୟମରେ ଭାରତର ଡିଜିଟାଲ୍ ସାମଗ୍ରୀ ଓ ସେବା ପାଇଁ ଏକ ବ୍ୟାପକ ମାର୍କେଟପ୍ଲେସ୍ ଗଠନ ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି । ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, କର୍ଣ୍ଣାଟକ ଓ ତେଲେଙ୍ଗାନା ଏହି ପ୍ଲାଟଫର୍ମର ଶୀର୍ଷ ୫ଟି ବ୍ୟବହାରକାରୀ ରାଜ୍ୟ ରହିଛନ୍ତି । ଏଥିରେ ଚାଟଜିପିଟି, ଡୁଓଲିଙ୍ଗୋ, ସେୟାରଚାର୍ଟ, ସୋନି ଲିଭ୍ ଭଳି ଲୋକପ୍ରିୟ ଆପ୍ ସହ ଗେମ୍ ମଧ୍ୟ ଉପଲବ୍ଧ । ଓଇଏମ୍ ସହଭାଗିତା ଯୋଗୁଁ ଏହା ୨୦ କୋଟିରୁ ଅଧିକ ଡିଭାଇସରେ ପହଞ୍ଚିପାରିଛି । କମ୍ପାନୀର ଚିଫ୍ ବିଜନେସ୍ ଅଫିସର ପ୍ରିୟା ନରସିଂହନଙ୍କ କହିବା ଅନୁଯାୟୀ, ଫୋନପେର ବ୍ରାଣ୍ଡ ବିଶ୍ୱସନୀୟତା ଓ ବ୍ୟାପକ ପହଞ୍ଚ ଏହି ପ୍ଲାଟଫର୍ମକୁ ଆହୁରି ମଜବୁତ କରିବ । ଏହାଦ୍ୱାରା ଡେଭଲପରମାନେ ବିଜ୍ଞାପନ, ଗିଫ୍ଟ କାର୍ଡ ଓ ଟପ୍-ଅପ୍ ମାଧ୍ୟମରେ ଆୟର ନୂଆ ସୁଯୋଗ ପାଇପାରିବେ । ଏଣିକି ଏହି ପ୍ଲାଟଫର୍ମରେ ଆପ୍ ଓ ଗେମ୍ ସହ ବିଭିନ୍ନ ଗିଫଙ୍ଗ କାର୍ଡ ଏବଂ ଟପ୍-ଆପରେ ଆକର୍ଷଣୀୟ ଅଫର ମଧ୍ୟ ମିଳିବ । ଫୋନପେର ସୁରକ୍ଷିତ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ ଡିଜିଟାଲ୍ ସାମଗ୍ରୀର କ୍ରୟ ଓ ବ୍ୟବହାରକୁ ସହଜ କରିବା ସହ ଡେଭଲପରମାନଙ୍କୁ ବିତରଣ ଓ ଆୟ ବୃଦ୍ଧିର ସୁଯୋଗ ଦେବା ଏହାର ଲକ୍ଷ୍ୟ ।

ମହଙ୍ଗା ପଡ଼ିଲା ବିବାଦୀୟ ମନ୍ତବ୍ୟ: କ୍ଷମା ମାଗିଲେ ଧୀରେନ୍ଦ୍ର ଶାସ୍ତ୍ରୀ



ନୂଆଦିଲ୍ଲୀ: ଭଗବାନ ଶ୍ରୀକୃଷ୍ଣଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ରଖିଛନ୍ତି ବାଗେଶ୍ୱରଧାମର ପୀଠାଧୀଶ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ। କଥାବାଚନ ସମୟରେ ଧୀରେନ୍ଦ୍ର ଶାସ୍ତ୍ରୀ ଭଗବାନ ରାମଙ୍କ ସହ ଭଗବାନ କୃଷ୍ଣଙ୍କ ତୁଳନା କରିଥିଲେ। କିନ୍ତୁ ଏଥିପାଇଁ ସେ ବ୍ୟବହାର କରିଥିବା ଶବ୍ଦକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସ୍ପଷ୍ଟୀକରଣ ଦେଇ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି, "ଗୋଟିଏ ଭିଡିଓରେ ଆମେ ଭାବବିହ୍ୱଳ ହୋଇ ଠାକୁରଙ୍କୁ ସ୍ନେହଭରା ଅଭିମାନରେ କହିଥିଲୁ ଯେ, ଆମର ରାମଜୀ ସରଳ, କିନ୍ତୁ ଠାକୁରଜୀ ଟିକେ ବଙ୍କା। ଏହାର ଅନେକ ଲୋକ ଭୁଲ୍ ଅର୍ଥ ବାହାର କରି ବିଭିନ୍ନ ସ୍ଥାନରେ ଅନାବଶ୍ୟକ ଆଲୋଚନା ଆରମ୍ଭ କରିଦେଇଥିଲେ। ଆମେ ନମ୍ରତାର ସହ କହିବାକୁ ଚାହୁଁଛୁ ଯେ, ଆମେ ନିଜେ ଠାକୁରଜୀଙ୍କ ଭକ୍ତ। ଆମେ ବ୍ରଜଭୂମିର ମଧ୍ୟ ଭକ୍ତ। ଆମେ ନିଜେ ବ୍ରଜରେ ରହିବାକୁ ଚାହୁଁଥିଲୁ। ଯେତେବେଳେ ବି ପ୍ରାର୍ଥନା କରୁଥିଲୁ, ଠାକୁରଜୀଙ୍କୁ ବ୍ରଜରେ ରହିବାର ସୁଯୋଗ ଦେବାକୁ ଅନୁରୋଧ କରୁଥିଲୁ। ଆମେ ଯେତେଦୂର ସମ୍ଭବ ଶ୍ରୀମଦ୍ଭାଗବତ କଥା କହୁ ଏବଂ ଠାକୁରଜୀଙ୍କ ଗୁଣଗାନ କରୁ। ଆମେ ଏହି ଅଭିମାନଭରା କଥା କହି ଭଗବାନ ରାମ ଓ ଭଗବାନ କୃଷ୍ଣଙ୍କ ମଧ୍ୟରେ କୌଣସି ଭେଦ ସୃଷ୍ଟି କରିବାକୁ ଚାହୁଁ ନଥିଲୁ। ଯେପରି ସଖୀମାନେ ଶ୍ରୀରାମଙ୍କୁ ଅଭିମାନ କରି କଥା କହନ୍ତି, ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଅଭିମାନ କରନ୍ତି। ସେହି ଭାବରେ ଆମେ ଜଣେ ସନ୍ଥଙ୍କର ଏକ ବେଶ୍ ଲୋକପ୍ରିୟ ପଦକୁ ଆଧାର କରି କଥା କହିଥିଲୁ। ସେହି ପଦରେ କୁହାଯାଇଛି ଯେ, ବଂଶୀ ବଜାଇବା ଏକ ଖେଳ ହୋଇପାରେ, କିନ୍ତୁ ଧନୁ ଉଠାଇବା ଖେଳ ନୁହେଁ। ସେହି ଭାବରେ ଆମେ ଏହି କଥା କହିଥିଲୁ ଏବଂ ତାହାର ବ୍ୟାଖ୍ୟା କରୁଥିଲୁ। କିନ୍ତୁ ଅନେକ ଲୋକ ସମ୍ପୂର୍ଣ୍ଣ ଭିଡିଓ ନଦେଖି କେବଳ ଅଧା ଭିଡିଓ ଦେଖି ଆମକୁ କୃଷ୍ଣ ବିରୋଧୀ ବୋଲି କହିଦେଲେ।"ଆମେ କୃଷ୍ଣ ବିରୋଧୀ ନୋହୁଁ। ଆମେ ନିଜେ ଠାକୁରଜୀଙ୍କ ଭକ୍ତ। ଶ୍ରୀକୃଷ୍ଣ ଜନ୍ମଭୂମି ପାଇଁ ଆମେ ବାରମ୍ବାର ସ୍ୱର ଉଠାଇଥାଉ। ଆମ ନାମରେ ମଧ୍ୟ ତାଙ୍କ ନାମ ରହିଛି। ତାଙ୍କ କୃପାରୁ ହିଁ ଆମର ଜୀବନ। ତଥାପି ଆମ କଥା ଓ ଭାବନାର ବ୍ୟାଖ୍ୟା ଯୋଗୁଁ ଯଦି କାହା ମନରେ କିଛି ଆଘାତ ଲାଗିଥାଏ, ତେବେ ଆମେ ନମ୍ରତାର ସହ କ୍ଷମା ପ୍ରାର୍ଥନା କରୁଛୁ।"ଧୀରେନ୍ଦ୍ର ଶାସ୍ତ୍ରୀ କହିଥିଲେ, "ତୁମେ ନିଜ ଠାକୁରଜୀଙ୍କର ଯେକୌଣସି ଫଟୋ ଦେଖିନିଅ। ସେ ଠିଆ ହୋଇଥିଲେ ମଧ୍ୟ ତିନୋଟି ସ୍ଥାନରୁ ବଙ୍କା ହୋଇ ରହିଥାନ୍ତି। ପାଦ ଉପରେ ପାଦ ରଖି, ଅଣ୍ଟାକୁ ମୋଡ଼ି, ମୁଣ୍ଡକୁ ବଙ୍କା କରି ବଂଶୀ ବଜାଉଥାନ୍ତି। କିନ୍ତୁ ଆମ ରାମଜୀ ଠିଆ ହେଲେ ମଧ୍ୟ ସିଧା ଠିଆ ହୁଅନ୍ତି। ଆମ ରାମଜୀଙ୍କ ନାମ ମଧ୍ୟ ସିଧା, ଚାଲିବା ମଧ୍ୟ ସିଧା ଏବଂ ଦେଖିବାକୁ ମଧ୍ୟ ସିଧା।

ରଣଜୀ ଟ୍ରଫି

ବର୍ଷା ପରେ ଅନ୍ଧାରୁଆ ପାଗ ହେଲା ବାଧକ

ପ୍ରଥମ ଦିନ ୨୫ ଓଭର, ୩ ୱିକେଟ୍, ୩୭ ରନ

ଭୁବନେଶ୍ୱର,୨।୧୧(ସବ୍ୟୁ): ଚଳିତ ରଣଜୀ ଋତୁରେ ଓଡ଼ିଶା ଚତୁର୍ଥ ତଥା ଘରୋଇ ପରିବେଶରେ ଦ୍ୱିତୀୟ ମ୍ୟାଚ ଝାଡ଼ଖଣ୍ଡ ବିପକ୍ଷରେ ଖେଳୁଛି। କିଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏଲିଟ ଗ୍ରୁପ ସି'ର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଝାଡ଼ଖଣ୍ଡକୁ ଭେଟିଛି ଓଡ଼ିଶା। ପ୍ରଥମ ଦିନ ଆରମ୍ଭରୁ ବର୍ଷା ବାଧକ ସାଜିଥିବା ବେଳେ ତୃତୀୟ ଅଧିବେଶନରେ ଖରାପ ଆଲୋକ କାରଣରୁ ଅମ୍ପାୟାର ପ୍ରଥମ ଦିନ ଷ୍ଟମ୍ପଅପସାରଣ ଘୋଷଣା କରିଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଝାଡ଼ଖଣ୍ଡ ୨୫ ଓଭର ଖେଳି ୩ ୱିକେଟ୍ ବିନିମୟରେ ୩୭ ରନ୍ କରିଛି। ୨ଟି ଅଧିବେଶନ ସମ୍ପୂର୍ଣ୍ଣରୂପ ଧୋଇ ଯାଇଥିଲା। ଓଡ଼ିଶାର ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତି ୯ ଓଭର ବୋଲିଂ କରି ୪ ମେଡେନ ସହ ୧୫ ରନ ବ୍ୟୟରେ ୨ ୱିକେଟ୍ ଅକ୍ତିଆର କରିଥିଲେ। ଝାଡ଼ଖଣ୍ଡ ଅଧିନାୟକ ବିରାଟ ସିଂ ୬୫ ବଲରୁ ୧୪ ଓ ଆଦିତ୍ୟ ସିଂ ୩୦ ବଲରୁ ୧୦ ରନ୍ କରି ଅପରାଜିତ ଅଛନ୍ତି।

ସକାଳୁଆ ଝିପି ଝିପି ବର୍ଷା ଯୋଗୁଁ ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରିନଥିଲା। ମେଘୁଆ ପାଗ ସତ୍ତ୍ୱେ ବର୍ଷା ଥମିବାରୁ ପଡ଼ିଆରୁ କଭର ହଟିଥିଲା। ସୁପର ସପର ସହାୟତାରେ ପଡ଼ିଆକୁ ଖେଳ ପାଇଁ ଅନୁକୂଳ କରିଥିଲେ କ୍ୟୁରେଟଙ୍କ ସହ ସହକର୍ମୀ। ମଧ୍ୟାହ୍ନ ଭୋଜନ ବିରତିର ଅଧଘଣ୍ଟାଏ ପରେ ଅର୍ଥାତ୍ ୧୨.୩୮ରେ ପ୍ରଥମ ବଲ ପଡ଼ିଥିଲା। ଏହି ମ୍ୟାଚରେ ଟସ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଝାଡ଼ଖଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଆର୍ଯ୍ୟମାନ ସେନଙ୍କ ସହ ଶରଣଦୀପ ସିଂ ପାଳି ଆରମ୍ଭ କରିଥିଲେ। କିନ୍ତୁ ଏହି ଯୋଡି ବେଶି ସମୟ ରହିପାରିନଥିଲା। ନୂଆବଲରେ ରାଜେଶ ମହାନ୍ତି ବ୍ୟକ୍ତିଗତ ଦ୍ୱିତୀୟ ଓଭରରେ ଆର୍ଯ୍ୟମାନ ସେନ (୧)ଙ୍କୁ କ୍ଲିନବୋଲ୍ଡ କରି ଦଳକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ପୁଣି ଚତୁର୍ଥ ଓଭରରେ ଶରଣଦୀପ ସିଂ ବ୍ୟକ୍ତିଗତ ୫ ରନ କରି ଅନୀଲ ପରିଡାଙ୍କ ଦ୍ୱାରା ରନ ଆଉଟ୍ ହୋଇଥିଲେ। ଉତ୍କର୍ଷ ଓ ଶରଣଦୀପଙ୍କ ମଧ୍ୟରେ ତାଳମେଳ ଅଭାବରୁ ଦଳୀୟ ସ୍କୋର ୧୧ ରନ ବେଳେ ଝାଡ଼ଖଣ୍ଡ ଦ୍ୱିତୀୟ ୱିକେଟ୍ ହରାଇଥିଲା। ପୁଣି ୧୫ ରନ ସ୍କୋରରେ ଉତ୍କର୍ଷ ପାଭିଲିୟନ୍ ଫେରିଥିଲେ। ବାମହାତୀ ଉତ୍କର୍ଷ ରାଜେଶ ମହାନ୍ତିଙ୍କ ଏକ ଆଉଟ ସୁଇଙ୍ଗ ବଲକୁ ଖେଳିବା ପ୍ରୟାସରେ ୱିକେଟ୍ ରକ୍ଷକ ରଜେଶ ଧୂପରଙ୍କ ହାତରେ ଧରାପଡିଥିଲେ। ୧୨.୨ ଓଭରରେ ୩ ୱିକେଟ୍ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା ଝାଡ଼ଖଣ୍ଡ। କିନ୍ତୁ ଅଧିନାୟକ ବିରାଟ ସିଂ ଓ ଆଦିତ୍ୟ ସିଂ ପାଖା ପାଖି ୧୭ ଓଭର ବ୍ୟାଟିଂ କରି ଆଉ ୱିକେଟ୍ ଝଡ଼ିବାକୁ ଦେଇନଥିଲେ। ବିରାଟ ୬୫ ବଲର ସମ୍ମୁଖୀନ ହୋଇ ୧୪ ରନ ଓ ଆଦିତ୍ୟ ସିଂ ୩୦ ବଲରୁ ୧୦ ରନ୍ କରି ଅପରାଜିତ ଥିଲେ। ଚା' ପାନ ବିରତି ପରେ ମାତ୍ର ୩ରୁ ୪ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଆକାଶରେ କଳାହାଣ୍ଡିଆ ମେଘ ଛାଇ ଯିବାରୁ ମ୍ୟାଚ ପାଇଁ ଆବଶ୍ୟକ ଆଲୋକର ଅଭାବ ହୋଇଥିଲା। ବାରମ୍ବାର ଅମ୍ପାୟାର ନିରୀକ୍ଷଣ କରିବା ପରେ ଅପରାହ୍ନ ୩.୪୫ରେ ପ୍ରଥମ ଦିନ ଖେଳ ଶେଷ ଘୋଷଣା କରିଥିଲେ।



ଟାମର ବକ୍ସିଂରେ ଭାରତର ଦବଦବା

୪ ସ୍ୱର୍ଣ୍ଣ ସହ ୧୪ ପଦକ: ଆରତୀ, ଅରୁନ୍ଧତୀ, ଅଙ୍କୁଶିତା, ପବନଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଫିନ୍ଲାଣ୍ଡର ଟାମ୍ପେରେରେ ଆୟୋଜିତ ୪୬ତମ ଅନ୍ତର୍ଜାତୀୟ ଟାମର ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ବକ୍ସରଙ୍କ ଚମତ୍କାର ପ୍ରଦର୍ଶନ। ଭାରତ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ ୧୪ ପଦକ ଜିତି ପଦକ ତାଲିକାର ଶୀର୍ଷରେ ରହିଛି। ରବିବାର ଏହି ପ୍ରତିଯୋଗିତା ଶେଷ ହୋଇଥିଲା।

ମହିଳା ୫୪ କେଜି ବର୍ଗରେ ଆରତୀ ଧରିୟାଲ, ୭୫ କେଜିରେ ଅଙ୍କୁଶିତା ବୋରୋ, ୭୦ କେଜିରେ ଅରୁନ୍ଧତୀ ଚୌଧୁରୀ ଏବଂ ପୁରୁଷ ୫୫ କେଜିରେ ପବନ ବର୍ତ୍ୱାଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୬୦ କେଜି ବର୍ଗରେ ହୁସାମ ମହମ୍ମଦ ଓ ମହିଳା ୫୭ କେଜିରେ ଜାସ୍ମିନ୍ ରୌପ୍ୟ ପଦକ ଜିତିଛନ୍ତି।

ମହିଳା ୫୪ କେଜି ଫାଇନାଲରେ ଆରତୀ ସ୍କଟଲାଣ୍ଡର କର୍ନାଚାନ୍ ଷ୍ଟିଫେନ୍ସଙ୍କୁ ୫-୦ରେ ପରାସ୍ତ କରିଥିଲେ। କମନୱେଲ୍ଥ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଅରୁନ୍ଧତୀ ୭୦ କେଜି ଫାଇନାଲରେ ଆୟର୍ଲାଣ୍ଡର ଇଘାରୋ ଏଭଲିନ୍ ଇଭିଙ୍କୁ ୩-୨ରେ ହରାଇଥିଲେ।

ଅଙ୍କୁଶିତା ୭୫ କେଜି ଫାଇନାଲରେ ଇଂଲଣ୍ଡର ଥମ୍ପଷ୍ଟୋନ୍ ଏଲାଙ୍କୁ ୪-୧ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିବାବେଳେ ପବନ ୫୫ କେଜି ଫାଇନାଲରେ ଆୟର୍ଲାଣ୍ଡର ଲୁଇସ୍ ରୁନିଙ୍କୁ ୫-୦ରେ ହରାଇଥିଲେ।

କାଂସ୍ୟ ପଦକ ବିଜେତାଙ୍କ ମଧ୍ୟରେ ପୁରୁଷ ବର୍ଗରେ ବିବେକ ମୀନା (୬୫ କେଜି), ହିତେଶ (୭୦ କେଜି), ଅକ୍ଷୟ (୮୦ କେଜି), ବୋବିନ ଚୌହାନ (୯୦ କେଜି) ଓ ଚେତନ ଚୌଧୁରୀ (୯୦ କେଜିରୁ ଅଧିକ) ରହିଛନ୍ତି। ମହିଳା ବର୍ଗରେ ତନୁ (୫୧ କେଜି), ଦିଶା ପାଟିଲ (୬୦ କେଜି) ଓ ଇମରୋଜ ଖାନ୍ (୭୫ କେଜି) କାଂସ୍ୟ ପଦକ ଜିତିଛନ୍ତି।

ଭାରତୀୟ ଦଳର ପ୍ରଦର୍ଶନକୁ ପ୍ରଶଂସା କରି ଭାରତୀୟ ବକ୍ସିଂ ମହାସଂଘର ସଭାପତି ଅଜୟ ସିଂହ କହିଛନ୍ତି, ଫିନ୍ଲାଣ୍ଡରେ ଦଳର ଉତ୍କୃଷ୍ଟ ପ୍ରଦର୍ଶନ ଓ ପଦକ ତାଲିକାର ଶୀର୍ଷ ସ୍ଥାନ ଗର୍ବର ବିଷୟ। ଏହି ପ୍ରତିଯୋଗିତା ଦଳର ରିଜର୍ଭ ଶକ୍ତିକୁ ପରୀକ୍ଷା କରିବା ସହ ବକ୍ସରଙ୍କୁ ଅନ୍ତର୍ଜାତୀୟ ଅନୁଭବ ଦେବାରେ ସହାୟକ ହୋଇଛି। ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଯୋଗ୍ୟତା ପ୍ରତିଯୋଗିତା ପାଇଁ ଏହି ଫଳାଫଳ ଭାରତକୁ ଆତ୍ମବିଶ୍ୱାସ ଦେବ ବୋଲି ସେ କହିଛନ୍ତି।

ଟାମର ବକ୍ସିଂ ଟୁର୍ଣ୍ଣାମେଣ୍ଟ ଟାମ୍ପେରେ ବକ୍ସିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ହୋଇଥାଏ। ୧୯୭୭ରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଅନ୍ତର୍ଜାତୀୟ ବକ୍ସିଂ କ୍ୟାଲେଣ୍ଡରର ଏକ ପ୍ରତିଷ୍ଠିତ ଇଭେଣ୍ଟ। ଭାରତ ଏଥିରେ ୧୪ ଜଣିଆ ଦଳ ପଠାଇଥିଲା।



ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ: କଟକ ଚାମ୍ପିଅନ

ପାଲଲହଡା,୨।୧୧(ସବ୍ୟୁ): ପାଲଲହଡା ଫୁଟବଲ କ୍ଲବ ଆନୁକୂଲ୍ୟରେ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ୩୮ ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ନାମେଣ୍ଟର ଆଜି ଥିଲା ଶେଷ ତଥା ଫାଇନାଲ ମ୍ୟାଚ !ଆଜିର ଏହି ଆକର୍ଷଣୀୟ ଓ ଚିତାକର୍ଷକ ମ୍ୟାଚରେ କଟକ ଯୁବଜ୍ୟୋତି ଫୁଟବଲ କ୍ଲବ ଅନୁଗୁଳ ଫୁଟବଲ କ୍ଲବକୁ ଚାରି ୨ ଗୋଲରେ ପରାସ୍ତ କରି ଚଳିତ ବର୍ଷର ପାଲଲହଡା କପ ଟ୍ରଫି ସମେତ ନଗଦ ୪୫୦୦୦/ଟଙ୍କାର ଅର୍ଥରାଶି ଗ୍ରହଣ କରିଛି !ଠିକ ସେଇଭଳି ଅନୁଗୁଳ ଜୁନିଅର ଫୁଟବଲ କ୍ଲବ ଦଳ ରନର୍ସ ଅପ ଭାବେ ଟ୍ରଫି ସମେତ ନଗଦ ୩୫୦୦୦/ ଟଙ୍କାର ଅର୍ଥରାଶି ଗ୍ରହଣ କରିଛି !ଆୟୋଜକ ପାଲଲହଡା କପର ସଭାପତି ଇଞ୍ଜିନିଅର ନୀଳାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅନୁଗୁଳ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଖେଳାଳି ଓ ଫୁଟବଲ ଦଳକୁ ପୁରସ୍କୃତ କରିଥିଲେ !ଚଳିତ ବର୍ଷ ପାଲଲହଡା କପର ମେନ ଅଫ ଦୀ ଟୁର୍ନାମେଣ୍ଟ ହିସାବରେ କଟକ ଦଳର ସତ୍ୟମ ସିଂ, ମେନ ଅଫ ଦୀ ମ୍ୟାଚ ଭାବେ କଟକର ସୋମନାଥ ଦାସଙ୍କୁ ଏବଂ ପାଲଲହଡାର ସ୍ଥାନୀୟ ନବ ନିଯୁକ୍ତ ଖେଳାଳି ଆକାଶ ମହାକୁଡ ଓ ରୋହିତ ଗାଗରାଇଙ୍କୁ ସଓ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା !ଶେଷରେ ଆୟୋଜକ ପାଲଲହଡା କପର ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ !ଆଜିର ମ୍ୟାଚକୁ ଓଡ଼ିଶାର ଖ୍ୟାତନାମା ରାଜ୍ୟସ୍ତରୀୟ ରେଫରୀ ଦୁର୍ଗାମାଧବ ନାୟକ ପରିଚାଳନା କରୁଥିବାବେଳେ ତାଙ୍କୁ ସହାୟତା ପ୍ରଦାନ କରୁଥିଲେ ଅନ୍ୟତମ ରେଫରୀ ଭାବେ ଶିବଶଙ୍କର ପଣ୍ଡା,ଦିଲ୍ଲୀପ କୁମାର ରାଉତ,ଉତ୍କଳମଣି ବେହେରା, ସଲିଳ ବେହେରା ମ୍ୟାଚର ଧାରବିବରଣୀକୁ ବରିଷ୍ଠ ଖେଳାଳି ଅଭୟ କୁମାର ନାଏକ ଓ ହରିହର ବେହେରା ପ୍ରଦାନ କରିଥିଲେ।

ଓଡ଼ିଶା ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ୍: କଳିଙ୍ଗ ରୋଲର୍ ସ୍ପୋର୍ଟ୍ସ ଏକାଡେମୀକୁ ୨୧ ପଦକ

ଜଟଣୀ,୨।୧୧(ସବ୍ୟୁ): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି ୪ର୍ଥ ଓଡ଼ିଶା ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ୍। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ପ୍ରତିଭାବାନ ଶିଶୁ ଏବଂ କିଶୋର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ମହାକୁମ୍ଭରେ କଳିଙ୍ଗ ରୋଲର୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଯୋଗୀମାନେ ନିଜ ନିଜ ଜିଲ୍ଲାର ପ୍ରତିନିଧିତ୍ୱ କରି ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ଏକାଡେମୀର ପ୍ରତିଭାବାନ ଖେଳାଳିମାନେ ମୋଟ ୮ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ୬ଟି ବ୍ରୋଞ୍ଜ ମେଡାଲ୍ ଅର୍ଜନ କରି ଏକାଡେମୀ ସହିତ ସମଗ୍ର ଜଟଣୀ ଏବଂ ଓଡ଼ିଶା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଅସାଧାରଣ ସଫଳତା ପଛରେ ରହିଛି ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଅଭିନ୍ନ ସାହୁଙ୍କ ଦକ୍ଷ ମାର୍ଗଦର୍ଶନ ଏବଂ କଠିନ ପରିଶ୍ରମ। ତାଙ୍କରି ସୁପରାମର୍ଶ ଏବଂ ଉତ୍ସାହ ଯୋଗୁଁ ଆଜି ଏହି କୁନି କୁନି ପ୍ରତିଭାମାନେ ରାଜ୍ୟସ୍ତରରେ ଏଭଳି ସଫଳତା ହାସଲ କରିପାରିଛନ୍ତି। ଏହି ସନ୍ଦର୍ଭରେ କଳିଙ୍ଗ ରୋଲର୍ ସ୍ପୋର୍ଟ୍ସ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଅଭିନ୍ନ ସାହୁ ପ୍ରକାଶ କରିଛନ୍ତି ଯେ, "ଜଟଣୀରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଁ କୌଣସି ଭଲ ସ୍କେଟିଂ ଟ୍ରାକ୍ ନାହିଁ। ଯଦି ଜଟଣୀରେ ଏକ ଭଲ ଟ୍ରାକ୍ ନିର୍ମାଣ କରାଯାଏ, ତେବେ ଏଠାକାର ପିଲାମାନେ ନିଜ ପ୍ରଦର୍ଶନରେ ଆହୁରି ଅଧିକ ସୁଧାର ଆଣିପାରିବେ ଏବଂ ଆଗକୁ ଆହୁରି ସଫଳତା ହାସଲ କରିବେ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

ସିବିଏସଇ ଜାତୀୟ ପ୍ରତିଯୋଗିତାରେ ଜିମ୍ନାଷ୍ଟ୍ ପ୍ରଭଞ୍ଜନଙ୍କ ସଫଳତା

ରାଉରକେଲା,୨।୧୧(ସବ୍ୟୁ): ପ୍ରଥମ ଥର ପାଇଁ ରାଉରକେଲା ରୁ ୬ ବାଳକ ଓ ୨ ବାଳିକା ମହାରାଷ୍ଟ୍ରର ପୁନେରେ ଆୟୋଜିତ ହେଇଥିବା ଜିମ୍ନାଷ୍ଟିକ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୧୧ ବର୍ଷରୁ କମ ବିଭାଗ ବର୍ଗ ରେ ଭାଗ ନେଇଥିବା ପ୍ରଭଞ୍ଜନ ମାହାଲା କାଂସ୍ୟ ପଦକ ଜିତି ସୁନ୍ଦରଗଡ଼ ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି। ପ୍ରଭଞ୍ଜନ ରାଉରକେଲା ସ୍ଥାନୀୟ ଛେଣ୍ଡ ସ୍ଥିତ କନକ ମଞ୍ଜରୀ ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ର। ପ୍ରଥମ ଥର ପାଇଁ ଜିଲ୍ଲା ରୁ ଯାଇଥିବା ସି ବି ଏସ ସି ଜାତୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଭାଗ ନେଇ ପ୍ରଭଞ୍ଜନ ଯେଉଁ ସଫଳତା ପାଇଛନ୍ତି ତାହା ଜିଲ୍ଲା ର ଅନ୍ୟ ଖେଳାଳିଙ୍କୁ ଅନୁପ୍ରାଣିତ କରିବ ବୋଲି ତାଙ୍କର କୋଚ୍ ସାୟନ ଦାସ କହିଛନ୍ତି । ପ୍ରଭଞ୍ଜନ ଙ୍କ ସଫଳତା ଜିଲ୍ଲା ପାଇଁ ଏକ ଖୁସି ଖବର ତାର ନିଷ୍ଠା ଓ ଏକାଗ୍ରତା ପାଇଁ ସେ ଏହି ସଫଳତା ପାଇଛି ବୋଲି ଓଡ଼ିଶା ଏଚ୍ ପି ସି ର ମୁଖ୍ୟ କୋଚ୍ ଅଶୋକ ମିଶ୍ର କହିଛନ୍ତି । ପଦକ ଜିତିବା ଖୁସିରେ ଅନେକ ଅଭିଭାବକ ଓ ପ୍ରଭଞ୍ଜନ ଙ୍କ ପିତା ରଶ୍ମି ରଞ୍ଜନ ମାହାଲା ମଧ ଖୁସି ଜାହିର କରିବା ସହିତ ତାର ମଙ୍ଗଳ କାମନା କରିଛନ୍ତି। ସୁନ୍ଦରଗଡ ଜିମ୍ନାଷ୍ଟିକ୍ ସଙ୍ଘ ଓ ରାଉରକେଲା ଜିମ୍ନାଷ୍ଟିକ୍ ସଂଘ ର ଗୋଲକ ବିହାରୀ ମଙ୍ଗରାଜ, ସୁଶାନ୍ତ ବେହେରା ,ସଞ୍ଜୟ ପ୍ରଧାନ,ନିଖିଲ କଳାକାର ପ୍ରଧାନ, ବିଜୟ ସୁନ୍ଦର ରାୟ, ସାଗର ମହାପାତ୍ର,ରାଜକିଶୋର ସିଂ , ମନୋଜ ମାଝୀ, ସୁଚିତ୍ରା ଦାସ,ଦୀପ୍ତି ବିଶ୍ୱାଳ,ଗରିମା ପତ୍ରି, ରୀନା ରାଣୀ, ସୌଭାଗିନି ରାଉତରାୟ, ତାରା କ୍ରିଷ୍ଣ ଓ ଗ୍ରେସି ଡେଭିଡ୍ ପ୍ରମୁଖ ପ୍ରଭଞ୍ଜନ ର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତ୍ତର ତ୍ତର କାମନା କରିଛନ୍ତି। ଚଳିତ ନଭେମ୍ବର ୧୪ ଶିଶୁ ଦିବସ ରେ ଛେଣ୍ଡ ସ୍ଥିତ ଜିମ୍ନାଷ୍ଟିକ୍ ସେଣ୍ଟର ରେ ପ୍ରଭଞ୍ଜନ କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଘର ସଭାପତି ସୂଚନା ଦେଇଛନ୍ତି ।



ରାଇଜିଂ ଷ୍ଟାର୍ସ ଏସିଆ କପ୍ ପାଇଁ ଭାରତୀୟ ଏ ଦଳ ଘୋଷିତ

ତିଳକ ବର୍ମା ଅଧିନାୟକ, ରଜତ ପାଟିଦାର ଉପଅଧିନାୟକ: ଅଭିଷେକ ଓ ବୈଭବଙ୍କ ଉପରେ ନଜର

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ୨୦୨୬ ପୁରୁଷ ରାଇଜିଂ ଷ୍ଟାର୍ସ ଏସିଆ କପ୍ ପାଇଁ ଭାରତୀୟ ଏ ଦଳ ଘୋଷଣା କରିଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ତିଳକ ବର୍ମାଙ୍କୁ ଦଳର ଅଧିନାୟକ ଏବଂ ରଜତ ପାଟିଦାରଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଦଳରେ ଅଭିଷେକ ଶର୍ମା ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ମିଳିଛି।କତାରର ରାଜଧାନୀ ଦୋହାରେ ନଭେମ୍ବର ୧୯ରୁ ୨୯ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଖେଳାଯିବ। ଭାରତୀୟ ଦଳ ଗ୍ରୁପ୍-ବିରେ ସ୍ଥାନ ପାଇଛି। ଏହି ଗ୍ରୁପ ଭାରତ ସହ ପାକିସ୍ତାନ, ନେପାଳ ଓ ୟୁଏଇ ରହିଛନ୍ତି। ଗ୍ରୁପ୍-ଏରେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ, ହଂକଂ ଓ ଚୀନ୍ ରହିଛନ୍ତି। ପ୍ରତି ଗ୍ରୁପ୍ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍କୁ ଉନ୍ନୀତ ହେବେ। ନଭେମ୍ବର ୨୬ ଓ ୨୭ରେ ସେମିଫାଇନାଲ୍ ଏବଂ ୨୯ ତାରିଖରେ ଫାଇନାଲ୍ ଖେଳାଯିବ। ପାକିସ୍ତାନ ସହ ନଭେମ୍ବର ୨୨ରେ ମୁକାବିଲା: ଭାରତ ନଭେମ୍ବର ୨୦ରେ ନେପାଳ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହା ପରେ ନଭେମ୍ବର ୨୨ରେ ପାକିସ୍ତାନ ଏ ଦଳକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚରେ ଭାରତ ନଭେମ୍ବର ୨୪ରେ ୟୁଏଇ ସହ ଖେଳିବ। **ଭାରତୀୟ ଏ ଦଳ:** ତିଳକ ବର୍ମା (ଅଧିନାୟକ), ରଜତ ପାଟିଦାର (ଉପଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମରନ ସିଂ (ୱିକେଟ୍କିପର), ରିଙ୍କୁ ସିଂ, କୁମାର କୁଶାଗ୍ର (ୱିକେଟ୍କିପର), ସୂର୍ଯ୍ୟାଂଶ ଶେଗଡେ, ଶାହବାଜ ଅହମ୍ମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିଆନ, ହର୍ଷିତ ରାଣା, ପ୍ରିନ୍ସ ଯାଦବ ଓ ଅର୍ଶଦ ଖାନ।



୭ରୁ ୱାଇଏମସିଏ ରାଜ୍ୟସ୍ତରୀୟ ଓପନ୍ ସ୍କୁଲ୍ ଚେସ୍

ଭୁବନେଶ୍ୱର,୨।୧୧(ସବ୍ୟୁ): କଟକ ଜିଲ୍ଲା ଚେସ୍ ଆସୋସିଏସନ୍ର ସହଯୋଗରେ ୱାଇଏମସିଏ କଟକ ପକ୍ଷରୁ ଆସନ୍ତା ୭ ନଭେମ୍ବରରେ ରାଜ୍ୟସ୍ତରୀୟ ଓପନ୍ ସ୍କୁଲ୍ ଚେସ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ଆୟୋଜିତ ହେବ। କଟକର ୱାଇଏମସିଏ, ପୁରୁଣା ସଚିବାଳୟ ରୋଡ୍, ବକ୍ସୀ ବଜାରଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ରାପିଡ୍ ଫର୍ମାଟ୍ରେ ଖେଳାଯିବ। ପ୍ରତି ଖେଳାଳିଙ୍କ ପାଇଁ ୧୫ ମିନିଟ୍ ସହ ୫ ସେକେଣ୍ଡ ଇନକମେଣ୍ଟ ରହିବ। ଏଥିରେ ମୋଟ ୨୧ ହଜାର ଟଙ୍କାର ପୁରସ୍କାର ରାଶି ସହ ୫୨ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ବୋଲି ୱାଇଏମ୍ସିଏ କଟକ ସଭାପତି ଡଃ ରାଜ ବଲ୍ଲଭ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରଥମ ପୁରସ୍କାର ୬ ହଜାର, ଦ୍ୱିତୀୟ ୪ ହଜାର ଏବଂ ତୃତୀୟ ପୁରସ୍କାର ୩ ହଜାର ଟଙ୍କା ସହ ଟ୍ରଫି ରହିଛି।

ଅଣ୍ଡର-୭, ଅଣ୍ଡର-୯, ଅଣ୍ଡର-୧୧, ଅଣ୍ଡର-୧୩ ଓ ଅଣ୍ଡର-୧୫ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ। ପ୍ରତି ବର୍ଗରେ ୫ ଜଣ ବାଳକ ଓ ୩ ଜଣ ବାଳିକା ପୁରସ୍କୃତ ହେବେ। ଏହା ସହ ସର୍ବକନିଷ୍ଠ ବାଳକ ଓ ବାଳିକାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ଖେଳାଳିଙ୍କୁ ମଧ୍ୟାହ୍ନ ଭୋଜନ ସହ ରାଜ୍ୟସ୍ତରୀୟ ଇ-ସାର୍ଟିଫିକେଟ୍ ଦିଆଯିବ।

ରାଜ୍ୟର ଯେକୌଣସି ସ୍ଥାନର ୧୫ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ୬୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣର ଶେଷ ତାରିଖ ୬ ନଭେମ୍ବର ସନ୍ଧ୍ୟା ୬ଟା।ପ୍ରତିଯୋଗିତା ସମ୍ପର୍କିତ ଅଧିକ ସୂଚନା ଓ ପଞ୍ଜୀକରଣ ପାଇଁ ୱାଇଏମ୍ସିଏ କଟକର ସାଧାରଣ ସମ୍ପାଦକ ଇଂ. ଆଲୋକ କୁମାର ସାହୁ (ମୋବାଇଲ୍: ୭୩୨୫୯୦୧୩୫୫) କିମ୍ବା ସତ୍ୟରଞ୍ଜନ ପଟ୍ଟନାୟକ (ମୋବାଇଲ୍: ୯୪୩୭୨୦୮୫୦୬)ଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ସିନିୟର ମହିଳା ଫିଡେ ରେଟେଡ୍ ଚେସ୍: ୧୪ ଜଣ ମିଳିତ ଅଗ୍ରଣୀ

ଭୁବନେଶ୍ୱର,୨।୧୧(ସବ୍ୟୁ): ଜଗତସିଂହପୁର ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ (ଅକ୍ୱଇଅ) ଆନୁକୂଲ୍ୟରେ ତଥା କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ସମ୍ମାନଜନକ ଓଡ଼ିଶା ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ୨୦୨୬ କ୍ୟାମ୍ପସ ୧୩ କିଟ୍ ବିଶ୍ୱବିଦ୍ୟାଳୟ, ପଟିଆ, ଭୁବନେଶ୍ୱରରେ ଉଦଘାଟିତ ହୋଇଯାଇଅଛି।



ପ୍ରତିଯୋଗିତାରେ ୩୪ଜଣ ପ୍ରାୟ ଅର୍ଦ୍ଧାଧିକ ଅନ୍ତର୍ଜାତୀୟ ତାରକା ଖେଳାଳିଙ୍କ ସହ ମୋଟ ୬୬ ଜଣ ଦକ୍ଷ ମହିଳା ଖେଳାଳି ଭାଗ ନେଇଛନ୍ତି । ପ୍ରଥମ ଦିନ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆୟୁଷି ରାୟ ଚୌଧୁରୀ, ଅନିଶା ମିଶ୍ର (ଉଭୟ ପୁରୀ) ଯାଶିତା ରାଉତ, ନୈନିକା ସାହୁ,ଅର୍ଣ୍ଣିକା ଦାଶ,ଶ୍ରେୟଂଶି ଛୋଟରାୟ (ସମସ୍ତେ ଖୋର୍ଦ୍ଧା) ସ୍ୱାରକୀ ମହାନ୍ତି କେନ୍ଦ୍ରାପଡ଼ା,ଶ୍ରଦ୍ଧା ସ୍ମରଣିକା ନନ୍ଦ,ନିଭ୍ରୀତା ପଟନାୟକ,ଜ୍ୟୋତିକା ସାହୁ (ସମସ୍ତ କଟକ), ସ୍ନେହାଯୁକ୍ତ ବେହେରା,ପଦ୍ମିନୀ ପାଣିଗ୍ରାହୀ (ଉଭୟ ଗଞ୍ଜାମ) ତୁଳସୀ ଟୁଡୁ,ସୁକାନ୍ତି ମୁର୍ମୁ ଉଭୟ (କିସ୍) ଙ୍କ ସହ ମୋଟ ୧୪ ଜଣ ଖେଳାଳି ପୂର୍ଣ୍ଣ ଦୁଇ ପଏଣ୍ଟ ସହ ମିଳିତ ଭାବେ ଅଗ୍ରଣୀ ଲାଭ କରିଛନ୍ତି। ଜଗତସିଂପୁର ଜିଲ୍ଲା ଚେସ ସଂଘ ସମ୍ପାଦକ ତଥା କୀଟ ଓ କିସ୍ ର କ୍ରୀଡା ମହାନିର୍ଦ୍ଦେଶକ ଡଃ ଗଗନେନ୍ଦୁ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଞ୍ଜନ ପଟନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ ଓ ସି ଏ ର ବର୍ତ୍ତମାନର କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି, କୋଷାଧକ୍ଷ ବି ବି ମିଶ୍ର,ପ୍ରାକ୍ତନ ଜାତୀୟ ଚେସ ଖେଳାଳି ଏସ ସତ୍ୟକାମ ଓ ଆଇ ଏମ୍ ସିଦ୍ଧାନ୍ତ ଙ୍କ ପିତା ମୁକ୍ତିକାନ୍ତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା କୁ ଅନ୍ତର୍ଜାତୀୟ ଅର୍ବିଟର ସନ୍ତୋଷ ମହାପାତ୍ର,ସୁରେଶ ଚନ୍ଦ୍ର ସାହୁ,ଜାତୀୟ ଅର୍ବିଟର ଗୌରହରି ମହାପାତ୍ର,ବିକ୍ରମ ବିଶ୍ୱାଳ,ଓ ବିଶ୍ମିତା ସାହୁ ପରିଚାଳନା କରୁଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି